ଆଜି - ବୁଧବାର
ତାରିଖ - ୧୮ ଫେବୃଆରୀ ୨୦୨୬
ମାସ - କୁମ୍ଭ, ଦିନ - ୦୬
ତିଥି - ପ୍ରତିପଦ, ପକ୍ଷ - ଶୁକ୍ଳ
ନକ୍ଷତ୍ର - ଶତଭିଷା, କୁମ୍ଭ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୧୮ : ୦୦
ସୂର୍ଯ୍ୟାସ୍ତ - ୫ : ୪୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଦେଶକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ଏବଂ ହୃଦୟବାନ୍ ବ୍ୟକ୍ତିଙ୍କ ଦେଶ ଭାବରେ ପ୍ରତିଷ୍ଠା କରିବାରେ ତିନିଜଣଲୋକଙ୍କର ପ୍ରମୁଖ ଭୂମିକା ରହିଥାଏ । ସେମାନେହେଲେ ଗୋଟିଏ ସନ୍ତାନର ବାପା, ମାଆ ଏବଂ ଶିକ୍ଷକ ।"
- ଡ. ଏପିଜେ ଅବଦୁଲ୍ କଲାମ୍


E-News : www.theajikali.com

Vol.- 40 ISSUE- 307 R.N.I. REGD. No. 44026/86 ବାଲେଶ୍ୱର ୧୮ ଫେବୃଆରୀ ୨୦୨୬ ବୁଧବାର BALASORE 18 FEBRUARY 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


# ଏଏନଆଇକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଲେ ପ୍ରଧାନମନ୍ତ୍ରୀ

## ଭାରତ ବିଶ୍ୱସ୍ତରରେ ଶ୍ରେଷ୍ଠ ତିନୋଟି ଏଆଇ ମହାଶକ୍ତି ମଧ୍ୟରେ ସ୍ଥାନ ପାଇବ

ନୂଆଦିଲ୍ଲୀ : ଦେଶର ରାଜଧାନୀ ନୂଆଦିଲ୍ଲୀରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆରମ୍ଭ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖବର ସରବରାହ ସଂସ୍ଥା ଏଏନଆଇକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇଛନ୍ତି । ଏଥିରେ ସେ ସମ୍ମିଳନୀର ବାର୍ତ୍ତା ସର୍ବଜନ ହିତାୟ, ସର୍ବଜନ ସୁଖାୟ (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି) ଉପରେ ଆଲୋକପାତ କରିଛନ୍ତି । ଏହି ସାକ୍ଷାତକାରର ବିବରଣୀ ନିମ୍ନରେ ଦିଆଗଲା:

ଏଏନଆଇ : ଭାରତ ପ୍ରଥମ ଥର ପାଇଁ ଗ୍ଲୋବାଲ୍ ସାଉଥ୍ରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଆୟୋଜନ କରୁଛି । ଏହି ସମ୍ମିଳନୀର ମୂଳମନ୍ତ୍ର ହେଉଛି ''ସର୍ବଜନ ହିତାୟ, ସର୍ବଜନ ସୁଖାୟ' (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କର ଖୁସି) । ଏହି ସମ୍ମିଳନୀର ଉଦ୍ଦେଶ୍ୟ କ'ଣ ଏବଂ ଏପରି ବାର୍ତ୍ତା କାହିଁକି ରଖାଯାଇଛି

ପ୍ରଧାନମନ୍ତ୍ରୀ: ଆଜି, ଏଆଇ ଏକ ସଭ୍ୟତାର ପରିବର୍ତ୍ତନ ବିନ୍ଦୁରେ ଠିଆ ହୋଇଛି । ଏହା ଅଭୂତପୂର୍ବ ଉପାୟରେ ମାନବ କ୍ଷମତାକୁ ବିସ୍ତାର କରିପାରିବ, କିନ୍ତୁ ଯଦି ଏହାକୁ ସଠିକ ମାର୍ଗଦର୍ଶନ କରା ନ ଯାଏ ତେବେ ଏହା ବର୍ତ୍ତମାନ ସାମାଜିକ ଭିତିଭୂମିକୁ ମଧ୍ୟ କ୍ଷତିଗ୍ରସ୍ତ



କରିପାରେ । ସେଥିପାଇଁ ଆମେ ଜାଣିଶୁଣି ଏହି ଶିଖର ସମ୍ମିଳନୀକୁ ଏପରି ପ୍ରସ୍ତୁତ କରିଛୁ ଯାହା କେବଳ ନବୋନ୍ମେଷ ନୁହେଁ ବରଂ ଅର୍ଥପୂର୍ଣ୍ଣ ଏବଂ ସମାନ ଫଳାଫଳ ସୁନିଶ୍ଚିତ କରେ । ସମ୍ମିଳନୀର ବାର୍ତ୍ତା, ''ସର୍ବଜନ ହିତାୟ, ସର୍ବଜନ ସୁଖାୟ'', ଭାରତର ସଭ୍ୟତାଗତ ଦର୍ଶନକୁ ପ୍ରତିଫଳିତ କରେ । ପ୍ରଯୁକ୍ତିର ଶେଷ ଲକ୍ଷ୍ୟ 'ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କର ଖୁସି' ହେବା ଉଚିତ । ପ୍ରଯୁକ୍ତିବିଦ୍ୟା ମାନବତାର ସେବା ପାଇଁ ରହିଛି, ଏହାକୁ ବଦଳାଇବା ପାଇଁ ନୁହେଁ । ଏହି ଶିଖର ସମ୍ମିଳନୀ ସାଧାରଣ ଲୋକ, ପୃଥିବୀ ଏବଂ ପ୍ରଗତି ଉପରେ ଆଧାରିତ । ଏଆଇ ସିଷ୍ଟମଗୁଡ଼ିକ ବିଶ୍ୱବ୍ୟାପୀ ସମାଜରେ ସୃଷ୍ଟି ହୋଇଥିବା ଜ୍ଞାନ ଏବଂ ତଥ୍ୟ ଉପରେ ନିର୍ଭର କରେ । ତେଣୁ, ଆମେ ଚାହୁଁଛୁ ଯେ ଏଆଇର ଲାଭ ସମସ୍ତଙ୍କ ନିକଟରେ ପହଂଚୁ ଏବଂ କେବଳ ପ୍ରାରମ୍ଭିକ ଗ୍ରହଣକାରୀଙ୍କ ପାଖରେ ସୀମିତ ନରହୁ । ଗ୍ଲୋବାଲ୍ ସାଉଥରେ ଆୟୋଜିତ ପ୍ରଥମ ବିଶ୍ୱ ଏଆଇ ଶିଖର ସମ୍ମିଳନୀ ଆୟୋଜନ କରି ଭାରତ ଏକ ପ୍ଲାଟଫର୍ମ ସୃଷ୍ଟି କରୁଛି ଯାହା ସମସ୍ତଙ୍କ ସ୍ୱର ଏବଂ ବିକାଶ ପ୍ରାଥମିକତାକୁ ବୃଦ୍ଧି କରିଛି । ଏଆଇ ଶାସନ, ସମାବେଶୀ ଡାଟାସେଟ୍, ଜଳବାୟୁ ପ୍ରୟୋଗ, କୃଷି ଉତ୍ପାଦକତା, ଜନସ୍ୱାସ୍ଥ୍ୟ ଏବଂ ବହୁଭାଷୀ ଉପଲବ୍ଧତା ଆମ ପାଇଁ ସୀମିତ ପ୍ରସଙ୍ଗ ନୁହେଁ, ବରଂ ସେଗୁଡ଼ିକ ମୁଖ୍ୟ ପ୍ରସଙ୍ଗ । ଆମର ଦୃଷ୍ଟିକୋଣ ସ୍ପଷ୍ଟ: ଏଆଇ ଗଭୀର ଭାବରେ ମାନବ-କୈନ୍ଦ୍ରିକ ରହି ବିଶ୍ୱ ବିକାଶକୁ ତ୍ୱରାନ୍ୱିତ କରିବା ଉଚିତ ।

ପ୍ରଧାନମନ୍ତ୍ରୀ: ଏଆଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଅଭିମୁଖେ ଯାତ୍ରାରେ ଏକ ପରିବର୍ତ୍ତନକାରୀ ସୁଯୋଗକୁ ପ୍ରତିନିଧିତ୍ୱ କରେ । ଏକ ରଣନୀତିକ ଦୃଷ୍ଟିକୋଣ ସହିତ ଏଆଇକୁ ସଚେତନ ଭାବରେ ବ୍ୟବହାର କରିବା ଦ୍ୱାରା ସମ୍ପୂର୍ଣ୍ଣ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି କରିବା ସହିତ ଗଭୀର ବିକାଶମୂଳକ ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ସାହାଯ୍ୟ ମିଳିଥାଏ । ଏହାଦ୍ୱାରା ସମାବେଶୀ ଅଭିବୃଦ୍ଧି ସକ୍ଷମ ହୋଇଥାଏ, ସହରାଂଚଳ-ଗ୍ରାମାଂଚଳ ବିଭାଜନ ଦୂର ହୁଏ ଏବଂ ସୁଯୋଗର ପ୍ରବେଶକୁ ବିସ୍ତାର କରାଯାଏ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ, ଏଆଇ ପୂର୍ବରୁ ପ୍ରଭାବ ବିସ୍ତାର କରି ଆସୁଛି । ଆମେ ପ୍ରାଥମିକ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଯକ୍ଷ୍ମା, ମଧୁମେହ ରେଟିନୋପାଥି, ଏପିଲେପ୍ସି ଏବଂ ଅନ୍ୟାନ୍ୟ ରୋଗର ପ୍ରାରମ୍ଭିକ ଚିହ୍ନଟ ପାଇଁ ଏଆଇ-ଆଧାରିତ ସମାଧାନ ଦେଖୁଛୁ । ଶିକ୍ଷା କ୍ଷେତ୍ରରେ, ଭାରତୀୟ ଭାଷାରେ ଏଆଇ-ଚାଳିତ ବ୍ୟକ୍ତିଗତ ଶିକ୍ଷା ପ୍ଲାଟଫର୍ମ ଗ୍ରାମାଂଚଳ ଏବଂ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଶୈକ୍ଷିକ ସହାୟତା ପାଇବାରେ ସାହାଯ୍ୟ କରୁଛି । ଏକ ଅତ୍ୟନ୍ତ ଅନନ୍ୟ ପଦକ୍ଷେପ କ୍ରମେ, ଅମୂଲ ହଜାର ହଜାର ଗ୍ରାମର ୩୬ଲକ୍ଷ ମହିଳା ଦୁଗ୍ଧ ଚାଷୀଙ୍କ ପାଖରେ ପହଂଚିବା ପାଇଁ ଏଆଇର ବ୍ୟବହାର କରୁଛି । ଗୁଜୁରାଟୀରେ ଗୋରୁ ସ୍ୱାସ୍ଥ୍ୟ ଏବଂ ଉତ୍ପାଦକତା ଉପରେ ପ୍ରକୃତ-ସମୟରେ ମାର୍ଗଦର୍ଶନ ପ୍ରଦାନ କରୁଛି । ଏଥିସହିତ ତୃଣମୂଳ ସ୍ତରର ମହିଳା ଉତ୍ପାଦକମାନଙ୍କୁ ସଶକ୍ତ କରୁଛି । କୃଷି କ୍ଷେତ୍ରରେ, ଭାରତ ଭିସ୍ତାର ପ୍ରୟାସର ଲକ୍ଷ୍ୟ ହେଉଛି ଫସଲ ପରାମର୍ଶ, ମୃତିକା ବିଶ୍ଳେଷଣ ଏବଂ ପାଣିପାଗ ବୁଦ୍ଧିମତା ସହିତ ଏଆଇକୁ ଏକୀକୃତ କରିବା । ଏହା ଚାଷୀମାନଙ୍କୁ ଉତମ ତଥା ସ୍ଥାନୀୟ ନିଷ୍ପତି ନେବାରେ ସାହାଯ୍ୟ କରିବ । ଐତିହ୍ୟ ସଂରକ୍ଷଣରେ ମଧ୍ୟ ଏଆଇ ପ୍ରାଚୀନ ପାଣ୍ଡୁଲିପିର ଡିଜିଟାଇଜେସନ୍ ଏବଂ ବ୍ୟାଖ୍ୟାକୁ ସକ୍ଷମ କରୁଛି । ଏହା ଭାରତର ସଭ୍ୟତାଗତ ଜ୍ଞାନ ପ୍ରଣାଳୀକୁ ଉନ୍ମୁକ୍ତ କରୁଛି । ଯେତେବେଳେ ବିଶ୍ୱ ଏଆଇ


▶▶ ପୃଷ୍ଠା-୬ ରେ


# ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ମିଳିତ ପ୍ରେସ୍ ବିବୃତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ : ମୋର ପ୍ରିୟ ବନ୍ଧୁ, ରାଷ୍ଟ୍ରପତି ମାକ୍ରନଙ୍କୁ ମୁମ୍ବାଇରେ ସ୍ୱାଗତ କରି ମୁଁ ଅତ୍ୟନ୍ତ ଖୁସି ଅନୁଭବ କରୁଛି । ଗତ ବର୍ଷ, ସେ ମୋତେ ଫ୍ରାନ୍ସରେ ଅନୁଷ୍ଠିତ ଏଆଇ ଆକ୍ସନ୍ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ । ସେତେବେଳେ, ଆମେ ମାର୍ସେଇଲ୍ ପରିଦର୍ଶନ କରିଥିଲୁ ଯାହା ଫ୍ରାନ୍ସର ସବୁଠାରୁ ବଡ଼ ବନ୍ଦର ଏବଂ ଫ୍ରାନ୍ସ ସହିତ ସମଗ୍ର ୟୁରୋପର ଏକ ପ୍ରମୁଖ ପ୍ରବେଶ ଦ୍ୱାର ମଧ୍ୟ । ମାର୍ସେଇଲ୍ ହେଉଛି ସେହି ସହର ଯେଉଁଠାରୁ ଆମର ଭାରତୀୟ ସୈନିକମାନେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ୟୁରୋପରେ ପ୍ରବେଶ କରିଥିଲେ । ସେମାନଙ୍କ ବୀରତ୍ୱର କାହାଣୀ ଆଜି ମଧ୍ୟ ୟୁରୋପର ଅନେକ ସ୍ଥାନରେ ସ୍ମରଣ କରାଯାଏ । ଏହା ସେହି ସହର ଯେଉଁଠାରେ ସ୍ୱାଧୀନତା ସଂଗ୍ରାମୀ ବୀର ବିନାୟକ ଦାମୋଦର ସାଭରକର ବ୍ରିଟିଶଙ୍କ କବଳରୁ ରକ୍ଷା ପାଇବା ପାଇଁ ଗଭୀର ସମୁଦ୍ରକୁ ଡେଇଁ ପଡ଼ିଥିଲେ । ତାଙ୍କର ଏହି ପଦକ୍ଷେପ ଭାରତର ସ୍ୱାଧୀନତା ପାଇଁ ତାଙ୍କର ଅଟଳ ସଂକଳ୍ପର ପ୍ରତୀକ ଥିଲା । ଗତ ବର୍ଷ ମୋତେ ମାର୍ସେଇଲ୍ରେ ତାଙ୍କୁ ସ୍ମରଣ କରିବା ଏବଂ ଶ୍ରଦ୍ଧାଞ୍ଜଳି ଜଣାଇବାର ଅବସର ମିଳିଥିଲା । ଏହିଥର, ଯେତେବେଳେ ରାଷ୍ଟ୍ରପତି ମାକ୍ରନ୍ ଭାରତରେ ଏଆଇ ପ୍ରଭାବ ସମ୍ମିଳନୀ ପାଇଁ ଆସିଛନ୍ତି, ସେତେବେଳେ ଭାରତର ପ୍ରବେଶ ଦ୍ୱାର ଅର୍ଥାତ୍ ମୁମ୍ବାଇରେ ତାଙ୍କୁ ସ୍ୱାଗତ କରିବା ଆମ ପାଇଁ ଏକ ସୌଭାଗ୍ୟର ବିଷୟ । ରାଷ୍ଟ୍ରପତି ମାକ୍ରନ୍ ଙ୍କ ସହିତ ମିଶି, ଆମେ ଏହି ରଣନୈତିକ ସହଭାଗୀତାକୁ ଅଭୂତପୂର୍ବ ଗଭୀରତା ଏବଂ ଶକ୍ତି ଦେଇଛୁ । ଏହି ବିଶ୍ୱାସ ଏବଂ ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାର କରି, ଆଜି ଆମେ ଏକ ସ୍ୱତନ୍ତ୍ର ବିଶ୍ୱ ରଣନୈତିକ ସହଭାଗୀତା ଭାବରେ ଆମର ସମ୍ପର୍କ ସ୍ଥାପନ କରୁଛୁ । ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଏକ ବିଶେଷ ସମ୍ପର୍କ ରହିଛି । ଫ୍ରାନ୍ସ ହେଉଛି ଭାରତର ସବୁଠାରୁ ପୁରୁଣା ରଣନୈତିକ ସହଯୋଗୀମାନଙ୍କ ମଧ୍ୟରୁ ଗୋଟିଏ । ଏହା କେବଳ ଏକ ରଣନୈତିକ ସହଭାଗୀତା ନୁହେଁ । ଆଜିର ଅସ୍ଥିରତା ପରିପୂର୍ଣ୍ଣ ସମୟରେ, ଏହା ବିଶ୍ୱ ସ୍ଥିରତା ଓ ବିଶ୍ୱ ପ୍ରଗତି ପାଇଁ ଏକ ସହଭାଗୀତା । ଆଜି ଭାରତରେ ଏକ ହେଲିକପ୍ଟର ଆସେମ୍ବଲି ଲାଇନର ଉଦଘାଟନ ଏହି ଗଭୀର ବିଶ୍ୱାସର ଆଉ ଏକ ଉଜ୍ଜ୍ୱଳ ଉଦାହରଣ । ଆମେ ଗର୍ବିତ ଯେ, ଭାରତ ଓ ଫ୍ରାନ୍ସ ମିଳିତ ଭାବରେ ଏମିତି ଏକ ହେଲିକପ୍ଟର ଭାରତରେ ତିଆରି କରିବେ, ଯାହା ମାଉଂଟ ଏଭରେଷ୍ଟର ଉଚ୍ଚତା ପର୍ଯ୍ୟନ୍ତ ଉଡ଼ି ପାରିବାର କ୍ଷମତା ରଖିବ ଏବଂ ଏହା ବିଶ୍ୱର ଏକମାତ୍ର ଏମିତି ଏକ ହେଲିକପ୍ଟର ହେବାର ମାନ୍ୟତା ପାଇବ ।

## ଅଳ୍ପରେ ଖବର

▶▶ ଜେଲରୁ ମୁକ୍ତ ହେବା ପରେ, ବଲିଉଡ୍ ଅଭିନେତା ରାଜପାଲ ଯାଦବ ମଙ୍ଗଳବାର କହିଛନ୍ତି ଯେ ସେ ସବୁବେଳେ ସଚ୍ଚୋଟ ଭାବରେ କାମ କରିଛନ୍ତି ।

▶▶ ସିବିଏସଇର ୧୦ମ ଓ ୧୨ମ ବୋର୍ଡ ପରୀକ୍ଷା ମଙ୍ଗଳବାରରୁ ଆରମ୍ଭ ହୋଇଛି । ପରୀକ୍ଷା ସମୟ ସକାଳ ୧୦.୩୦ରୁ ୧.୩୦ ପର୍ଯ୍ୟନ୍ତ ରହିବ । ଏହି ଅବସରରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ଭିଡ଼ ଦେଖାଯାଉଛି । ପରୀକ୍ଷାକୁ ନିରପେକ୍ଷ ଭାବେ ସଂଚାଳନ କରିବା ପାଇଁ ବୋର୍ଡ ପକ୍ଷରୁ କଡ଼ା ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି ।

▶▶ ବାଂଲାଦେଶରେ ତାରିକ ରହମାନଙ୍କ ନେତୃତ୍ୱାଧୀନ ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଯୋଗ ଦେଇଥିଲେ ।

▶▶ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମନ୍ତ୍ରୀ ଲେଖିଛନ୍ତି ଆସନ୍ତାକାଲି ଠାରୁ ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ରାଜ୍ୟର ୧୩୬୪ଟି ପରୀକ୍ଷା କେନ୍ଦ୍ରରେ ଆୟୋଜିତ ହେବ ।

# ବିଧାନସଭା ବଜେଟ୍ ଅଧିବେଶନ: ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କଲେ ରାଜ୍ୟପାଳ

ଭୁବନେଶ୍ୱର : ବିଧାନସଭା ବଜେଟ୍ ଅଧିବେଶନ ଆରମ୍ଭ । ବନ୍ଦେ ମାତରମରୁ ଆରମ୍ଭ ହେଲା ଗୃହକାର୍ଯ୍ୟ । ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କଲେ ରାଜ୍ୟପାଳ ହରିବାବୁ କମ୍ଭମପାଟି । କହିଲେ ୨୦୩୬ରେ ଓଡ଼ିଶା ଗଠନକୁ ଶହେ ବର୍ଷ ପୂରିବ । ସମୃଦ୍ଧ ଓଡ଼ିଶା ପାଇଁ ସରକାର ପ୍ରତିଶୃତିବଦ୍ଧ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରୁ ଓଡ଼ିଶାକୁ ବଡ଼ ପ୍ରକଳ୍ପ ମିଳୁଛି । ବିକଶିତ ଭାରତ ପାଇଁ ଓଡ଼ିଶା ହେବ ଗ୍ରୋଥ୍ ଇଞ୍ଜିନ୍ । ଆତ୍ମନିର୍ଭର ଭାରତରେ ଓଡ଼ିଶା ହେବ ସେମି କଣ୍ଡକ୍ଟର ହବ୍ । ୨୦୩୬ ଓ ୨୦୪୭ ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି । ୨୦୪୭ ସୁଦ୍ଧା ମୁଣ୍ଡ ପିଛା ଆୟ ୩୨ ଲକ୍ଷ କରିବାକୁ ଯୋଜନା କରାଯାଇଛି । ସରକାର ସହରୀ ବିକାଶ ଯୋଜନାକୁ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟପାଳ ପୁଣି କହିଛନ୍ତି ଯେ, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମ ଶକ୍ତିକୁ ୭୦ ପ୍ରତିଶତକୁ ବୃଦ୍ଧି



କରିବା, ରାଜ୍ୟରୁ ଅପପୃଷ୍ଟି ଓ ରକ୍ତହୀନତା ଦୂର କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ସେହିପରି ଭିତିଭୂମି ସୁଦୃଢ କରିବାକୁ ସରକାର ପ୍ରତିଶୃତିବଦ୍ଧ । ଏଥିପାଇଁ ରାଜ୍ୟରେ ରାସ୍ତାର ଆଧୁନିକୀକରଣ କରାଯାଉଛି । ୮୩୦୮ କୋଟି ଟଙ୍କା ବିନିଯୋଗରେ ୬ ଲେନ୍ ପ୍ରବେଶ-ନିୟନ୍ତ୍ରିତ ଗ୍ରୀନଫିଲ୍ଡ କ୍ୟାପିଟାଲ ରିଜିନ୍ ରିଙ୍ଗ ରୋଡ୍ (ଭୁବନେଶ୍ୱର ବାଇପାସ୍) ନିର୍ମାଣ ପାଇଁ ସବୁଜ ସଙ୍କେତ ମିଳିଛି । ଭୁବନେଶ୍ୱର-ଖୋର୍ଦ୍ଧା-କଟକକୁ ନେଇ ରିଂରୋଡ୍ ନିର୍ମାଣ ହେଉଛି । ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଫ୍ଲାଏଓଭର ହେବ । ଏହା ଯାନବାହାନ ଭିଡ଼ କମାଇବା ସହିତ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ ସାହାର୍ଯ୍ୟ କରିବ ଏବଂ ସୁଗମ ବହୁମାଧ୍ୟମିକ ସଂଯୋଜନ ମାଧ୍ୟରେ ବାଣିଜ୍ୟକୁ ସୁଦୃଢ଼ କରିବ । ସେହିପରି ରାମେଶ୍ୱର-ପାରାଦୀପ କୋଷ୍ଟାଲ ହାଇୱେକୁ ଅନୁମୋଦନ ମିଳିଛି । ରାଜ୍ୟପାଳ ପୁଣି କହିଛନ୍ତି ଯେ, ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧୀନରେ କେନ୍ଦ୍ର ସରକାର ୨୦୬୬ କୋଟିରୁ ଅଧିକ ଅର୍ଥ ବିନିଯୋଗରେ ଓଡ଼ିଶାରେ ଦୁଇଟି ଆତ୍ୟାଧୁନିକ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି । ଏହା ଓଡ଼ିଶାକୁ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କେନ୍ଦ୍ର ଭାବେ ପରିଚିତ କରିବ । ଏହା ଏକ ଐତିହାସିକ ପଦକ୍ଷେପ ଯାହା ଉଚ୍ଚ- ଦକ୍ଷତାମୂଳକ ରୋଜଗାର ସୃଷ୍ଟି କରିବ । ଏହା ସହଯୋଗୀ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ ଦେବ ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗେଇ ନେବ । ଦେଶରେ ଇସ୍ପାତ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନରେ ଓଡ଼ିଶା ପ୍ରଥମ ।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ବୈଠକରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନରେ ଶୃଙ୍ଖଳା ଓ ଅନୁଶାସନକୁ ଗୁରୁତ୍ୱ ଦିଆଯିବ । ସିଦ୍ଧାନ୍ତ, ବିଚାର ଓ ରାଷ୍ଟ୍ର ନିର୍ମାଣ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ ଶିବିରରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯିବ । ପ୍ରଥମରେ ରାଷ୍ଟ୍ର, ଦ୍ୱିତୀୟରେ ସଂଗଠନ ଏବଂ ତୃତୀୟ ତଥା ଶେଷରେ ବ୍ୟକ୍ତିତ୍ୱ ; ଏହା ହେଉଛି ବିଜେପିର ମୂଳମନ୍ତ୍ର ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ କୁ ନେଇ ପ୍ରଦେଶ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉଷେଣ୍ଡି, ରାଷ୍ଟ୍ରୀୟ ଉପସଭାନେତ୍ରୀ ତଥା ରାଜ୍ୟସଭା ସାଂସଦ କବିତା ପଟିଦାର, ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଚଳିତବର୍ଷ ପାର୍ଟିର ୧୦୫୨ ମଣ୍ଡଳ, ୩୭ ସାଙ୍ଗଠନିକ ଜିଲ୍ଲା ସମେତ ସମସ୍ତ ୭ ମୋର୍ଚ୍ଚାର ଜିଲ୍ଲାସ୍ତରରୁ ଆରମ୍ଭ କରି ପ୍ରଦେଶ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା, ବିଧାୟକ ଓ ସାଂସଦମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ବିକାଶ ପାଇଁ କେଉଁ ବିଷୟରେ ପ୍ରଶିକ୍ଷଣ ରହିବ ସେସବୁ ପ୍ରସଙ୍ଗ ନିର୍ଦ୍ଧାରିତ ହୋଇଥିଲା । ରାଜ୍ୟସ୍ତରରୁ ବୁଥ ସ୍ତର ଯାଏଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ମାର୍ଚ୍ଚ ୭ରେ ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହ



ଭୁବନେଶ୍ୱର : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମାର୍ଚ୍ଚ ୭ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ । ତେବେ ସେ ଦୁଇଟି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ସୂଚନା ମିଳିଛି । ସୂତ୍ର ଅନୁଯାୟୀ, କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ କ୍ୟାମ୍ପସରେ ପ୍ରତିଷ୍ଠା ଦିବସ ପାଳନରେ ଯୋଗଦେବା ପାଇଁ ସେ କଟକର ମୁଣ୍ଡଳୀ ଯିବେ । ଏହି କାର୍ଯ୍ୟକ୍ରମ ଭାରତର ସର୍ବବୃହତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ଫୋର୍ସ ଉଜଚର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର । ଯାହା ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଦେଶବ୍ୟାପୀ ବିଦ୍ରୋହ ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ମାର୍ଚ୍ଚ ୩୧ ସୁଦ୍ଧା ବାମପନ୍ଥୀ ଉଗ୍ରବାଦକୁ ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କ ତୀବ୍ର ପ୍ରୟାସ ମଧ୍ୟରେ ଗୃହମନ୍ତ୍ରୀ ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନର ମଧ୍ୟ ସମୀକ୍ଷା କରିପାରନ୍ତି । ସେ ରାଜ୍ୟରେ ସମନ୍ୱୟ, ପ୍ରସ୍ତୁତି ଏବଂ କେନ୍ଦ୍ରୀୟ ବାହିନୀର ନିୟୋଜନ ମୂଲ୍ୟାଙ୍କନ କରିବେ ବୋଲି ଆଶା କରାଯାଉଛି । ଯେଉଁଠାରେ ବୌଦ୍ଧ, ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି ଏବଂ କୋରାପୁଟ ସମେତ ଅଧିକାଂଶ ପ୍ରଭାବିତ ଜିଲ୍ଲାକୁ ନକ୍ସଲମୁକ୍ତ ଘୋଷଣା କରାଯାଇଛି ।

# 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ - ୨୦୨୬'ରେ ଉଦ୍‌ବୋଧନ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ : ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ବୈଷୟିକ ଶକ୍ତି ଭାବେ ଉଭା ହେଉଥିବା ବେଳେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ) ଏହି ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ବୋଲି ମଙ୍ଗଳବାର ନୂଆଦିଲ୍ଲୀରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ 'ପୁସିଂ ଦ ଫ୍ରଂଟିୟର୍ ଅଫ୍ ଏଆଇ ଇନ୍ ଇଣ୍ଡିଆ' ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ଏହି ସମ୍ମିଳନୀ ହେଉଛି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଦୂରଦର୍ଶୀ ପଦକ୍ଷେପ, ଯାହା ଭାରତରେ ଏଆଇର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି । ସମଗ୍ର ବିଶ୍ୱ ଆଜି ଭାରତର ଦ୍ରୁତ ଏଆଇର ବ୍ୟବହାରକୁ ଲକ୍ଷ୍ୟ କରୁଛି



। ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଗଠନ କରିବା ଏବଂ ଭାରତକୁ ବିଶ୍ୱର ଜ୍ଞାନର ମହାଶକ୍ତି ଭାବେ ପ୍ରତିଷ୍ଠିତ କରିବାରେ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିବ । ମନ୍ତ୍ରୀଙ୍କ ସୂଚନାନୁସାରେ, ଶିକ୍ଷା କ୍ଷେତ୍ରରେ ଏଆଇର ବ୍ୟବହାର ଏବଂ ଏଆଇ ସମ୍ପର୍କିତ ଶିକ୍ଷା ପରସ୍ପର ପରିପୂରକ । ଆଜିର ଯୁବପିଢ଼ି ପୂର୍ବ ପିଢ଼ିଙ୍କ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ଓ ଅଭିନବ ଚିନ୍ତାଧାରା ରଖୁଛନ୍ତି । କେନ୍ଦ୍ର ମନ୍ତ୍ରୀ ଦେଶର ଯୁବବର୍ଗଙ୍କୁ ଏଆଇ ମାଧ୍ୟମରେ ଶିକ୍ଷିତ ହେବା ସହ ତାକୁ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି । ଏହା ସହ ନିଜେ ନିଜେ ସଶକ୍ତ ହେବା ସହ କିଛି ନୂତନତ୍ୱ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ, ଭାରତୀୟ ଯୁବପିଢ଼ିଙ୍କ ନିଆରା ପ୍ରୟାସ ହିଁ ବିଶ୍ୱ ଏଆଇ ମାନଚିତ୍ରରେ ଭାରତକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଭାବେ ଉଭା କରିବ । ଜାତୀୟ ଶିକ୍ଷା ନୀତି ୨୦୨୦ ର ଦୂରଦୃଷ୍ଟି ଏବଂ 'ବିକଶିତ ଭାରତ ୨୦୪୭' ର ଜାତୀୟ ଲକ୍ଷ୍ୟ ସହିତ ସମାନତା ରକ୍ଷା କରି ସମଗ୍ର ଶିକ୍ଷା ବ୍ୟବସ୍ଥାରେ ଏଆଇକୁ ଏକୀକୃତ କରିବା ପାଇଁ ମନ୍ତ୍ରଣାଳୟର ଏହା ଏକ ପ୍ରୟାସ । ଗତ ଏକ ଦଶନ୍ଧି ମଧ୍ୟରେ, ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ଡିଜିଟାଲ୍ ପ୍ଲାଟଫର୍ମ, ନୀତିଗତ ଢାଂଚା, ସାଂସ୍ଥାନିକ ସଂସ୍କାର ଏବଂ ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ଏବଂ ଅତ୍ୟାଧୁନିକ ଅନୁସନ୍ଧାନ ଓ ନବସୃଜନ କ୍ଷେତ୍ରରେ ଏଆଇ-ସମର୍ଥ ଶିକ୍ଷା ପାଇଁ ଭିତିଭୂମି ପ୍ରସ୍ତୁତ କରିଛି । ଏହି ଅଧିବେଶନର ଉଦ୍ଦେଶ୍ୟ ହେଉଛି ଭାରତର ଜାତୀୟ ଏଆଇ-ଇନ୍-ଏଜୁକେସନ୍ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଏବଂ ଶିଳ୍ପ-ଶିକ୍ଷାବିତ୍-ସରକାରଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା । ଏହି ଅଧିବେଶନରେ ରାଷ୍ଟ୍ର ଶିକ୍ଷା ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ ଯୋଗଦେଇଥିଲେ । ଏହି ପ୍ୟାନେଲରେ ଶିକ୍ଷାବିତ୍, ଶିଳ୍ପ ଏବଂ ନିବେଶ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।





### ବାଲେଶ୍ୱରରେ ହିମାଂଶୁ ଦାସ ମେମୋରିଆଲ ଅଲଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଂଟର ସପ୍ତମ ଦିବସ

# କଟକର ନିତା ଫୁଟବଲ ଏକାଡେମୀ ୨-୦ରେ ବିଜୟୀ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱରର ହିମାଂଶୁ ହରି ଫାଉଣ୍ଡେସନ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ହିମାଂଶୁ ଦାସ ମେମୋରିଆଲ ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଂଟର ସପ୍ତମ ଦିବସରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । କଟକର ନିତା ଫୁଟବଲ ଏକାଡେମୀ ଓ ବାରାକପୁର ସ୍ଥିତ ପଶ୍ଚିମବଙ୍ଗ ମହିଳା ପୋଲିସ ସ୍ପୋର୍ଟସ କ୍ଲବ ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା ।




ମ୍ୟାଚ ପୂର୍ବରୁ ଅନୁଷ୍ଠିତ ଉତ୍ସବରେ ଫାଲକନ୍ ଗ୍ରୁପର ନିର୍ଦ୍ଦେଶିକା ଆଦ୍ୟାଶା ପଟ୍ଟନାୟକ ଓ ଡିଏସପି ପ୍ରେମପ୍ରଜ୍ଞା ମହାନ୍ତି ବରେଣ୍ୟ ଅତିଥି ଭାବେ ଯୋଗଦେଇ ବାଲେଶ୍ୱରର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସ୍ୱର୍ଗତଃ ହିମାଂଶୁ ଦାସଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଂଟ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି କହିଥିଲେ । ଟୁର୍ଣ୍ଣାମେଂଟ ଆୟୋଜନ କମିଟି ସଦସ୍ୟା ଅଲିଭା ଦାସ, ସରୋଜିନୀ ଦାସ, ଜୟଶ୍ରୀ ମହାନ୍ତି , ଶର୍ମିଷ୍ଠା ଦାଶ ପ୍ରମୁଖ ମଂଚାସୀନ ହୋଇ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଫାଉଣ୍ଡେସନର ଚେୟାରମେନ ଯୁବ ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ ଓ ଭାଇସ ଚେୟାରମେନ୍ ତଥା ହରିପ୍ଲାଷ୍ଟର ମ୍ୟାନେଜିଂ ଡାଇରେକ୍ଟର ସଂଗ୍ରାମ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଟୁର୍ଣ୍ଣାମେଂଟ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ୧୮ ତାରିଖ ବାଲେଶ୍ୱରର ହରି ପ୍ଲାଷ୍ଟ ଓ ବାରାକପୁର ସ୍ଥିତ ପଶ୍ଚିମବଙ୍ଗ ପୋଲିସ ସ୍ପୋର୍ଟସ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚରେ ବହୁ ସଂଖ୍ୟାରେ ଦର୍ଶକ ଯୋଗ ଦେଇ ଉତ୍ସାହିତ କରିବାକୁ ସେମାନେ ଅନୁରୋଧ କରିଥିଲେ । ସଭା ପରେ ଅତିଥି ମାନଙ୍କ ଦ୍ୱାରା ଦୁଇ ଟିମର ଖେଳାଳି ଓ ମ୍ୟାଚ ଅଫିସିଆଲଙ୍କୁ ସ୍ୱାଗତ ଓ ପରିଚୟ ସହିତ ମ୍ୟାଚ ଆରମ୍ଭ ହୋଇଥିଲା । ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପ୍ରଥମାର୍ଦ୍ଧରେ ଏକାଧିକ ସୁଯୋଗ ପାଇଥିଲେ ବି କୌଣସି ଦଳ ଗୋଲ କରିବାକୁ ସକ୍ଷମ ହୋଇ ନଥିଲେ । ଦ୍ୱିତୀୟାର୍ଦ୍ଧର ୩୪ ମିନିଟରେ ୧୨ ନଂ ଜର୍ସିରେ ଥିବା ସୁଜାନା ନୀତା ଏକାଡେମୀ ପାଇଁ ପ୍ରଥମ ଗୋଲ କରିଥିଲେ । ୫୭ ମିନିଟରେ ୨୫ ନଂଜର୍ସିର ମାଟିଲ୍ଡା ପଶ୍ଚିମ ବଙ୍ଗ ପୋଲିସ ଉପରେ ଦ୍ୱିତୀୟ ଗୋଲ କରିଥିଲେ । ଶେଷରେ ନୀତା ଏକାଡେମୀ ୨-୦ ଗୋଲରେ ବିଜୟୀ ହୋଇଥିଲା । ଉତ୍କଳ ମଣି ବେହେରା ମ୍ୟାଚରେ ରେଫେରୀ, ସୁଜିତ କୁମାର ପାତ୍ର ଓ ଅମିତ ସିଂହ ଆସିଷ୍ଟାଂଟ ରଫେରୀ ଏବଂ ଦିଲ୍ଲୀପ କୁମାର ରାଉତ ଚତୁର୍ଥ ରେଫେରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ । ମ୍ୟାଚ ଶେଷ ହେବା ପରେ ବାଲେଶ୍ୱରର ଭେଟରାନ ଫୁଟବଲ ଖେଳାଳି ସଲିଲ କୁମାର ସିଂହ ଓ ଗୋପାଳ ଚନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଶ୍ରେଷ୍ଠ ବିଜେତା ନୀତା ଏକାଡେମୀକୁ ଟ୍ରଫି ଓ ସମସ୍ତ ଖେଳାଳିଙ୍କୁ ମେଡାଲ ଏବଂ ରନର୍ସ ଅପ ଟିମ ପଶ୍ଚିମବଙ୍ଗ ପୋଲିସ କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତାଙ୍କ ସହ ଟୁର୍ଣ୍ଣାମେଂଟ ଆୟୋଜନ କମିଟି ସମ୍ପାଦକ ସୂଜୟ ଆଚାର୍ଯ୍ୟ, ସହ ସମ୍ପାଦକ ରାଜେଶ ମହାପାତ୍ର ଓ ଅଭ୍ୟୁଦୟ ଦାସ, ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ, ଅସିତ୍ ଦାସ, ଅମରେନ୍ଦ୍ର ପାତ୍ର, ଅୟେନ୍ ସେନ, ବିଶ୍ୱଜିତ ପରମାଣିକ, ସମ୍ପଦ ଦାସ, ସମର୍ଥ ଦାସ, ଅର୍ପିତ ସାଇମନ, ଅଶ୍ୱିନୀ ସାମଲ, ସୁଶାନ୍ତ ପଣ୍ଡା, ଦିଲ୍ଲୀପ ଦାସ ମହାପାତ୍ର, ଶଶୀ ଭୂଷଣ ମିଶ୍ର, ସୁଜିତ ମହାପାତ୍ର, ନିମାଇ ରାଉତରାୟ, ପ୍ରଦୀପ ଦାସ, ରଜତ ଦାସ, ଚିରଞ୍ଜିବ ମାନ୍ନା, ସରଫରାଜ୍ ଫିର୍ଦୋଷ ପ୍ରମୁଖ ଏହି ମ୍ୟାଚ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ବାଲେଶ୍ୱର ସାଇବର ଥାନା ପକ୍ଷରୁ ୪ ସାଇବର ଠକ ଗିରଫ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଜିଲ୍ଲାରେ ସାଇବର ଠକର ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଏସପି ପ୍ରତ୍ୟୁଷ ଦିୱାକରଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସାଇବର ଥାନା ପକ୍ଷରୁ ଚଢ଼ଉ କରାଯିବା ଓ ୪ ସାଇବର ଠକଙ୍କୁ ଗିରଫ କରାଯାଇ ସେମାନଙ୍କୁ କୋର୍ଟ ଫରୱାଡ଼ କରାଯାଇଛି ବୋଲି ୧୭ ତାରିଖ ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗାୟତ୍ରୀ ପ୍ରଧାନ ଓ ସାଇବର ଥାନାଧିକାରୀ ମୀନା ବିନ୍ଧାଣି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ସେମାନେ କହିଛନ୍ତି କି, ଖନ୍ତାପଡ଼ା ଥାନା ଅନ୍ତର୍ଗତ ବାଲେଶ୍ୱରର ଗୌତମ କୁମାର ଦାସ, ରବୀନ୍ଦ୍ର କୁମାର ମାଝି ଏବଂ କାର୍ତ୍ତିକ ସିଂ ଓ ଦୀନକୃଷ୍ଣ ବେହେରା ପ୍ରମୁଖ ବିଭିନ୍ନ ଅସଦ ଉପାୟରେ ୟୁପିଆଇ ଆପ୍ ବ୍ୟାଙ୍କିଂ ମାଧ୍ୟମରେ ବିଭିନ୍ନ ଲୋକଙ୍କ ଏକାଉଂଟରୁ ୫୮ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଫଳରେ ସାଇବର ଥାନା ପକ୍ଷରୁ ଚଢ଼ଉ କରାଯାଇ ସେମାନଙ୍କ ଠାରୁ ୪୯ଟି ଚେକ, ୧୪୭ଟି ଏଟିଏମ କାର୍ଡ଼, ୪ଟି ପାସବୁକ୍, ଡିଏଲ ଗୋଟିଏ, ଆରସିବୁକ୍ ଗୋଟିଏ, ମୋବାଇଲ ୪ଟା, ହୁଣ୍ଡାଇ ଧଳାକାର ଗୋଟିଏ, ଭୋଟର ଆଇକାର୍ଡ଼ ଗୋଟିଏ, ପାନକାର୍ଡ଼ ୩ଟା । ପ୍ରକାଶଯେ ଏହି ସାଇବର ଠକମାନେ ବିଭିନ୍ନ ଅସଦ ଉପାୟରେ ରାଜ୍ୟ ଜାତୀୟ ସାଇବର ଠକମାନଙ୍କ ସହ ସାମିଲ ହୋଇ ଏଭଳି ଧର୍ତବ୍ୟ ଅପରାଧରେ ନିଜକୁ ଜଡ଼ିତ କରିଛନ୍ତି । ଏବଂ ଏହି ଘଟଣାରେ ୨୫ଜଣଙ୍କୁ ଗିରଫ କରାଯାଇଛି । ଥାନା ପକ୍ଷରୁ ସାଇବର କେଶ ନମ୍ବର ୧୨/୨୬ ମୂଳେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଗିରଫ ବ୍ୟକ୍ତିମାନଙ୍କୁ ୧୭ ତାରିଖ ସଂଧ୍ୟାରେ କୋର୍ଟ ଫରୱାର୍ଡ଼ କରାଯାଇଛି ।



# ଏ ବାସୁଦେବ ରାଉଳଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର (ନି.ପ୍ର.) ୧୭ ତାରିଖ ପୂର୍ବାହ୍ନରେ କଚେରୀହତା ସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ବାସୁଦେବ ରାଉଳଙ୍କ ବିୟୋଗରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ନରେନ୍ଦ୍ର ବିହାରୀ ଦାସ ଓରଫ ବାଦଲ ଭାଇ ଯୋଗଦେଇ ସ୍ୱର୍ଗତ ରାଉଳଙ୍କ ଜୀବଦ୍ଦଶା ସମ୍ପର୍କରେ ସ୍ମୃତି ଚାରଣ କରିବା ସହ ସେ ଏକାଧାରରେ ଜଣେ ସୁସଂଗଠକ, ମିଷ୍ଟଭାଷୀ, ପରୋପକାରୀ, ସମାଜସେବୀ ତଥା ବିଭିନ୍ନ ଅନୁଷ୍ଠାନ ସହ ତାଙ୍କର ସମ୍ପୃକ୍ତି ଥିଲା ଅବର୍ଣ୍ଣନୀୟ ବୋଲି କହିଥିଲେ । ଅନ୍ୟମାନଙ୍କ



ମଧ୍ୟରେ ଆମନ୍ୟୁଜର ନିର୍ଦ୍ଦେଶକ ବିପ୍ଳବ କୁମାର ମହାନ୍ତି, ସପନ ବିଶ୍ୱାଳ, କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ, ରତିକାନ୍ତ ପାତ୍ର, ଶୁଭେନ୍ଦୁ ଦାସ ଏବଂ ଉଜ୍ୱଳ ଚନ୍ଦ୍ର କର ପ୍ରମୁଖ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଭଗବାନ ଦାସ, ଅରୂପ ମହାନ୍ତି, ସନ୍ଦୀପ୍ତ ଦାସ, ମନୋଜ ବିଶ୍ୱାଳ, ମମତା ଦାସ, ଗଗନ ସେଠୀ, ସୁରେନ୍ଦ୍ର ମୋହନ ଜେନା, ଶତ୍ରୁଘନ ମଲ୍ଲିକ, ଶୁଶିଳ ଜେନା, ରବୀନ୍ଦ୍ର ଚଣ୍ଡ, ବଂଶୀଧର ଦଳେଇ, ଶିବ ଶଙ୍କର ଭୋଇ, ଗୋପୀକୃଷ୍ଣ ମହାନ୍ତି, ମିତ୍ରବନ୍ଧୁ ପଲେଇ, ଧୀରଜ କୁମାର ଦାସ, ତ୍ରିଲୋଚନ ମହାନ୍ତି, ସଂଯୁକ୍ତାରାଣୀ ବେହେରା, ତପନ ଦାସ, ମଲ୍ଲିକ ରିଜୱାନ, ଆଶୁତୋଷ ମଲ୍ଲିକ, ଗୟାଧର କର, ପ୍ରସନ୍ନଜିତ ଆଶ୍, ଶରତ ସାମଲ, କୁଂଜମଣି ସ୍ୱାଇଁ, ମୃତ୍ୟୁଂଜୟ ପଟ୍ଟନାୟକ, ହାଇଦର ଖାଁ, ମହେଶ୍ୱର ପ୍ରଧାନ, ଅଭୟ ଦାସ, ସୁଶାନ୍ତ ଦାସ, ପ୍ରଜ୍ଞା ପରମିତା ବିଶ୍ୱାଳ, ନିତ୍ୟାନନ୍ଦ ଦାସ ପ୍ରମୁଖ ଯୋଗଦେଇ ବାସୁଦେବ ରାଉଳଙ୍କ ବହୁବିଧ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କରିଥିଲେ । ଶେଷରେ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ ।

# ବିଦ୍ୟୁତର ଘରୋଇକରଣ ଓ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବିରୁଦ୍ଧରେ ସିପିଆଇଏମର ବିକ୍ଷୋଭ

ବାଲେଶ୍ୱର (ନି.ପ୍ର.) ବିଦ୍ୟୁତ ଉତ୍ପାଦନ ଓ ବିତରଣ କମ୍ପାନିଗୁଡିକ ଶୁଳ୍କ ବୃଦ୍ଧି କରିବା ପାଇଁ ଓ. ଇ. ଆର. ସି.ଙ୍କ ନିକଟରେ ପ୍ରସ୍ତାବ ରଖିଛନ୍ତି । ସେ ସଂପର୍କରେ ଆଜି ଓ.ଇ.ଆର.ସି. ବାଲେଶ୍ୱରରେ ଅବସ୍ଥିତ ନୋସି ସମ୍ମଳନୀ କକ୍ଷରେ ଜନଶୁଣାଣୀ କରୁଛନ୍ତି । ଏଥିରେ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ ବିଦ୍ୟୁତ ବିତରଣ କରୁଥିବା ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଉପଭୋକ୍ତାଙ୍କ ତରଫରୁ ଦିଆଯାଇଥିବା ଅଭିଯୋଗ ଉପରେ ଶୁଣାଣି ହେଉଛି ।

ବିଦ୍ୟୁତ ଏକ ଅତ୍ୟାବଶ୍ୟକ ସାମଗ୍ରୀ । ଦେଶ ସ୍ୱାଧୀନ ହେବା ପରେ ଅତ୍ୟାବଶ୍ୟକ ଶିଳ୍ପକୁ ରାଷ୍ଟ୍ର ପରିଚାଳନା କରୁଥିଲା । ନବ୍ୟ ଉଦାରବାଦୀ ଅର୍ଥନୀତି ପ୍ରବର୍ତନ ପରେ ବିଦ୍ୟୁତର ଘରୋଇକରଣ ହେଲା । ସେହିଦିନ ଠାରୁ ଉପଭୋକ୍ତାମାନେ ଶୋଷଣର ଶିକାର ହେଉଛନ୍ତି । ନିୟମିତ ବ୍ୟବଧାନରେ ବିଦ୍ୟୁତ ଶୁଳ୍କ ବୃଦ୍ଧି କରାଯାଉଛି । ବିଦ୍ୟୁତ ଶିଳ୍ପ ସରକାରଙ୍କ ନିୟନ୍ତ୍ରଣରେ ଥିବା ସମୟରେ ଫିକ୍ସଡ ଚାର୍ଜ ନ ଥିଲା । ବିଭିନ୍ନ ସ୍ଲାବ ନିମନ୍ତେ ଭିନ୍ନ ଭିନ୍ନ ଫିକ୍ସଡ ଚାର୍ଜ ନିଆଯାଉଛି । ଏହାକୁ କମ୍ପାନିଗୁଡିକ ମନଇଚ୍ଛା ସ୍ଥିର କରୁଛନ୍ତି । ବର୍ଷ ବର୍ଷ ଧରି ମିଟର ରେଂଟ ନେଉଛନ୍ତି । ବିଦ୍ୟୁତର ଉତ୍ପାଦନ ଓ ବିତରଣ ଖର୍ଚ୍ଚ ହିସାବ କରାଗଲା ବେଳେ ଫିକ୍ସଡ ଚାର୍ଜ ଓ ମିଟର ରେଂଟକୁ ହିସାବକୁ ନିଆଯାଉ ନାହିଁ । ସେହିପରି ମନଇଚ୍ଛା ଅତିରିକ୍ତ ସିକ୍ୟୁରିଟି ଜମା ଆଦାୟ କରାଯାଉଛି । ବେଆଇନ ଭାବେ ଓ.ଇ.ଆର.ସି. ନିର୍ଦ୍ଧାରିତ ଦରଠାରୁ ଅଧିକ ଶୁଳ୍କ ଟାଟା ପାୱାର ଆଦାୟ କରୁଛି । ଏବେ ପୁଣି ଜବରଦସ୍ତ ପ୍ରି ପେଡ ସ୍ମାର୍ଟ ମିଟର ବସାଯାଉଛି । ଯେଉଁ ମିଟରର ସଠିକତା ଯାଂଚପାଇଁ କୌଣସି ବ୍ୟବସ୍ଥା ନାହିଁ । ଯେ କୌଣସି ସମୟରେ ଲାଇନ କଟିଯିବ । ରାଜ୍ୟ ସରକାର ସ୍ମାର୍ଟ ମିଟର ନିମିତ ଟାଟା ପାୱାର କୁ ୭୩୫ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବେ । ଅପରପକ୍ଷରେ ବିଜେପି ନିର୍ବାଚନ ପୂର୍ବରୁ ପ୍ରତିଶୃତି ଦେଇ ଥିଲା କ୍ଷମତାକୁ ଆସିଲେ ୩୦୦ ୟୁନିଟି ମାଗଣା ବିଦ୍ୟୁତ ଘରୋଇ ବ୍ୟବହାର ପାଇଁ ଯୋଗାଇ ଦେବ ।ପ୍ରତିଶୃତି କାର୍ଯ୍ୟକାରୀ ହେଲା ଗନାହିଁ । ବିଦ୍ୟୁତ ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟ । ଅନ୍ୟ ରାଜ୍ୟ ମାନେ ଓଡିଶାରୁ ବିଦ୍ୟୁତ କିଣି ଶସ୍ତାରେ ଦେଉଛନ୍ତି । କିନ୍ତୁ ଓଡ଼ିଶାର ଉପଭୋକ୍ତା ଅଧିକ ତାରିଫ ଦେଉଛନ୍ତି ।



ଆଜି ଓ.ଇ.ଆର.ସି. ଜନ ଶୁଣାଣୀ କରୁଥିବା ସମୟରେ ସିପିଆଇଏମ ତରଫରୁ ବିଦ୍ୟୁତ ଘରୋଇକରଣ ପ୍ରତ୍ୟାହାର, ଶୁଳ୍କ ବୃଦ୍ଧିର ପ୍ରସ୍ତାବ ବାତିଲ, ସ୍ମାର୍ଟ ମିଟର ବ୍ୟବହାର ବନ୍ଦ, ଫିକ୍ସଡ ଚାର୍ଜ ଓ ମିଟର ରେଂଟ ଛାଡକରିବା,ଆଦାୟ କରାଯାଇଥିବା ଅଧିକ ଦେୟ ସୁଧସହ ଫେରସ୍ତ, ଅତିରିକ୍ତ ଜମା ବନ୍ଦ ଦାବିରେ ନୋସି ସମ୍ମିଳନୀ କକ୍ଷ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଓ.ଇ.ଆର.ସି. ଙ୍କୁ ଦାବିପତ୍ର ଦିଆଯାଇ ଥିଲା । ଏଠାରେ ପ୍ରକାଶ ଥାଉକି ଓ.ଇ.ଆର.ସି.ଙ୍କ ପକ୍ଷରୁ ଆହ୍ୱାନ କରାଯାଇଥିବା ଅଭିଯୋଗର ପ୍ରସ୍ତାବ ସଠିକ ଭାବେ ଲୋକଙ୍କ ପାଖରେ ପହଂଚିନାହିଁ । ଏହି ବିକ୍ଷୋଭରେ ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲ୍ଲାର ଉପଭୋକ୍ତା ମାନେ ଯୋଗ ଦେଇ ଥିଲେ । ବିକ୍ଷୋଭରେ ସିପିଆଇଏମର ରାଜ୍ୟ କମିଟିର ସଭ୍ୟ ନିର୍ମଳ ନାୟକ, ସିତାଂଶୁ ସେନାପତି, ପ୍ରେମ ରଞ୍ଜନ ପାତ୍ର, ବିଜୟ ପାତ୍ର, ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ଗିରି,ସତ୍ୟଜିତ ଦାସ,ଶ୍ୟାମସୁନ୍ଦର ଜେନା, ହରିଶ୍ଚନ୍ଦ୍ର ସିଂ,ବିକର୍ତନ କବି, ପ୍ରଶାନ୍ତ ପରିଡା, ସ୍ନେହଲତା ପଣ୍ଡା, ଦେବବ୍ରତ ମାଝୀ,ପଲ୍ଟୁ ଦାସ ,ପ୍ରଭାକର ବେହେରା, ସୁରେନ୍ଦ୍ର ଜେନା, ସିକନ୍ଦର ଖାଁ,ବୀରେନ୍ଦ୍ର ସିଂ,ଗୋପାଳ ପରିଡା,ପ୍ରଶାନ୍ତ ରାୟ ପ୍ରମୁଖ ଅଂଶଗ୍ରହଣ କରଥିଲେ ।

# ବାଲେଶ୍ୱର ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱର ଜିଲ୍ଲାର ଅନ୍ୟତମ ସହଶିକ୍ଷା ଅନୁଷ୍ଠାନ ବଳାଙ୍ଗୀ ଡ଼ିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶାନ୍ତି ଶୃଙ୍ଖଳାରେ ପାଳିତ ହୋଇଯାଇଛି ।ଅଧକ୍ଷ ଡକ୍ଟର ରତ୍ନାକର ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲେଶ୍ୱର ପୌରପାଳିକାର ଅଧକ୍ଷା ଶ୍ରୀମତୀ ସବିତା ସାହୁ ଯୋଗ ଦେଇ ସମୟର ସଦୁପଯୋଗ ଓ ପରିଶ୍ରମ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ କିପରି ସ୍ୱ ସ୍ୱ ପ୍ରତିଷ୍ଠିତ କରାଇଥାଏ, ତାହା ଅଭିଭାଷଣରେ ଉଲ୍ଲେଖ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଡକ୍ଟର ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ କହିଥିଲେ ଯେ ଆମ ଚତୁର୍ପାର୍ଶ୍ୱର ପୃଥିବୀରେ ଅନେକ ଜ୍ଞାନ ଓ ସମ୍ପଦ ଭଣ୍ଡାରର ଚାବି ରହିଛି । ଏହି ଚାବିକୁ ଖୋଲି ପାରିଲେ ଜୀବନ ଐଶ୍ୱର୍ଯ୍ୟ ବିମଣ୍ଡିତ ହୋଇପାରିବ । ସମ୍ମାନିତ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ କବି ବିମଳ ଜେନା ଯୋଗଦେଇ ନିଜ ଅଭିଭାଷଣରେ



ଉଲ୍ଲେଖ କରିଥିଲେ ଯେ ମାତୃଭାଷାର ପ୍ରତିଟି ଅକ୍ଷର ମାଆ ମୁହଁ ପରି ଦେଖାଯାଏ । ବସନ୍ତର ଦ୍ୟୋତକ ଯୌବନ ସମୟକୁ ମାତୃଭାଷା, ମାତୃଭୂମି ପ୍ରତି ଉତ୍ସର୍ଗ କରିପାରିଲେ ଜୀବନ ମହନୀୟ ହୋଇଥାଏ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କବି ତଥା ଶିକ୍ଷାବିତ ମଧୁସୂଦନ ମିଶ୍ର ଯୋଗ ଦେଇ ଛାତ୍ରଜୀବନ କିପରି ବିବିଧ ସୁଗୁଣ ଦ୍ୱାରା ମହନୀୟ ହୋଇପାରିବ ତାହା ଉଲ୍ଲେଖ କରିଥିଲେ । ଓଡ଼ିଆ ଅଧ୍ୟାପକ ଡକ୍ଟର ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ପ୍ରବୋଧ କୁମାର ପତି ବେଦପାଠ କରିଥିଲେ ।କଲେଜର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ସୁରୁଚି ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।ଅପରାହ୍ଣରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।ଅଧ୍ୟାପକ ମନୋଜ କୁମାର ନାୟକ, ଅଜୟ କୁମାର ମହାକୁଡ଼, ସୁରେନ୍ଦ୍ର ପଣ୍ଡା, ବିଶ୍ୱଜିତ ପ୍ରଧାନ, ରୂପକ ବେହେରା, ସଞ୍ଜୟ ଦେ, ପ୍ରହଲ୍ଲାଦ କୁଅଁର, ପ୍ରଭାତ ସ୍ୱାଇଁ, ଅଧ୍ୟାପିକା ତନୁଶ୍ରୀ ପୋଥାଳ, ମନସ୍ୱିନୀ ଦାସ, ନମିତା ଦତ୍ତ, ଗୋପାଳି ଦାସ, ମୋନାଲିନା ଦାସ, ଇପ୍ସିତା ପାତ୍ର, ପ୍ରିୟଙ୍କା ପାତ୍ର, ପ୍ରୀତିରେଖା ପାତ୍ର, ସନ୍ତୋଷ ପଣ୍ଡା, ସତ୍ୟବ୍ରତ ସାମଲ, ହରେକୃଷ୍ଣ ବାରିକ, ସୁଶାନ୍ତ ଦାସ, ଦେବାଶିଷ ଦାଶ, ରତ୍ନାକର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଆଜି ସକାଳ ଘ: ୧୦ ଟିକା ସମୟରେ ଔପଦା ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଔପଦା ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୪୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଏବଂ ୫ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୬ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଔପଦା, ଶ୍ରୀମତୀ ଶାଶ୍ୱତୀ ସାଦୁଆଲଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।



# ଫକୀରେମୋହନ ବିଶ୍ୱବିଦ୍ୟାଳୟେର ପ୍ରାକ୍ ବିବାହ ପରାମର୍ଶ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଭାରତୀୟ ମହିଳା ଅୟୋଗ, ନୂଆଦିଲ୍ଲୀ ଙ୍କ ପ୍ରମୁଖ କାର୍ଯ୍ୟକ୍ରମ ତେରେ ମେରେ ସପେନ" ଅଧୀନେର ସ୍ଥାପିତ ପ୍ରାକ୍ ?ବିବାହ ପରାମର୍ଶ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବ ଫକୀରେମୋହନ ବିଶ୍ୱବିଦ୍ୟାଳୟ ଠାରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଫକୀରେମୋହନ ବିଶ୍ୱବିଦ୍ୟାଳୟର ସହାୟତଠାେର ଏବଂ ବଲେଶ୍ୱର ସ୍ଥିତ ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନର ଅାୟୋଜନେର ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏହି ଅବସରେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରେଫସର ସେନ୍ତାଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭଠାେବ ଯୋଗେଦଇଥିେଲ । ସେ ତାଙ୍କ ଉଦ୍‌େ?ବାଧେନର ଦୃଢ଼ ଓ ସମନ୍ୱିତ ପରିବାର ଗଠନ ପାଇଁ ସଠିକ ଅାେଲାଚନା, ପରସ୍ପର ବୁଝାମଣା ଓ ମୂଲ୍ୟେବାଧ ଆଧାରିତ ସମ୍ପକର୍ ଗୁରୁତ୍ୱ ଉେଲ୍ଲଖ କରିଥିେଲ । ଯୁବ ଦମ୍ପତିମାନଙ୍କ ମେଧ୍ୟର ବିବାହ ପୂର୍ବ ସେଚତନତା ଓ ପରାମର୍ଶ ସେବାକୁ ସୁଦୃଢ଼ କରିବା ପାଇଁ ଏପରି କେନ୍ଦ୍ର ସ୍ଥାପନାର ପେଦେକ୍ଷପକୁ ସେ ପ୍ରଶଂସା କରିଥିେଲ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭଠାେବ ଓଡ଼ିଶା ରାଜ୍ୟ ମହିଳା ଅାୟୋଗର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ଉପସ୍ଥିତ ହୋଇ କାର୍ଯ୍ୟକାରୀ ଅାେଲାଚନା, ଲିଙ୍ଗ ସେମ୍ବଦନଶୀଳତା ଓ ଆଇନ



ସେଚତନତାର ଭୂମିକା ବିଷୟେର ଉଦ୍‌େ?ବାଧନ ଦେଇଥିେଲ । ସେ ବିବାହିତ ଜୀବନେର ବିରୋଧାତ୍ମକ ମେନାଭାବକୁ ରୋକିବା ଓ ନାରୀ ସଶକ୍ତିକରଣ ପ୍ରୋତ୍ସାହନେର ଏହାର ଗୁରୁତ୍ୱ ଉେଲ୍ଲଖ କରିଥିେଲ । ଓଡ଼ିଶା ରାଜ୍ୟ ମହିଳା ଅାୟୋଗର ସଦସ୍ୟା ଶ୍ରୀମତୀ ମୁକ୍ତା ସାହୁ ଓ ଶ୍ରୀମତୀ ପ୍ରତିଭା ଶତପଥୀ ମଧ୍ୟ ଅଭିଭାଷଣ ଦେଇ ବିବାହିତ ଜୀବେନର ପରାମଶର୍, ସେଚତନ ନିଷ୍ପତି ଓ ପରସ୍ପର ସମ୍ମାନର ଆବଶ୍ୟକତା ଉେଲ୍ଲଖ କରିଥିେଲ । ସେମାନେ ଯୁବପିଢ଼ୀଙ୍କୁ ନୂତନ ସ୍ଥାପିତ କେନ୍ଦ୍ରର ସେବା ଗ୍ରହଣ କରିବାକୁ ଆହ୍ୱାନ କରିଥିେଲ । ସ୍ନାତେକାତର ପରିଷଦର ଅଧ୍ୟକ୍ଷ ପ୍ରେଫସର ଭାସ୍କର ବେହେରା ଅତିଥି ଭଠାେବ ଯୋଗେଦଇ ଶିକ୍ଷାନୁଷ୍ଠାନମାନଙ୍କ ମେଧ୍ୟର ଏପରି ସାମାଜିକ ପ୍ରୟାସର ପ୍ରସଙ୍ଗିକତା ଉେଲ୍ଲଖ କରିଥିେଲ । ଏଥିସହ ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରେଫସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉେଦ୍ଦଶ୍ୟ ବିଷୟେର ଅବଗତ କରାଇଥିେଲ ।କାର୍ଯ୍ୟକ୍ରମ ଅବସରେର ଏକ ପ୍ରାଯୁକ୍ତିକ ଅଧିେବଶନ ଅାୟୋଜିତ ହୋଇଥିଲା ଏବଂ ପେର ଶିକ୍ଷାସାମଗ୍ରୀ ବଂଟନ କରାଯାଇଥିଲା । ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନର ସେକ୍ରେଟରୀ ଶ୍ରୀ ହରିଶ ଚନ୍ଦ୍ର ରାଜ ଓ ପ୍ରାକ୍ ?ବିବାହ ପରାମର୍ଶ କେନ୍ଦ୍ରର କେନ୍ଦ୍ରପ୍ରମୁଖ ଶ୍ରୀ ବିଜୟ କୁମାର ଆଚାର୍ଯ୍ୟ କେନ୍ଦ୍ରର ଲକ୍ଷ୍ୟ, ସେବା ଓ ପ୍ରସାର କାର୍ଯ୍ୟକଳାପ ସମ୍ପକର୍େର ଅବଗତ କରାଇଥିେଲ । କାର୍ଯ୍ୟକ୍ରମ ଶେଷେର ଜନସଂଖ୍ୟା ଅଧ୍ୟୟନ ବିଭାଗର ସହାୟକ ପ୍ରାଧ୍ୟାପିକା ଡ଼କ୍ଟର ଗ୍ରେସ ବି ମୁଣ୍ଡୁଙ୍କ ଧନ୍ୟବାଦ ଜ୍ଞାପନ କରିଥିେଲ । ଏହି ଅବସରେର ବଠାେଲଶ୍ୱରର ସାହାେଦବଖୁଂଟାେର ସ୍ଥାପିତ ପ୍ରାକ୍ ?ବିବାହ ପରାମର୍ଶ କେନ୍ଦ୍ରର ସରକାରୀ ଭଠାେବ ଉଦ୍ ?ଘାଟନ ଘୋଷଣା କରାଯାଇଥିଲା, ଯାହା ଅଂଚଳେର ସୁସ୍ଥ ସମ୍ପକର୍, ସେଚତନ ବିବାହ ନିଷ୍ପତି ଓ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହନ ଦେବା ଦିଗେର ଏକ ଗୁରୁତ୍ୱପୂର୍ଣ୍ଣ ପେଦେକ୍ଷପ ବୋଲି ଉେଲ୍ଲଖ କରାଯାଇଛି ।

# ଜିଲ୍ଲା କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ




ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧକ୍ଷତାରେ ସ୍ଥାନୀୟ ନୂଆରାଜବାଟି କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ଓଡିଶା କଂଗ୍ରେସ ସହ ପ୍ରଭାରୀ ଜେଟ୍ଟୀ କୁସୁମ କୁମାର ଭାରତୀୟ ଜାତୀୟ କଂଗ୍ରେସ ପତାକା ଉତୋଳନ କରିଥିଲେ । ନବନିଯୁକ୍ତ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, କୋଷାଧକ୍ଷ, ପ୍ରତ୍ୟେକ ବ୍ଲକ, ବିଜ୍ଞାପିତ ପରିଷଦ ଏବଂ ନୟାଗଡ଼ ପୌରପାଳିକା କଂଗ୍ରେସ କମିଟିର ସଭାପତି ମାନଙ୍କୁ ସ୍ୱାଗତ କରି ଦଳୀୟ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ସାଙ୍ଗଠନିକ ଗୁରୁଦାୟିତ୍ୱ ହସ୍ତାନ୍ତର କରିଥିଲେ । ଜିଲ୍ଲା ସଭାପତି ଦାଶ ନୂତନ କାର୍ଯ୍ୟକର୍ତା ମାନଙ୍କୁ ନିଷ୍ଠାପର ଭାବେ ସାଙ୍ଗଠନିକ ଦାୟିତ୍ୱ ସମ୍ପାଦନ ପାଇଁ ଶପଥ କରାଇ ଥିଲେ । ଫେବୃଆରୀ ମାସ ସୁଦ୍ଧା ଜିଲ୍ଲାର ୨୪ ଜିଲ୍ଲା ପରିଷଦ ଜୋନ ସଭାପତି ଚୟନ, ବ୍ଲକ କଂଗ୍ରେସ ପୂର୍ଣ୍ଣାଙ୍ଗ କମିଟି ଗଠନ କରିବା ସହିତ ଦଳୀୟ ଶୃଙ୍ଖଳା ଆଧାରରେ ସାଧାରଣ ଲୋକଙ୍କ ସମସ୍ୟା ସହିତ କାର୍ଯ୍ୟକର୍ତା ମାନେ ଯୋଡି ହେବା ପାଇଁ କୁସୁମ କୁମାର ପରାମର୍ଶ ଦେଇଥିଲେ । ବ୍ଲକ ସଭାପତି ମାନଙ୍କ ସାଙ୍ଗଠନିକ କାର୍ଯ୍ୟକୁ ପ୍ରତ୍ୟେକ ତିନିମାସରେ ତର୍ଜମା କରାଯିବ ବୋଲି କହିଥିଲେ । ବରିଷ୍ଠ ଉପସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ତ୍ରିପାଠୀଙ୍କୁ ଜିଲ୍ଲା କଂଗ୍ରେସ ସଂଗଠନ ସ୍ଥିତି ତଦାରଖ ଦାୟିତ୍ୱ ଅର୍ପଣ କରାଯାଇଛି । ପ୍ରତ୍ୟେକ ମାସରେ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ବୈଠକ ଆୟୋଜନ କରାଯାଇ ସାଙ୍ଗଠନିକ ଦକ୍ଷତା ତର୍ଜମା କରିବା ପାଇଁ କୁସୁମ କୁମାର ଡିସିସି ସଭାପତିଙ୍କୁ ପରାମର୍ଶ ଦେଇଥିଲେ । ସଭା ପ୍ରାରମ୍ଭରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାନ୍ହୁଚରଣ ଲେଙ୍କାଙ୍କ ଆତ୍ମା ସଦଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ହୁସେନ ଖାଁ, ପୂର୍ବତନ ଡିସିସି ସଂଯୋଜକ ସତ୍ୟବ୍ରତ ନାୟକ, ରଣପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁପ୍ରସାଦ ମିଶ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ବରିଷ୍ଠ ସେବାଦଳ କର୍ମୀ ଦିଗାମ୍ବର ବେହେରାଙ୍କ ସମେତ ବିଭିନ୍ନ ଛାମୁଆ ସଂଗଠନ ମୁଖିଆ ମାନେ ଉପସ୍ଥିତ ଥିଲେ । ମାର୍ଚ୍ଚ ମାସ ସୁଦ୍ଧା ଜିଲ୍ଲାରେ ଦଳର ସାଙ୍ଗଠନିକ ପ୍ରକ୍ରିୟା ଚୂଡାନ୍ତ ପ୍ରକ୍ରିୟା ପରେ ଏପ୍ରିଲ ମାସ ଠାରୁ ଜିଲ୍ଲାବ୍ୟାପି ପଦଯାତ୍ରା ଆୟୋଜନ କରାଯାଇ ଲୋକଙ୍କ ମୌଳିକ ସମସ୍ୟା ସହିତ ଯୋଡିହେବାର କାର୍ଯ୍ୟକ୍ରମ ରହିଥିବା ଜିଲ୍ଲା ସଭାପତି ଶ୍ରୀ ଦାଶ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଛନ୍ତି ।

# ଆଇ.ଏ.ପି.ଏମ୍ ହାଉସରେ ପ୍ଲାଜ୍ମା କୋଷ ରୋଗ ସମ୍ବନ୍ଧୀୟ ପ୍ରଶିକ୍ଷଣ

କଟକ(ନିପ୍ର): ଆଇ.ଏ.ପି.ଏମ୍. ହାଉସ, ଚହଟା ଠାରେ ପ୍ଲାଜ୍ମା କୋଷ ରୋଗ ସମ୍ବନ୍ଧୀୟ ନିରନ୍ତର ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବକାଶରେ ରାଜ୍ୟର ୧୦ଟି ମେଡିକାଲ କଲେଜ, ତଥା ରାଜ୍ୟ ବାହାରର ଅନ୍ୟୁନ ୨୦୦ ପର୍ଯ୍ୟନ୍ତ ନିଦାନ ବିଭାଗର ପିଜି ଛାତ୍ରଛାତ୍ରୀ ଏବଂ ଡାକ୍ତର ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବାଗ୍‌ଚି କ୍ୟାନସର ସେଂଟରର ନିର୍ଦ୍ଦେଶକ ଡାକ୍ତର କର୍ଣ୍ଣେଲ ଡି.କେ. ମିଶ୍ର ଉଦ୍‌ଘାଟନ କରିଥିଲେ କରିଥିବା ବେଳେ ଏହି ସଭାରେ ଡାକ୍ତର ନିମାଇଁ ଚରଣ ପରିଜା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଇଏପିଏମ୍‌ର ଯୁଗ୍ମ ସମ୍ପାଦିକା ଡାକ୍ତର ପ୍ରଣତୀ ମହାନ୍ତି ବାର୍ଷିକ ବିବରଣୀ ପାଠବେଳେ ଭାରତୀୟ ପାଥୋଲୋଜିଷ୍ଟ ଏବଂ ମାଇକ୍ରୋ ବାୟୋଲୋଜିଷ୍ଟ ସଂଘ ନ୍ୟାସନାଲ ହେଡକ୍ୱାଟର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ । ଭୁବନେଶ୍ୱର ବାଗଚୀ କର୍କଟ ଡାକ୍ତରଖାନାର ନିର୍ଦ୍ଦେଶକ ଡାକ୍ତର କର୍ଣ୍ଣେଲ ଦୀପକ କୁମାର ମିଶ୍ର, ପ୍ଲାଜ୍ମା କୋଷର ପରୀକ୍ଷା ଏବଂ ରୋଗ ନିରୂପଣ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏତଦ୍ ବ୍ୟତିତ ଡାକ୍ତର ରାଜେଶ ଭୋଳ, ଡାକ୍ତର ପ୍ରିୟଙ୍କା ସାମଲ, ଡାକ୍ତର ଶିଭାଙ୍ଗୀ, ଡାକ୍ତର ସୋମନାଥ ପାଢ଼ି, ଡାକ୍ତର ପ୍ରଜ୍ଞା ଲିସା ପଣ୍ଡା ଏବଂ ଡାକ୍ତର ଯୋଗସ୍ମୀତା ପାତ୍ର ରୋଗ ନିରୂପଣ ପଦ୍ଧତି ବିଷୟରେ ଆଲୋକପାତ କରିଥିଲେ । ଭାରତୀୟ ପାଥୋଲୋଜିଷ୍ଟ ଏବଂ ମାଇକ୍ରୋବାୟୋଲୋଜିଷ୍ଟ ସଂଘର ସଭାପତି ଡାକ୍ତର ଅଶରନ୍ତି କର ଏବଂ ନିରନ୍ତର ସାସ୍ଥ୍ୟ ଶିକ୍ଷାର ସମ୍ପାଦକ ଡାକ୍ତର ରଞ୍ଜନ ମଲ୍ଲିକଙ୍କ ଦ୍ୱାରା ନିରନ୍ତର ସାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମର ପ୍ରୋସିଡିଙ୍ଗସ୍ ଉନ୍ମୋଚନ ହୋଇଥିଲା । ଏହି ଅଧିବେଶନରେ ଡାକ୍ତର ବି.କେ.ନନ୍ଦ, ଡାକ୍ତର ଆର.ଏନ୍. ମଲିକ୍, ଡାକ୍ତର ଜ୍ଞାନେନ୍ଦ୍ରମହାନ୍ତି, ଡାକ୍ତର ଦେବହୁତି ମହାପାତ୍ର, ଡାକ୍ତର ସାଗରିକା ସାମନ୍ତରାୟ, ଡାକ୍ତର ସୀମର କୁମାର ବେହେରା, ଡାକ୍ତର କୌମୁଦି ପଟ୍ଟନାୟକ, ଡାକ୍ତର ଫକୀର ମୁଣ୍ଡା, ଡାକ୍ତର ଅମୀତ ଆଧା, ଡାକ୍ତର ଶୁଭ୍ରାଂଶୁ ହୋତା ଏବଂ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ ।

# ବେତନଟୀ ମୁଖ୍ୟ ବଜାର ରାସ୍ତା ବିପଦ ସଙ୍କୁଳ

ବୈଶିଙ୍ଗା(ନିପ୍ର): ବେତନଟୀ ଗ୍ରାମପଂଚାୟତ କାର୍ଯ୍ୟାଳୟଠାରୁ ଜାତୀୟ ରାଜପଥ ୧୮ନମ୍ବର ପର୍ଯ୍ୟନ୍ତ ପ୍ରାୟ ଏକ କି.ମି. ରାସ୍ତାଟି ବେତନଟୀର ମୁଖ୍ୟ ବଜାର ମଧ ଦେଇ ଯାଇଅଛି । ମଝିରେ ଚଣ୍ଡୀ ଛକରେ ମନ୍ଦିର ଓ ମଧୁସୂଦନ ଦାସଙ୍କ ଆବକ୍ଷ ପ୍ରତିମୂର୍ତି ରହିଅଛି । ଠିକ୍ ସେଠାରୁ ଥାନା, ସବ୍ ଟ୍ରେଜେରୀ, ଅବକାରୀ ବିଭାଗ,ଜଙ୍ଗଲ ବିଭାଗ,ସବ୍ ରେଜିଷ୍ଟ୍ରାର, ତହସିଲ ସମେତ ଏକ ବ୍ୟାଙ୍କ ଶାଖା ଓ କଚେରୀ ହୋଇ ମୁଖ୍ୟ ରାସ୍ତାଟିଏ ଅଛି । ସେହିଭଳି ଚଣ୍ଡୀଛକରୁ ବଡ଼ସାହିକୁ ରାସ୍ତା ଲମ୍ବିଯିବା ସହ ମଝିରେ ଆନନ୍ଦବଜାର ରହିଛି । ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଦୋକାନ, ଚାରିଗୋଟି ବ୍ୟାଙ୍କ, ଉଚ୍ଚ ବିଦ୍ୟାଳୟର ଖେଳ ପଡିଆ, ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହ ବଜାରର ଘରୋଇ ଓ ସରକାରୀ ଦୁଇଟି ବସ୍‌ଷ୍ଟାଣ୍ଡ,ଗୋଟିଏ ବିବାହ ମଣ୍ଡପ, ପରିବା ମାର୍କେଟ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ କାର୍ଯ୍ୟାଳୟ ଭଳି ଅନେକ ଅନୁଷ୍ଠାନ ରହିଅଛି । ଏହି ରାସ୍ତାର ମଝିରେ ଡିଭାଇଡର ନାହିଁ କି ଗତିରୋଧକ ହାମ୍ପସ ମଧ ନାହିଁ । ଏପରିକି ପୂର୍ତ୍ତ ବିଭାଗ, ଯାନ ବାହାନର ବେଗ ନିୟନ୍ତ୍ରକ ସାଇନବୋର୍ଡ଼ ଲଗାଇ ନାହିଁ । ଚଣ୍ଡୀ ଛକରେ ଅବଶ୍ୟ ଜଣେ ହୋମଗାର୍ଡ ଦୀର୍ଘ ବର୍ଷ ଧରି ଛିଡା ଥାଆନ୍ତି । କିନ୍ତୁ ଅମାନିଆ ମୋଟର ସାଇକେଲ ଚାଳକ ଉତମ ରାସ୍ତା ଦେଖି ଦୋକାନବଜାର ଜନସମାଗମକୁ ଭୃକ୍ଷେପ ନ କରି ଦ୍ରୁତଗତିରେ ଗାଡି ଚାଳନା କରି ପ୍ରାୟତଃ ଯାଆସ କରୁଛନ୍ତି । ବିଶେଷ କରି ଉଚ୍ଚ ବିଦ୍ୟାଳୟଟି ଏହି ରାସ୍ତା ପାର୍ଶ୍ୱରେ ଅବସ୍ଥିତ । ଫଳତଃ ଧନଜୀବନ ଆଶଙ୍କା ସୃଷ୍ଟି ହେଉଛି ବୋଲି ସିଭିଲ ସୋସାଇଟି ଏହାର ପ୍ରତିକାର ଦାବି କରିଅଛି । ପ୍ରଥମେ ମୌଖିକ ଏବଂ ଆଜି ଚିଠି ନଂ ୮୩(୩) ତା୧୬-୦୨-୨୦୨୬ରେ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ସ୍ଥାନୀୟ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଏବଂ ବେତନଟୀ ଥାନା ଅଧିକାରିଣୀ ସମେତ ଉପଖଣ୍ଡର ପୋଲିସ ଅଧିକାରୀଙ୍କୁ ମଧ ଏହି ପତ୍ରର ନକଲ ପ୍ରଦାନ କରି ଗତି ନିୟନ୍ତ୍ରକ ସାଇନବୋର୍ଡ ଲଗାଇବା ସହ ହମ୍ପସ ନିର୍ମାଣ ଓ ପୋଲିସ ଚେକିଂର ଦାବି ଜଣାଇଛନ୍ତି ।

# ଇଫ୍‌କୋ ପାରାଦ୍ୱୀପ ୟୁନିଟ ପକ୍ଷରୁ ଏସସିବି ମେଡିକାଲକୁ ଷ୍ଟିଲ ଚେୟାର ପ୍ରଦାନ




ପାରାଦୀପ(ନିପ୍ର): ଇଫ୍‌କୋ ପାରାଦ୍ୱୀପ ୟୁନିଟ ତରଫରୁ କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ର ମେଡ଼ିସିନ ବିଭାଗକୁ ୫୦ଗୋଟି ତିନି-ଜଣିଆ ବସିବା ଷ୍ଟିଲ ଚେୟାର ପ୍ରଦାନ କରାଯାଇଅଛି । ଏସ. ସି. ବି ମେଡିକାଲ ନୂତନ ମେଡ଼ିସିନ ବିଭାଗ ପରିସରରେ ପ୍ରଫେସର ଡା.ଜୟନ୍ତ କୁମାର ପଣ୍ଡା ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ. ସି. ବି ମେଡିକାଲ କଲେଜ ଓ ହସ୍ପିଟାଲ ର ଅଧକ୍ଷା ପ୍ରଫେସର ଡା.ଲୁସି ଦାସ, ମେଡିକାଲ ଅଧିକ୍ଷକ ଡ଼ା.ଗୌତମ କୁମାର ଶତପଥୀ, ଅତିରିକ୍ତ ଅଧିକ୍ଷକ ଜୋତ୍ରୀମୟ ନାୟକ, ମେଡ଼ିସିନ ବିଭାଗ ମୁଖ୍ୟ ଡ଼ା.ସରୋଜ କୁମାର ତ୍ରିପାଠୀ, ଇଫ୍‌କୋ ପାରାଦ୍ୱୀପ ୟୁନିଟ ର ଲୋକ ସମ୍ପର୍କ ଅଧିକାରୀ ଡ଼ଃ.ପ୍ରସନ୍ନ କୁମାର ବେଉରା ପ୍ରମୁଖ ଉପସ୍ଥିତ ରହି ମେଡ଼ିସିନ ବିଭାଗର ୭ଟି ୟୁନିଟ, ମେଡ଼ିସିନ ବହିର୍ବିଭାଗ, ମେଡ଼ିସିନ ଆଇ.ସି.ୟୁ, ଆଶୁ ଚିକିତ୍ସା ବିଭାଗ, ମେଡ଼ିସିନ କ୍ୟାବିନ୍ ? ସହିତ ରକ୍ତ କେନ୍ଦ୍ର ଓ ଅନ୍ୟ ଆବଶ୍ୟକ ସ୍ଥାନ ପାଇଁ ଏହି ଚେୟାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସ.ସି.ବି ମେଡିକାଲ ଅଧକ୍ଷା ଡ଼ା.ଲୁସି ଦାସ କହିଥିଲେ ଯେ ଇଫ୍ ?କୋର ଏହି ଚେୟାରଗୁଡ଼ିକ ମେଡିସିନ୍ ବିଲ୍ଡିଂରେ ରୋଗୀ ଓ ମେଡିସିନ୍ ବିଭାଗର ସୁବିଧା ବୃଦ୍ଧି କରିବାରେ ସହାୟକ ହେବା ସହ ଇଫ୍‌କୋ ର ବ୍ୟାପକ ସାମାଜିକ ଅବଦାନକୁ ମଧ ଉଚ୍ଚ ପ୍ରଶଂସା କରିଥିଲେ । ସେହିପରି ମେଡିକାଲ ଅଧିକ୍ଷକ ଡ଼ା.ଗୌତମ ଶତପଥୀ ଇଫ୍‌କୋର ସମୟୋପଯୋଗୀ ସହଯୋଗକୁ ପ୍ରଶଂସା କରିବା ସହ ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ୍ ଓ ପାରାଦୀପ ୟୁନିଟ୍ ମୁଖ୍ୟ ପି.କେ.ମହାପାତ୍ରଙ୍କୁ ଗଭୀର କୃତଜ୍ଞତା ଜଣାଇଥିଲେ । ସୋମବାର ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ବିଶ୍ୱରଂଜନ ସାହୁ, ପ୍ରଭାତ କୁମାର ବେହେରା, ଦିବ୍ୟ ରଞ୍ଜନ ପରିଡା, ମାନସ ରଞ୍ଜନ ନାୟକ, ବିଭୁଦତ ନାୟକ ଙ୍କ ସହିତ ନର୍ସିଂ ଅଫିସର ମାନେ ପରିଚାଳନା କରିଥିଲେ ।

# ସବୁ ମଣ୍ଡିରେ କଟ୍‌ନି ଛଟ୍‌ନି: ଲାଗୁନି ସରକାରଙ୍କ ଅଙ୍କୁଶ



ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକର ସମସ୍ତ ଧାନ ମଣ୍ଡିରେ ଚାଲିଛି କଟନି ଛଟନି । କୌଣସି ମଣ୍ଡିରେ ଲାଗୁନି ସରକାରଙ୍କ ଅଙ୍କୁଶ । ଶିକାର ହେଉଛି ବିଚରା ଚାଷୀ ।କାହା ପାଖରେ ଅଭିଯୋଗ କରିବେ । ଶୁଣିବବା କିଏ । ଏହିପରି ଦୁର୍ଦ୍ଦଶା ଭିତରେ ଚାଷୀ ଭାଗ୍ୟକୁ ଦୋଷ ଦେବା ହିଁ ସାର ବୋଲି କହିଛନ୍ତି । ବାଲିଆପାଳ ବ୍ଲକର ୧୬ଗୋଟି ସେବା ସମବାୟ ସମିତି ମାଧ୍ୟମରେ ମିଲର ମାନେ ଚାଷୀଙ୍କ ପାଖରୁ ଧାନ କ୍ରୟ କରୁଛନ୍ତି । ସରକାର ଧାନର ରେଟ ବଢ଼ାଇ ୩୧ଶହ କଲେ ଚାଷୀ ଖୋସି ହେଲେ । ମାତ୍ର ମଣ୍ଡିରେ ଧାନ ବିକ୍ରି ବେଳେ ମୁଣ୍ଡରେ ହାତ ଦେଉଛି । ଦେଭୋଗ ସେବା ସମବାୟ ସମିତିର ୮କେଜି ୫ଶହ ଗ୍ରାମ କଟା ଯାଉଥିବା ବେଳେ କୁଦମାନସିଂହ ସେବା ସମବାୟ ସମିତିରେ ୬ରୁ୮କେଜି, ବାଲିଆପାଳ ସେବା ସମବାୟ ସମିତିରେ ୭ରୁ୮କେଜି, ବଡାପାଳ ସେବା ସମବାୟ ସମିତିର ସେହିପରି ୮କେଜି ଧାନ କଟା ଯାଉଛି । କେତେକ ମଣ୍ଡିରେ ଥରେ ଧାନ କିଣା ଯାଇ ଆଉ ଧାନ କିଣା ଯାଉ ନାହିଁ ।ଯାହା ଫଳରେ ଚାଷୀଙ୍କୁ ମିଳିଥିବା ଟୋକନ କାମରେ ଆସୁନି କି ଧାନ ବିକ୍ରି କରି ହେଉନି ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଏହିପରି ବାଲିଆପାଳ ବ୍ଲକର ୨୮ ଗ୍ରାମ ପଂଚାୟତ ର ୧୬ଟି ସେବା ସମବାୟ ସମିତିରେ ଖୋଲା ଯାଇଥିବା ଧାନ ମଣ୍ଡିର ଅବସ୍ଥା । ପ୍ରକାଶ ଥାଉକି ଯେତେବେଳେ ଧାନ କେଜି ୧୨ଶହ ଥିଲା ସେତେ ବେଳେ ୨ରୁ୩କେଜି, ୨୧ ଶହ ବେଳେ ୪ରୁ୫ କେଜି ଧାନ କଟନି ଛଟନି ହେଉଥିଲା । ମାତ୍ର ଧାନ ରେଟ ଏବେ ଇମପୋର୍ଟ ସବସିଡି ମିଶି ୩୧ଶହ ହେଲା ବେଳେ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଏବେ ୮ରୁ୯ କେଜି ଧାନ କଟନି ଛଟନିରେ ପହଂଚିଲାଣି । ସରକାର ପରେ ସରକାର ବଦଳୁଛି ମାତ୍ର ଚାଷୀଙ୍କ ଦୁଃଖ ଦୂର ହେଉନି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ଦିଗରେ ସରକାର କଠୋର ପଦକ୍ଷେପ ନେବାକୁ ଦାବୀ ହେଉଛି ।

# ସୋର-ଅନନ୍ତପୁର ଛକରେ ଟ୍ରାଫିକ ସମସ୍ୟା ଗୁରୁତର

ସୋର(ନିପ୍ର): କୁପାରୀ-ଅନନ୍ତପୁର ରାଜ୍ୟ ରାଜପଥର ସୋର ପୌରପାଳିକା ଅନ୍ତର୍ଗତ ସୋର-ଅନନ୍ତପୁର ଛକ ଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ଅଧିକାଂଶ ସମୟରେ ଟ୍ରାଫିକ୍ ସମସ୍ୟ ଗୁରୁତର ହୋଇ ପଡୁଥିବାରୁ ଆମ୍ବୁଲାନ୍ସ, କୋର୍ଟ ଭେନ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଅଫିସର କର୍ମଚାରୀ ଯିବା ଆସିବାରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଫଳରେ ଯାନବାହାନ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହୁଥିବା ଦେଖାଯାଇଛି । ଏହି ଛକ ଦେଇ ଅନନ୍ତପୁର, ବାସୁଦେବପୁର ଏବଂ ଧାମରାକୁ ପ୍ରତ୍ୟେକ ସମୟରେ ଶତାଧିକ ଗାଡ଼ି ଚଳାଚଳ କରୁଥିବା ବେଳେ ଏହି ଛକରେ ଟ୍ରାଫିକ ଜାମ ହେବା ଫଳରେ ଅଟକିବା ସହିତ ଲୋକମାନେ ଯିବା ଆସିବା ଲୋକେ ହରକତ ହେଉଛନ୍ତି । ଏହି ସମୟରେ ରାସ୍ତା ଉପରେ ଉଠା ଦୋକାନୀମାନଙ୍କ ସହିତ ବାଇକ୍, ସାଇକେଲ ବେଧଡ଼କ ଭାବେ ରଖିଦେବା ଫଳରେ ଗାଡ଼ି ଗୁଡିକ ଦୀର୍ଘ ସମୟ ଅଟକ ରହିବା କାରଣରୁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି । ବିଶେଷ କରି ସକାଳ ୭ଟାରୁ ୧୦ଟା ଏବଂ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟ ଏହି ଟ୍ରାଫିକ୍ ସମସ୍ୟା ଅଧିକ ସୃଷ୍ଟି ହେଉଛି । ଏଠାରେ ଏକ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କରାଯିବା ସହିତ ସୋର ପୁଲିସ୍, ପୌର କାର୍ଯ୍ୟନିର୍ବାହ ଅଧିକାରୀ ଏବଂ ତହସିଲଦାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

# ବ୍ୟାପକ ପରିମାଣର ଖଇନି, ଗୁଟଖା ଜବତ କଲା ପୋଲିସ



ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଚାଲିଥିବା ଗୁଟଖା ଚଢ଼ାଉରେ ସଦରଥାନା ପୁଲିସକୁ ଆଜି ପୁଣି ଏକ ବଡ଼ ସଫଳତା ମିଳିଛି । ଜେଲରେ ରହିଥିବା ଅଭିଯୁକ୍ତ କମଳ ସାହୁର ଖୁଟୁବନ୍ଧ ସ୍ଥିତ ଘର ପଛପାଖରେ ରହିଥିବା ଗୋଦାମ ଉପରେ ପୁଲିସ ଚଢ଼ାଉ କରି ବିପୁଳ ପରିମାଣର ଗୁଟଖା ଓ ଖଇନି ଜବତ କରିଛି । ଖୁଟୁବନ୍ଧ ଗାଁ ମଝିରେ ରହିଥିବା ନିଜ ବାସଭବନ ପଛ ପାଖରେ ଏକ ବିଶାଳ ଗୋଦାମ କରାଯାଇଥିବା ନେଇ ପୁଲିସ ଖବର ପାଇଥିଲା । ସଦରଥାନା ଅଧିକାରୀ ପ୍ରିୟତମା ବେହେରା ସଦଳବଳେ ଚଢ଼ାଉ କରିଥିଲେ । ଘର ଭିତର ଓ ବାହାର ତାଲା ଝୁଲୁଥିବା ବେଳେ ଘରେ ଭିତରେ ରହିଥିବା ଲୋକେ ଭୟରେ ଖୋଲି ନଥିଲେ । ପୁଲିସ ଘର ପଛର ପାଖରୁ ଭିତରକୁ ପଶି ଗୋଦାମ ତାଲା ଭାଙ୍ଗିଥିଲା । ନୟାଗଡ଼ ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ତାଲା ଭଙ୍ଗା ଯାଇଥିଲା । ଉକ୍ତ ଗୋଦମ ଘର ଭିତରୁ ଅନେକ ଗୁଟଖା ଓ ଖଇନି ବସ୍ତା ଜବତ କରାଯାଇଛି । ଏହା ବାଦ ଗୋଦାମ ନିକଟସ୍ଥ ଖାଲି ସ୍ଥାନରେ ବ୍ୟାପକ ପରିମାଣର ଗୁଟଖା, ଜର୍ଦ୍ଦା, ଖଇନି ପୋଡ଼ି ଦିଆଯାଇ ଥିବା ଦେଖିବାକୁ ମିଳିଥିଲା ଉକ୍ତ ସ୍ଥାନରେ ଏବେବି ନିଆଁ ଜଳୁଥିବା ଦେଖାଯାଇଛି । ଗୁଟଖା, ଖଇନି ସବୁ ଗତକାଲି କିମ୍ବା ଦୁଇ ଦିନ ପୂର୍ବରୁ ନିଆଁ ଲଗାଯାଇଥିବା ପୁଲିସ ଅନୁମାନ କରୁଛି । ନୟାଗଡ଼ରେ ବେଆଇନ ଗୁଟଖା କାରବାର ଉପରେ ପୁଲିସର କଡ଼ା ପଦକ୍ଷେପକୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି । ନୟାଗଡ଼ ଜିଲ୍ଲା ଓ ଆଖପାଖ ଜିଲ୍ଲାରେ ବେଆଇନ ଭାବେ ଗୁଟଖା କାରବାର କମଳ ସାହୁ ଚଲାଇ ଆସୁଥିବା ପୁଲିସ ସୂଚନା ଦେଇଛି । ରାଜ୍ୟ ତଥା ରାଜ୍ୟ ବାହାରୁ କମଳ ଖଇନି, ଗୁଟଖା, ଜର୍ଦ୍ଦା ଆଣି ବ୍ୟବସାୟ କରୁଥିଲେ । କମଳଙ୍କ ଚେର ରାୟପୁରରୁ ନୟାଗଡ଼ ଯାଏଁ ଲମ୍ବିଥିବା ପୁଲିସ କହିଛି । ପୁଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଥିବା ଏ ପର୍ଯ୍ୟନ୍ତ ଜବତ ଗୁଟଖା, ଗାଡ଼ିର ମୁଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱହେବ ବୋଲି ପୁଲିସ ସୂଚନା ଦେଇଛି ।

19001/36/2526

GOVERNMENT OF ODISHA
PANCHAYATIRAJ & D.W. DEPARTMENT
OFFICE OF THE PANCHAYAT SAMITI, BIRIDI
ori-biridi @nic.in

SHORT QUOTATION CALL NOTICE NO.01/2025-26

EXPRESSION OF INTEREST SCHEDULE

| | | |
|---|---|---|
| Name of the Work | : | Supply of the spare parts of Shallow Tube wells and DA TARA Hand Pump Tube wells |
| Cost of paper | : | Rs.4000/- (Rupees Four thousand) only in shape of Cash. |
| Date of Sale & Receipt of the EOI schedule paper | : | Dt.17.02.2026 to 23.02.2026 up to at 11.30 AM |
| Last date & time for receiving EOI schedule paper | : | Dt.23.02.2026 at 2.00 P.M |
| Opening of EOI | : | Dt.23.02.2026 at 4.30 P.M in the office of the Panchayat Samiti, Biridi |

N.B. : (1) Further details can be seen from the O/o the Panchayat Samiti, Biridi on the schedule Period, date and time
(2) Authority reserves the right to reject any or all of the notice without assigning any reasons thereof. No agency can demand the cause of rejection of his / her offer

Sd/-
Block Development Officer
Biridi

OIPR. 19001/19221/1/25-26/0001











ସଂସାରରେ ସତ୍ୟ ହିଁ ଏକମାତ୍ର ପ୍ରକୃତ ଆତ୍ମୀୟ, ସତ୍ୟ ଭିନ୍ନ ଆଉ କେହି ତୁମ୍ଭର ଆତ୍ମୀୟ ନୁହଁନ୍ତି ।

# ଆଜିକାଲି



ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଦର୍ଜୁନ
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି ।

## 'ଇ' ନିୟମ ପାଳନ ପାଇଁ ପରାମର୍ଶ

ଚିନ୍ତାଜନକ ପରିସ୍ଥିତିରେ ସଡ଼କ ଦୁର୍ଘଟଣା, ଯାହାକି ବିଶ୍ୱ ନୁହେଁ ସାରା ରାଜ୍ୟରେ ଜନସାଧାରଣଙ୍କ ମନରେ ଭୟ କରୁଛ । ପ୍ରାୟ ସବୁଦିନ ରାଜ୍ୟରେ ୧୭ଜଣ ନିହାତି ଭାବେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ଲୋକେ ବେପରୱା ହୋଇ ବିନା ହେଲମେଟରେ କାନରେ ମୋବାଇଲରେ କଥା ହୋଇ ଗାଡ଼ି ଚଳାଉଛନ୍ତି ଯେଉଁଥିପାଇଁ ଦୁର୍ଘଟଣା ଘଟି କେତେକେତେ ମୂଲ୍ୟବାନ ଜୀବନ ଅକାଳରେ ଚାଲିଯାଉଛି । ଜାତୀୟ ସଡ଼କ ସୁରକ୍ଷାମାସ ପାଳନ ଅବସରରେ ଗତ ସୋମବାର ଦିନ ଲୋକସେବା ଭବନ ସମ୍ମିଳନୀ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟରେ ବଢ଼ିଚାଲିଥିବା ସଡ଼କ ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଦୁଃଖିତ ହୋଇ କହିଥିଲେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସରକାର ସବୁମତେ ଉଦ୍ୟମ କରୁଥିଲା ବେଳେ ଜନସାଧାରଣ କିନ୍ତୁ ନିଜ ଦାୟିତ୍ୱକୁ ବୁଝି ସଚେତନ ହୋଇ ଗାଡ଼ି ଚଳାଇଲେ ଦୁର୍ଘଟଣାରୁ ବର୍ତିବା ସହ କୌଣସି ଜୀବନହାନୀ ହେବନାହିଁ । ମୁଖ୍ୟମନ୍ତ୍ରୀ କହିଥିଲେ କି ଏବେଠୁ ସଡ଼କ ସୁରକ୍ଷାକୁ ସୁଶାସନର ଅଂଶ ଭାବେ ଗ୍ରହଣ କରାଗଲା । ଏହାଦ୍ୱାରା ସରକାରୀ ଅଧିକାରୀମାନେ ଏହା ଉପରେ ଅଧିକ ସତର୍କ ରହିବେ । ଏହାକୁ ଭିତିକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋନା ସମ୍ମାନ ଘୋଷଣା କରିଥିଲେ । ଏହି ଯୋଜନାରେ ସମସ୍ତ ଜିଲ୍ଲା ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ଗୁଡ଼ିକୁ ସଡ଼କ ସୁରକ୍ଷା କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ଭିତିକରି ସମ୍ମାନିତ କରାଯିବ । ଏହାଛଡ଼ା ବିପଜ୍ଜନକ ସ୍ଥିତିରେ ଥିବା ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସରକାର ୪-ଇନୀତି ପ୍ରଚଳନ କରିଛନ୍ତି । ତେବେ ଏଥିରେ ଆଇ ୨-ଇଯୋଡ଼ିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଯେ ସଡ଼କ ସୁରକ୍ଷା ପାଇଁ ରାଜ୍ୟ ସରକାର ୪ଟି ଇ-ପାଳନ ଉପରେଗୁରୁତ୍ୱ ଦେଇଛନ୍ତି । ସେ ଗୁଡ଼ିକ ହେଲା ଶିକ୍ଷା (ଏଜୁକେସନ, ୨-ନିୟମର କଡ଼ାକଡ଼ି ପାଳନ (ଏନ୍‌ଫୋର୍ସମେଂଟ)୩-ଯାନବାହାନରେ ଉନ୍ନତ ଇଂଜିନିୟରିଂ ବିଦ୍ୟା ପ୍ରୟୋଗ ସହ ସଡ଼କ ସେତୁ ଆଦି ସୁରକ୍ଷିତ ଭିତିଭୂମି ନିର୍ମାଣ କରିବା (ଇଂଜିନିୟରିଂ) ୪ ଜରୁରୀ ସମୟରେ ତୁରନ୍ତ ଚିକିତ୍ସା ସହାୟତା ପ୍ରଦାନ (ଏମର୍ଜେନ୍ସି) । ଏହି ଚାରିଟି ନିୟମ ପାଳନ ସହିତ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଆଉ ଦୁଇଟି 'ଇ' ନିୟମ ପାଳନ ପାଇଁ ପରାମର୍ଶ ଦେଇଛନ୍ତି । ସେ ଦୁଇଟି ହେଲା ପରିବେଶ ବା (ଏନ୍‌ଭିରନ୍‌ମେଂଟ) ୬୦ ମୂଲ୍ୟାୟନ (ଇଭାଲ୍ୟୁମେନ) ଏସବୁକୁ ସଠିକ୍ ଭାବେ ପାଳନ କଲେ ନିଶ୍ଚିତ ଭାବେ ସଡ଼କ ଦୁର୍ଘଟଣା ହ୍ରାସ ପାଇବ ଏହା ନିଃସନ୍ଦେହ ।

# ସୌନ୍ଦର୍ଯ୍ୟ

◆ କୃଷ୍ଣପ୍ରିୟା ତ୍ରିପାଠୀ



ତ୍ୱଚାକୁ ସୁନ୍ଦର ଓ ସୁସ୍ଥ ରଖିବା ପାଇଁ ଆଜିକାଲି ମହିଳାମାନେ ଫେସିଆଲକୁ ଗୁରୁତ୍ୱ ଦେଉଛନ୍ତି । ଫ୍ରୁଟ ଫେସିଆଲ, ଡାଇମଣ୍ଡ ଫେସିଆଲ, ଗୋଲ୍ଡ ଫେସିଆଲଠୁ ଅଲଗା ହେଉଛି ମେଡ଼ି ଫେସିଆଲ । ଏହା ଏକ ନୂତନ ପ୍ରକାର ସ୍କିନ ଟ୍ରିଟମେଂଟ ହୋଇଥିବାରୁ ଉକ୍ତ ଫେସିଆଲର ଚାହିଦା ଖୁବ ବେଶି ।

# ୟୁରୋପ ବଜାରରେ ଭାରତର ପ୍ରବେଶ

◆ ସୌମେନ୍ଦ୍ର ଜେନା



ନିକଟରେ ଭାରତ-ୟୁରୋପୀୟ ସଂଘ ମଧରେ ବାଣିଜ୍ୟିକ ବୁଝାମଣା ଶେଷ ହୋଇସାରିଛି । ଏଥିପାଇଁ ୟୁରୋପୀୟ ସଂଘର ବହୁନେତା ଭାରତ ଆସିଥିଲେ । ୟୁରୋପୀୟ ସଂଘ କମିଶନର ଅଧକ୍ଷ ଉର୍ସୁଲା ତାଙ୍କ ବକ୍ତବ୍ୟରେ ଯେମିତି ଡାଭୋସରେ ଘୋଷଣା କରିଥିଲେ ସେମିତି ନୂଆଦିଲ୍ଲୀରେ ମଧ ବେଶ୍ ଆତ୍ମବିଶ୍ୱାସୀ ଜଣାପଡୁଥିଲେ । ପୃଥିବୀର ୨୦୦କୋଟି ଜନତାଙ୍କର ବିଶ୍ୱ ବାଣିଜ୍ୟର ଏକ ଚତୁର୍ଥାଂଶ ଜିଡିପି ରହିଥିବା ଏହି ଦୁଇ ଗଣତାନ୍ତ୍ରିକ ଶକ୍ତି ମଧରୁ ଗୋଟିଏ ବିଶ୍ୱର ଦ୍ୱିତୀୟ ଅର୍ଥନୀତି ହୋଇଥିଲା ବେଳେ ଅନ୍ୟଟି ଚତୁର୍ଥ ଅର୍ଥନୀତି ବୋଲି ସେ କହିଥିଲେ । ବିଶ୍ୱର ସର୍ବବୃହତ ବାଣିଜ୍ୟ ବୁଝାମଣା ଭାରତ ସହ କରିବା ପରେ ସେ ବିଶ୍ୱରେ ଯୋଗାଣଧାରାକୁ କାଏମ ରଖି ରୋଜଗାର ସୃଷ୍ଟି ଏକମୁଖୀ ନିର୍ଭରଶୀଳତାକୁ ହ୍ରାସ କରିବ ବୋଲି କହିଥିଲେ । ନୀତି ଆଧାରିତ ବାଣିଜ୍ୟ ଏବଂ ମୁକ୍ତ ଆର୍ଥିକ କାରବାର ପାଇଁ ଏହା ମାର୍ଗ ପ୍ରଶସ୍ତ କରିବ, ୨୦୩୨ ସୁଦ୍ଧା ଏହି ବୁଝାମଣା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବ ଏହାଦ୍ୱାରା ୟୁରୋପୀୟ ବସ୍ତୁ ଉପରେ ୪ ବିଲିଅନ ୟୁରୋ ବାର୍ଷିକ ବଢ଼ିବ । ବୁଝାମଣାରେ ଭାରତ ପ୍ରଥମଥର ପାଇଁ ଏକ ସହଯୋଗୀ ରାଷ୍ଟ୍ରସମୂହକୁ ଅଧିକ ସୁବିଧା ଦେବାକୁ ରାଜି ହୋଇଛି । ୟୁରୋପର ଦାମୀ କାର ଉପରୁ ବର୍ତମାନ ରହିଥିବା ୧୧୦ ପ୍ରତିଶତ ଟିକସ ପରେ ୧୦ ପ୍ରତିଶତକୁ ହ୍ରାସ ପାଇବ । ମେସିନ ଉପରେ ଥିବା ୪୪ପ୍ରତିଶତ, ରାସାୟନିକ ପଦାର୍ଥରେ ୨୨ ପ୍ରତିଶତ ଏବଂ ଔଷଧ ଉପରେ ଥିବା ୧୧ ପ୍ରତିଶତ ଟିକସ ଶୂନ୍ୟସ୍ତରକୁ ଖସିଯିବ । ସେହିପରି ୟୁରୋପର ମଦ ଉପରେ ଥିବା ୧୫୦ପ୍ରତିଶତ ଟିକସ ୭୫ ପ୍ରତିଶତକୁ ଖସିବ । ପରେ ତାହା ୨୦ ପ୍ରତିଶତକୁ ହ୍ରାସ ପାଇବ । ଅଲିଭ ତେଲ ଉପରେ ଥିବା ୪୫ ପ୍ରତିଶତ ଟିକସ ଶୂନ୍ୟ ସ୍ତରକୁ ଖସିବ । ବିଦେଶୀ ପାଉଁରୁଟି ଏବଂ ଚକୋଲେଟ୍ ଉପରୁ ୫୦ ପ୍ରତିଶତ ଟିକସ ହ୍ରାସ ପାଇବ । ଏଆରଟେଲର ମାଲିକ ସୁନିଲ ଭାରତୀ ମିତଲଙ୍କ ଭାଷାରେ "ଏହି ବୁଝାମଣା ବିଶ୍ୱାସ, ସ୍ଥିରତା ଏବଂ ବହୁ ଦିନପାଇଁ ସହଯୋଗୀ ହେବାଲାଗି ବିଶ୍ୱକୁ ସନ୍ଦେଶ ଦେଇଛି । ଏହା ଫଳରେ ଡିଜିଟାଲ ଭିତିଭୂମି, ମହାକାଶରେ ସଂଯୋଗୀକରଣ, ନେଟୱାର୍କର ସୁରକ୍ଷା, ଭାରତରେ ନବସର୍ଜନ ପାଇଁ ୟୁରୋପର ସହଯୋଗ ସହ ବିଶ୍ୱବଜାରକୁ ଖୋଲିବ । ୟୁରୋପରେ ଟେଲିକମ୍ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଏଆରଟେଲ ପାଇଁ ରାସ୍ତା ଫିଟିଛି ।" ଏହା ଯୋଗୁ ଭୋକ୍ସୱାଗନ, ମର୍ସିଡିସ ବେଞ୍ଜ ଏବଂ ରିନଲ୍ଟ ପରି କମ୍ପାନୀର ପ୍ରାୟ ବାର୍ଷିକ ୨,୫୦,୦୦୦ କାର ଉପରୁ ଟିକସ ହ୍ରାସ ପାଇବ । ରୁଷିଆକୁ ୨୦୨୨ରୁ ଯାଉନଥିବା କିମ୍ବା ଟିକସଯୁକ୍ତ ହୋଇ ଆମେରିକା ଯାଉଥିବା ୟୁରୋପର କାରଗୁଡିକ ଭାରତର ବଡ ବଜାରରେ ସୁବିଧାରେ ବିକ୍ରିର ସୁଯୋଗ ଲାଭ କରିବେ । ସେମିତି ଭାରତର ଚମଡା, ସାମୁଦ୍ରିକ ଦ୍ରବ୍ୟ, ପୋଷାକପତ୍ର, ରାସାୟନିକ ପଦାର୍ଥ, ରବର, ଖଣିଜଦ୍ରବ୍ୟ, ମୂଲ୍ୟବାନ ପଥର, ଅଳଙ୍କାର ଆଦି ୟୁରୋପର ବଜାରରେ ବିକ୍ରିର ସୁବିଧା ପାଇବେ । ଭାରତରେ କ୍ଷୀର, ଘିଅ, ଲହୁଣି ପରି ଦୁଗ୍ଧଜାତ ପଦାର୍ଥ କ୍ଷେତ୍ରରେ ୟୁରୋପର କମ୍ପାନୀ ବିକ୍ରି ସୁବିଧା ପାଇବେ ନାହିଁ । ସେମିତି ୟୁରୋପରେ ଭାରତର ଚିନି, ମାଂସ, କୁକୁଡା ପରି ପଦାର୍ଥ ବିକ୍ରି ସୁବିଧା ପାଇବେ ନାହିଁ । ଦକ୍ଷତାଯୁକ୍ତ ଯୁବକ ଏବଂ ଶ୍ରମିକ ଉଭୟ ଦେଶରେ ନିଯୁକ୍ତି ସୁଯୋଗ ଲାଭ କରିବେ । ମାର୍ଚ୍ଚ ୨୦୨୫ସୁଦ୍ଧା ୟୁରୋପୀୟ ସଂଘର ଦ୍ୱିପାକ୍ଷିକ ବାଣିଜ୍ୟ ଭାରତ ସହ ୧୯୬ ବିଲିଅନ ଡଲାର ଥିଲା । ଆମେରିକା ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୧୩୨ ବିଲିଅନ ଡଲାର ରହିଥିଲା । ଚୀନ-ଭାରତ ମଧରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୮୪ ବିଲିଅନ ଡଲାର ରହିଥିଲା । ମୁକ୍ତ ବାଣିଜ୍ୟ ବୁଝାମଣା ପରେ କଟକଣା ଯୋଗୁ ଭାରତରୁ ଆମେରିକାକୁ ଯାଉନଥିବା ବସ୍ତୁ ୟୁରୋପରେ ବିକ୍ରିର ସୁବିଧା ପାଇବ । ନିକଟରେ ଆମେରିକା ଭାରତ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ଘୋଷଣା କରିଥିଲେ ମଧ ବଙ୍ଗଳାଦେଶ ସହ ଆଗୁଆ ଶୂନ୍ୟ ତାରିଫଯୁକ୍ତ ବାଣିଜ୍ୟ କରିବାକୁ ପ୍ରକାଶ କରିଛି । ଆମେରିକାର ଏହି ପଦକ୍ଷେପ ମୁକ୍ତ ବାଣିଜ୍ୟ ବୁଝାମଣା ପରେ ମଧ ବିଶ୍ୱାସ ଦୃଷ୍ଟିରୁ ଭାରତରେ ଦୁର୍ବଳ ରହିବ । ଅନେକ ରାଷ୍ଟ୍ର ଚୀନ ଏବଂ ଆମେରିକା ଉପରୁ ଭରସା ତୁଟାଇଥିବା ହେତୁ ଭାରତ ଉପରେ ଭରସା କରିବା ସ୍ୱାଭାବିକ । ଭାରତ ପରି ସର୍ବବୃହତ ଜନବହୁଳ ଏବଂ ବଡ ବଜାର ଅନ୍ୟ କୌଣସି ଦେଶରେ ମିଳିବ ନାହିଁ । କାରଣ ଆମେରିକା ଆଉ ଭରସାଯୋଗ୍ୟ ଦେଶ ହୋଇ ରହିନାହିଁ ବୋଲି ଜେପି ମୋର୍ଗାନ ସଂସ୍ଥାର ସିଇଓ ଜେମି ଡିମୋନ ପ୍ରକାଶ କରିଛନ୍ତି । ୟୁରୋପର ୧୪୪ଟି ସବ୍‌ସେକ୍ଟର କ୍ଷେତ୍ରରେ ଭାରତ ପ୍ରବେଶ କରିବ । ସେମିତି ଭାରତରେ ୧୦୨ଟି ସବ୍‌ସେକ୍ଟର କ୍ଷେତ୍ରରେ ୟୁରୋପ ସେବା ଦେବ । ପାରମ୍ପାରିକ ଔଷଧ ପ୍ରଚଳିତ ନଥିବା ଅଂଚଳରେ ଭାରତର ଔଷଧ ପ୍ରବେଶ ସୁବିଧା ଲାଭ କରିବ । ମୁକ୍ତ ବାଣିଜ୍ୟ ବୁଝାମଣାରେ କୃତ୍ରିମ ବୁଦ୍ଧିମ□, ସ୍ୱଚ୍ଛ ଟେକ୍‌ନୋଲୋଜୀ, ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ୟୁରୋପୀୟ ସଂଘରୁ ସହଯୋଗ ମିଳିବ । ୟୁରୋପର ୨ ଟ୍ରିଲିଅନ ବଜାରରେ ଭାରତ ପ୍ରବେଶ କରିବ । ୨୦୩୦ସୁଦ୍ଧା ଭାରତ ୟୁରୋପକୁ ୩୦୦ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରିବାକୁ ଲକ୍ଷ୍ୟ ରଖିଛି । ଦେଶର ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ ଏବଂ ତାମିଲନାଡୁର କ୍ଷୁଦ୍ର ଏବଂ କୁଟୀରଶିଳ୍ପ ଏଥିରୁ ଲାଭବାନ ହେବେ । ବିଶେଷକରି ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କ୍ଷେତ୍ରରେ ଭାରତ ଓ ୟୁରୋପୀୟ ସଂଘ ଉଭୟେ ଲାଭବାନ ହେବେ । ଯୁଦ୍ଧପୋତ ନିର୍ମାଣ, ବାଣିଜ୍ୟପୋତ ନିର୍ମାଣ, ବୁଡାଜାହାଜ ନିର୍ମାଣ, ବିମାନ ନିର୍ମାଣ କ୍ଷେତ୍ରରେ ଭାରତ ୟୁରୋପୀୟ ସଂଘର ଦକ୍ଷ କମ୍ପାନୀଗୁଡିକ ସହ ମିଶି କାର୍ଯ୍ୟକରିପାରିବ । ସ୍ୱିଡେନର ଫାବ୍ କମ୍ପାନୀ ଦ୍ୱାରା ନିର୍ମିତ ଗ୍ରୀପେନ ଯୁଦ୍ଧବିମାନ ଭାରତରେ ନିର୍ମାଣ ପାଇଁ ଏବେ ଇଚ୍ଛାପ୍ରକାଶ କରିଛି । ଦୁଇଦେଶର କମ୍ପାନୀଗୁଡିକ ମଧରେ ସହଯୋଗ ବଢିଲେ ଭାରତର କୁଶଳୀ ଶ୍ରମିକ ଏବଂ ୟୁରୋପର ନିବେଶର ସହଯୋଗରେ ନାହିଁ ନଥିବା କାର୍ଯ୍ୟ ସମ୍ଭବ ହେବ । ଏହି ବୁଝାମଣା ପରେ ବ୍ରିକ୍ସ ଏବଂ ୟୁରୋପୀୟ ସଂଘ ମଧରେ ଦୂରତା ହ୍ରାସ ପାଇବ । ଫ୍ରାନ୍ସ, ଇଟାଲୀ ଏବଂ ଜର୍ମାନୀ ବ୍ରିକ୍ସରେ ଯୋଗଦେବାକୁ ଆଗ୍ରହୀ ରହିଛନ୍ତି । ଭାରତର ମାଧମରେ ଏହା ସମ୍ଭବ ହେଲେ ୟୁରୋପରେ ଯୁଦ୍ଧ ଭୟ ହ୍ରାସ ହେବ ଏବଂ ଆମେରିକା କ୍ଷତି ସହିବ । ନବସର୍ଜନ, ଶିକ୍ଷା, ଗବେଷଣା ପରି ବହୁବିଧ କ୍ଷେତ୍ରରେ ବୁଝାମଣାର ପ୍ରଭାବ ପଡିବ । ୟୁରୋପର ୨୬୩.୫ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ବଜାର ଏବେ ଭାରତ ପାଇଁ ଖୋଲିଯିବ । ବିନା ଶୁଳ୍କରେ ଭାରତର ବସ୍ତ୍ର ୟୁରୋପର ବଜାରରେ ପ୍ରବେଶ କରିବ । ଏବେ ବାର୍ଷିକ ୭ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ଭାରତ ୟୁରୋପକୁ ରପ୍ତାନୀ କରୁଛି । ଅଥଚ ବଙ୍ଗଳାଦେଶ ବିନା ଶୁଳ୍କରେ ବାର୍ଷିକ ୩୦ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ୟୁରୋପକୁ ରପ୍ତାନୀ କରିଆସୁଛି । ତେଣୁ ଭାରତ ୩୦-୪୦ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ବାର୍ଷିକ ରପ୍ତାନୀ କରିପାରିବ । ୟୁରୋପକୁ ଭାରତ ପ୍ରତିବର୍ଷ ୬୦ପ୍ରତିଶତ ପ୍ରସ୍ତୁତ ବେଶପୋଷାକ ରପ୍ତାନୀ କରୁଛି । ତା ପଛକୁ କପଡା ୧୭ପ୍ରତିଶତ ଏବଂ ଫାଇବର ପୋଷାକ ୧୨ପ୍ରତିଶତ ରପ୍ତାନୀ କରୁଛି । ଭାରତରେ ୪୫୦ଲକ୍ଷ ଲୋକ ସିଧାସଳଖ ବସ୍ତ୍ର ଉଦ୍ୟୋଗରେ କାର୍ଯ୍ୟ କରୁଛନ୍ତି । ଦେଶର ୩୪୨ଟି ଜିଲ୍ଲାର ଲୋକେ ଏହି ଶିଳ୍ପରେ ସାମିଲ ଅଛନ୍ତି । ପ୍ରସ୍ତୁତ ପୋଷାକ ତିରୁପୁର, ବେଙ୍ଗାଲୁରୁ, ଗୁରୁଗ୍ରାମ, ଫରିଦାବାଦରୁ ଯାଉଥିବାବେଳେ କପଡା ବସ୍ତ୍ର କାରୁର, ପାନିପତ, ଅହମ୍ମଦାବାଦରୁ ଏବଂ ସିନ୍ଥେଟିକ ପୋଷାକ ସୁରତ, ଦାଦ୍ରା ଓ ନଗର ହାବେଳି, ମୁମ୍ବାଇରୁ ମୁଖ୍ୟତଃ ପ୍ରସ୍ତୁତ ହୋଇ ରପ୍ତାନୀ ହେଉଛି । ସେହିପରି ସିଲ୍‌କ କ୍ଷେତ୍ରରେ ଉତର ପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ବିହାରର ବୁଣାକାର କାର୍ଯ୍ୟ କରୁଛନ୍ତି । ୨୦୧୯ରେ ୟୁରୋପୀୟ ସଂଘ ସହ ମୁକ୍ତ ବାଣିଜ୍ୟ ବୁଝାମଣା ଶେଷକରି ଭିଏତନାମ ପରି ଦେଶ ଏବେ ୧୪ରୁ ବିଲିଅନ ୧୬ଡଲାର ମୂଲ୍ୟର ପୋଷାକ ପ୍ରତିବର୍ଷ ରପ୍ତାନୀ କରୁଛି । ଏଥିରୁ ଭାରତ ଶିକ୍ଷା କରିପାରିବ । ରପ୍ତାନୀ ବଢିଲେ ଏହି ଶିଳ୍ପରେ ରୋଜଗାର ଏବଂ ନିଯୁକ୍ତି ମଧ ବୃଦ୍ଧିପାଇବ । ୟୁରୋପ ଅନେକ ସାମଗ୍ରୀ ପାଇଁ ଚୀନ କିମ୍ବା ଆମେରିକା ଉପରେ ନିର୍ଭର କରିବ ନାହିଁ, ଏକଥା ସତ । ଅକ୍ଟୋବର ୨୦୨୫ରେ ଭାରତ-ଇକୋନୋମିକ ପାର୍ଟନରସିପ ଏଗ୍ରିମେ□ୟୁରୋପର ସ୍ୱିଜରଲାଣ୍ଡ, ନରୱେ,ଆଇସଲାଣ୍ଡ, ଲିଚେନଷ୍ଟେନ ସହ ହୋଇଥିଲା । ସେଥିରେ ଏହିସବୁ ରାଷ୍ଟ୍ର ଆସନ୍ତା ୧୫ ବର୍ଷରେ ଭାରତରେ ୧୦୦ ବିଲିଅନ ଡଲାର ପୁଞ୍ଜିନିବେଶ କରିବାକୁ ସହମତି ପ୍ରଦାନ କରିଥିଲେ । ସେମିତି ଡିସେମ୍ବର ୨୦୨୫ରେ ଭାରତ-ଓମାନ ବ୍ୟାପକ ଆର୍ଥିକ ସହଯୋଗ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ସେଥିରେ ୯୮ ପ୍ରତିଶତ ଭାରତର ବସ୍ତୁ ଶୁଳ୍କ ମୁକ୍ତ ଭାବେ ଓମାନର ବଜାରରେ ପ୍ରବେଶାଧିକାର ଲାଭ କରିଥିଲା । ଦେଖିବାକୁ ଗଲେ କୋରୋନା ସମୟରୁ ପୃଥିବୀର ଅନେକ ଦେଶର ଆର୍ଥିକସ୍ଥିତି ଖରାପ ରହିଆସିଛି । ହେଲେ ନରେନ୍ଦ୍ର ମୋଦିଙ୍କ ଦକ୍ଷତା, ନେତୃତ୍ୱ ଏବଂ ଆର୍ଥିକ ପରିଚାଳନା ଓ ନୀତି ଯୋଗୁ ଭାରତ ବିଶ୍ୱରେ ବିକାଶଧାରାରେ ଆଗରେ ରହିଆସିଛି । ଭାରତର ପ୍ରଗତି, ଆର୍ଥିକ ବିକାଶ ମୂଳରେ ଅନ୍ତ୍ୟୋଦୟ ବିଚାର ରହିଛି, ଅନ୍ୟ ଦେଶମାନଙ୍କୁ ସାଙ୍ଗରେ ଆଗକୁ ନେବାର ରହିଛି । ସେଥିପାଇଁ ଆମେରିକାର ଦାଦାଗିରି, ଅହଙ୍କାର, ସାମ୍ରାଜ୍ୟବାଦୀ ମାନସିକତାକୁ ପଛକରି ୟୁରୋପ ଭାରତ ଉପରେ ଆସ୍ଥା ପ୍ରକଟ କରିଛି । ଏକଥା ସତ ଯେ ଏକବିଂଶ ଶତାବ୍ଦୀ ଭାରତର ଏବଂ ତାହା ଏବେ ସ୍ପଷ୍ଟ ହେବାରେ ଲାଗିଛି । ଆଗାମୀ ଦିନରେ ବ୍ରାଜିଲ, କାନାଡା ଆଦି ରାଷ୍ଟ୍ର ସହ ବୁଝାମଣା ତା'ର ପ୍ରମାଣ ହେବ । ବିଶ୍ୱ ଏବେ ଭାରତମୁହାଁ ହୋଇଛି ଏବଂ ଆଗକୁ ହେବ । ଆମର ଦାୟିତ୍ୱ ଏହାକୁ ବଜାୟ ରଖିବା । ଟ୍ରମ୍ପ ବିଶ୍ୱକୁ ନାଲିଆଖି ଦେଖାଇ, ଶୁଳ୍କ ଲଗାଇ, ଦେଶ ଜବରଦଖଲର ଭୟ ଦେଖାଇ, ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଦେଶଭିତରୁ ଅପହରଣ କରିଆଣି ସାରା ବିଶ୍ୱକୁ ସନ୍ତ୍ରସ୍ତ କରିବାକୁ ଚେଷ୍ଟା କରିବା ସମୟରେ ମୋଦି ଟ୍ରମ୍ପଙ୍କ ସହ କଥା ନହୋଇ, ଅନେକ ବିଷୟରେ ମନ୍ତବ୍ୟ ନଦେଇ, ଟ୍ରମ୍ପଙ୍କ ଶୁଳ୍କ ଧମକ ଆଗରେ ଭୟ ନକରି ଯେପରି ସାହସ ଓ ଧୈର୍ଯ୍ୟର ସହ ଭାରତ ପାଇଁ ବିକଳ୍ପ ବଜାର ଖୋଲିବାକୁ ସକ୍ଷମ ହେଲେ ତାହା ବେଶ୍ ପ୍ରଶଂସନୀୟ । ଆଗାମୀ ଦିନରେ ଭାରତ ପାଇଁ ଏହା ବନ୍ଧୁ ଅର୍ଜନର କାରକ ହେବ । ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟିକ ବୁଝାମଣାକୁ ଦେଖି ଆମେରିକାର ଟ୍ରମ୍ପ ପ୍ରଶାସନର ବୁଦ୍ଧି ହଜିଯାଇଛି । ପ୍ରଶାସନର ସରକାରୀ ଅର୍ଥ ସଚିବ ସ୍କଟ ବେସେ□ କହିଛନ୍ତି, ରୁଷିଆଠାରୁ ତେଲ କିଣିବା ଯୋଗୁ ଆମେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲୁ । କିନ୍ତୁ ପରିଣତି କଣ ହେଲା ? ୟୁରୋପୀୟ ରାଷ୍ଟ୍ରଗୁଡିକ ଭାରତ ସହ ବାଣିଜ୍ୟିକ ବୁଝାମଣା କଲେ । ସେମିତି ଓ୍ୟସଡମ୍ ଟ୍ରି ଫଣ୍ଡସର ବିଶ୍ୱ ନିବେଶ ଅଧିକାରୀ ଜେରେମି ସ୍ୱାର୍ଜ କହିଛନ୍ତି, "ଉଦାରୀକରଣ ପରେ ଭାରତ ପ୍ରଥମେ ଆମେରିକା ସହ ବାଣିଜ୍ୟ ବୁଝାମଣା କରିବ ବୋଲି ମୁଁ ମନେ ମନେ ଭାବିଥିଲି । ଏ କ୍ଷେତ୍ରରେ ୟୁରୋପ ଆମକୁ ହରାଇଦେଲା ।" ଏହି ବୁଝାମଣାରୁ ଭାରତ ସବୁଠୁ ଅଧିକ ଲାଭାନ୍ୱିତ ହେବ ବୋଲି ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀର ପ୍ରକାଶ କରିଛନ୍ତି । ଭାରତ ସହ ୟୁରୋପ ମୁକ୍ତ ବାଣିଜ୍ୟ ବୁଝାମଣା କରି ଠିକ୍ କରିନାହିଁ ବୋଲି ଟ୍ରମ୍ପଙ୍କ ପ୍ରଶାସନ ମତ ଦେଇଛି । ଏହାର କାରଣ ହେଲା ୟୁରୋପ ସହ ଆମେରିକା ବାର୍ଷିକ ୩୦୦ ବିଲିଅନ ଡଲାରର ବ୍ୟବସାୟ କରିଥାଏ । ୟୁରୋପ ସହ ଭାରତର ବୁଝାମଣାପରେ ଆମେରିକାର ଅନେକ ବାଣିଜ୍ୟ ଭାରତ ନେବ, ଏଥିରେ ସନ୍ଦେହ ନାହିଁ । ୟୁରୋପରେ ଭାରତର ଚାଲ ଏବେ ଆମେରିକାକୁ ଚିନ୍ତାରେ ପକାଇ ଦେଇଛି । ଭାରତ-ୟୁରୋପ ମଧରେ ପ୍ରତିରକ୍ଷା ଓ ଟେକ୍‌ନୋଲୋଜୀ ସହଯୋଗ ବଢିଲେ ଆମେରିକାର ଅଧିକ କ୍ଷତି ହେବ ଏହା ନିଶ୍ଚିତ । ରୁଷିଆ ଏବଂ ୟୁରୋପ ମଧରେ ଭାରତ ସନ୍ତୁଳନ ରକ୍ଷାକାରୀ ଭାବେ କାର୍ଯ୍ୟକଲେ ତାହା ଆମେରିକାର ସ୍ୱାର୍ଥକୁ ଅଧିକ କ୍ଷତି ପହ□ଇବ । ଏହି ବୁଝାମଣା କେବଳ ଆରମ୍ଭ ମାତ୍ର, ଆଗାମୀ ଦିନରେ ବହୁତ କିଛି ହେବାଲୁ ବାକି ଅଛି ବୋଲି କହିଛନ୍ତି ଉର୍ସୁଲା ଭନଡେର ଲାୟେନ । ଏହି ବୁଝାମଣା ୨୦୨୭ ବେଳକୁ ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ହେବ, ଦୁଇପକ୍ଷ ମଧରେ ଅନେକ କିଛି ଭଲକାର୍ଯ୍ୟ ହେବ, ସମସ୍ତଙ୍କ ଦୃଷ୍ଟିକୁ ଆସିବ ବୋଲି କୁହାଯାଉଛି । ତେବେ ଏହି ବୁଝାମଣା ସବୁଦୃଷ୍ଟିରୁ ଯେମିତି ବଡ, ସେମିତି ବ୍ୟାପକ । ଭାରତ ଏକବିଂଶ ଶତାବ୍ଦୀର ନେତୃତ୍ୱ ନେଉଛି, ଆଗାମୀ ଦିନ ମାନଙ୍କରେ ମଧ ନେବ, ଏହା କେବଳ ପ୍ରକୃତରେ ଅୟମାରମ୍ଭ ମାତ୍ର ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ସ୍ମାର୍ଟ ଶ୍ରୀମତୀ



➲ ଚର୍ମ ରୋଗରେ ତୁଳସୀ ପତ୍ରକୁ ଲେମ୍ବୁ ରସ ସହିତ ମିଶାଇ ଲେପ ଦିଆଯାଇଥାଏ ।

➲ ବେଲପତ୍ରକୁ ଛେଚି ଖାଇଲେ ମଧୁମେହ ରୋଗ କମ୍ ହୋଇଥାଏ ।

➲ ନିମ ପତ୍ରର ରସ ପିଇଲେ ମଧୁମେହ ରୋଗ କମ୍ ହୋଇଥାଏ

➲ କଲରା ରସ ମଧୁମେହ ରୋଗ କମ୍ କରିବାର ଏକ ପରିଚିତ ଉପାୟ । ଏହି ସମସ୍ତ ଜିନିଷ ଘରେ ସହଜରେ ଉପଲବ୍ଧ ହୋଇଥାଏ ।

➲ ରସୁଣକୁ ସୋରିଷ ତେଲରେ ଫୁଟାଇ ପାଦରେ ଘଷିଲେ ଥଣ୍ଡା ହୋଇଥିଲେ ସେଥିରୁ ଆରମ ମିଳେ ।

➲ ଥଣ୍ଡା ହୋଇଥିଲେ ଗୋଲମରିଚକୁ ସିଝେଇ ସେହି ପାଣି ପିଇବା ଭଲ ।

➲ ତୁଳସୀ ସବୁଠୁ ପବିତ୍ର ଏବଂ ଆମ ଦେଶରେ ପୂଜା କରାଯାଏ । ତୁଳସୀ ପତ୍ରରେ କୀଟନାଶକ ଗୁଣ ରଥାଏ । ଏହାର ପତ୍ର ରସ ସହିତ ମହୁ ମିଶାଇ ପିଇଲେ କାଶ ଭଲ ହୋଇଥାଏ ।

➲ ଥକ୍କା ଲାଗୁଥିଲେ ଲୁଣକୁ ଗରମ ପାଣିରେ ମିଶାଇ ସ୍ନାନ କଲେ ଥକ୍କା ଦୂର ହୋଇଥାଏ ।

➲ ଦାନ୍ତ ବିନ୍ଧା ଦୂର କରିବା ପାଇଁ ଲବଙ୍ଗକୁ ଦାନ୍ତ ତଳେ ରଖିଲେ ବିନ୍ଧା ଦୂର ହୋଇଥାଏ ।

➲ ଲବଙ୍ଗକୁ ପେଶି ଗରମ କରି ମୁଣ୍ଡରେ ଲଗାଇଲେ ମୁଣ୍ଡବିନ୍ଧା ଦୂର ହୋଇଥାଏ ।

# ଜୀବନାନନ୍ଦ ଦାସ



## ଜନ୍ମ ତିଥି ଅବସରରେ

ଜୀବନାନନ୍ଦ ଦାସ ଜଣେ ବଙ୍ଗଳା କବି, ଲେଖକ, ଔପନ୍ୟାସିକ, ନିବନ୍ଧକାର । ପ୍ରଥମେ ତାଙ୍କୁ ବିଶେଷ ମାନ୍ୟତା ମିଳିନଥିଲା, କିନ୍ତୁ ଟାଗୋରଙ୍କ ପରେ ଭାରତର ମୁଖ୍ୟ କବି ଭାବେ ସେ ବେଶ ପରିଚିତ ପାଇଲେ । ତାଙ୍କର ଜଣେ ଅନୁବାଦକ କୃ□ନ୍ ବି.ସିଲି ବଙ୍ଗ ଦେଶର ମହାନ ଆଧୁନିକ କବି ଭାବେ ଜୀବନାନନ୍ଦଙ୍କୁ ସମ୍ବୋଧିତ କରିଛନ୍ତି । ଲେଖକ ତଥା ସାହିତ୍ୟ ସମୀକ୍ଷକ ଅମିତ ଚୌଧୁରୀ ମଧ ତାଙ୍କ ଲେଖାଗୁଡ଼ିକର ଗୁଣଗାନ କରିଛନ୍ତି । ଜୀବନାନନ୍ଦଙ୍କ କବିତା ଗୁଡ଼ିକ ବଙ୍ଗୀୟ ଚିନ୍ତା ଓ ଚେତନାର ଅଂଶବିଶେଷ । ନିରନ୍ତର ଲେଖନୀ ଚାଳନା କରୁଥିଲେ ହେଁ ସେ ଜଣେ ଅନ୍ତର୍ମୁଖୀ ଓ ଏକାନ୍ତ କବି ଥିଲେ । ଜୀବନକାଳ ମଧରେ ତାଙ୍କର ମାତ୍ର ୭ଟି କବିତା ପ୍ରକାଶ ପାଇଥିଲା । କିନ୍ତୁ କବିତା ସହିତ ସେ ଅନେକ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନା କରିଥିବା ତାଙ୍କ ମୃତ୍ୟୁ ପରେ ଜଣାପଡ଼ିଥିଲା । ତାଙ୍କର ଏକାଧିକ ଅପ୍ରକାଶିତ କୃତି ଏବେ ବି ପ୍ରକାଶ ପାଉଛି । ତାଙ୍କ ମା' କୁସୁମକୁମାରୀ ଦାସ ଜଣେ କବି ଥିଲେ । ଆଦୋର୍ଶୋ ଛେଲେ ତାଙ୍କର ପ୍ରସିଦ୍ଧ କବିତା । ଜୀବନାନନ୍ଦଙ୍କ ବାଲ୍ୟ ଶିକ୍ଷା ମା'ଙ୍କ ତ୍ୱାବଧାନରେ ହୋଇଥିଲା । ବ୍ରଜମୋହନ କଲେଜରୁ ମାଟ୍ରିକ ପାସ୍ କରି ୧୯୧୯ରେ କଲିକତାର ପ୍ରେସିଡେନ୍ସି କଲେଜରେ ଇଂରାଜୀ ସାହିତ୍ୟରେ ସେ ସ୍ନାତକ ହାସଲ କରିଥିଲେ । ସେହି ବର୍ଷ ତାଙ୍କ ପ୍ରଥମ କବିତା ବୋର୍ଷୋ - ଆବାହୋନ ସ୍ଥାନୀୟ ପତ୍ରିକାରେ ପ୍ରକାଶ ପାଇଥିଲା । କଲିକତା ୟୁନିଭର୍ସିଟିରୁ ଇଂରାଜୀରେ ଏମ୍‌ଏ ଡିଗ୍ରୀ ସହିତ ଜୀବନାନନ୍ଦ ଆଇନ ମଧ ଅଧୟନ କରିଥିଲେ । ପରେସେ ଶିକ୍ଷକତାରେ କ୍ୟାରିଅର ଆରମ୍ଭ କରିଥିଲେ । ୧୯୨୫ ବେଳକୁ ତାଙ୍କର ସାହିତ୍ୟ ଜୀବନ ଆରମ୍ଭ ହୋଇଥିଲା । ଝରା ପଲୋକ, ଧୂସର ପାଣ୍ଡୁଲିପି, ବନଲତା ସେନ୍, ମହାପୃଥିବୀ, ରୂପସୀ ବଙ୍ଗଲ, ସୁଦର୍ଶନୀ, ଆଲୋ ପୃଥିବୀ, ମାନବ ବିହଙ୍ଗମ ଆଦି ତାଙ୍କର ବହୁ ଚର୍ଚ୍ଚିତ କବିତା କୃତି । ପୂର୍ଣ୍ଣିମା, କଲ୍ୟାଣୀ, ଚାରଜୋନ, ମୃଣାଳ, ନିରୂପମଯାତ୍ରା ଆଦି ତାଙ୍କର ଉପନ୍ୟାସ ସଂକଳନ । ଶ୍ରେଷ୍ଠ କବିତା କୃତି ଲାଗି ମରଣୋପରାନ୍ତ ସାହିତ୍ୟ ଏକାଡ଼େମୀ ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ୧୮୯୯ ଫେବୃଆରୀ ୧୮ରେ ବଙ୍ଗ ପ୍ରଦେଶ ଅନ୍ତର୍ଗତ ବାରିସାଲଠାରେ ଜୀବନାନନ୍ଦ ଦାସ ଜନ୍ମଗ୍ରହଣ କରିଥିଲେ ।

# ତୀର୍ଯ୍ୟକ କହିଲେ କହିବ କହୁଛି

ନାରୀ ମାନଙ୍କୁ ଆମେ ସମସ୍ତେ ମାଆର ଆଖ୍ୟା ଦେଇଥାଉ । କାରଣ ନିଜ ଜନ୍ମ କଲା ମାଆ ପରି ପ୍ରତ୍ୟେକ ନାରୀ ମାନେ ମାତୃସୁଲଭ ଗୁଣରେ ପରିପୂର୍ଣ୍ଣ ଥାଇ ମାଆ ପରି ଅନ୍ୟମାନଙ୍କୁ ବ୍ୟବହାର କରିଥାଆନ୍ତି । ମାଆର ମମତାପଣିଆ, ସ୍ନେହ ଶ୍ରଦ୍ଧା ରୂପକ ଯେଉଁ ଖୁସିଟି ପିଲାମାନଙ୍କୁ ବୁଣି ଦିଏ ସେଇଟା ହିଁ ପିଲାମାନଙ୍କ ପାଇଁ ଏକ ଅମୂଲ୍ୟ ସଂପତି ହୋଇ ଯାଏ । ମାଆ କେବଳ ମାଆ, ନ ଥାଏ ତା' ପାଖରେ ହିଂସା ବାଦ, ପ୍ରତାରଣା ତଥା ବାଛବିଚାର । ଭଗବାନ ସେଥିପାଇଁ ତ ନାରୀ ମାନଙ୍କୁ ସୃଷ୍ଟି କରି ହୃଦୟରେ ଶ୍ରଦ୍ଧା ଓ ଭଲ ପାଇବା ରୂପକ ବୀଜଟିକୁ ବୁଣି ଦେଇଛନ୍ତି । ତାହାରି ମାଧମରେ ନାରୀ ଜଣକ ମାତୃସୁଲଭ ଗୁଣରେ ପରିପୂର୍ଣ୍ଣା ହୋଇ ଯେତେବେଳେ ବିବାହ ବନ୍ଧନରେ ବାନ୍ଧି ହୋଇ ଶାଶୁ ଘରକୁ ଚାଲିଯାଏ କର୍ମ ଓ କର୍ତବ୍ୟ କରିବା ପାଇଁ ସେତେବେଳେ ସେ ଶାଶୁ- ଶ୍ୱଶୁରଙ୍କ ପାଇଁ ବୋହୂ, ସାନ ମାନଙ୍କ ପାଇଁ ଭାଉଜ, ପିଲା ମାନଙ୍କ ପାଇଁ ମାଆ, ଖୁଡ଼ି, ବଡ଼ମାଆ ଏବଂ ସ୍ୱାମୀ ପାଇଁ ଭଲ ସ୍ତ୍ରୀର ଭୂମିକା ନିଭାଇ ସେ ତା'ର ଘରକୁ ସ୍ୱର୍ଗରେ ପରିଣତ କରିଦିଏ । ନିଜେ ଭଲ ପାଇବା ଓ ମମତାର ରଜ୍ଜୁରେ ପରିବାରକୁ ବାନ୍ଧି ରଖେ । ତା'ଛଡା ମିଠା ମିଠା ଭଲ ପାଇବା କଥାରେ ସାହି ପଡ଼ିଶାଙ୍କୁ ମଧ ସନ୍ତୁଷ୍ଟି କରିପାରେ । ସ୍ୱାମୀ ପାଇଁ ଏକାଧାରାରେ ମାଆ, ଶଯ୍ୟାସଙ୍ଗିନୀ, ବନ୍ଧୁ ଏବଂ ଭାଇ ଭଉଣୀ ପରି ସବୁକିଛି ଭୂମିକା ନିଭାଇଥାଏ । ଅବଶ୍ୟ ଏ ସବୁ ଗୁଣ ହୁଏତ ପୂର୍ବକାଳରେ ଥିଲା ବୋଲି ଆମେ ମନେ କରୁଛୁ । କାହିଁକି ନି ବର୍ତମାନର ନାରୀ (ସମସ୍ତେ ନୁହଁନ୍ତି) ଯେଉଁପରି ଭାବରେ ଭୂମିକା ନିଭାଉଛନ୍ତି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗିବା ସହ ଦୁଃଖ ମଧ ଲାଗେ । ନାରୀ ଆଜି ନାରୀ ତୁଲ୍ୟ ହୋଇ ରହି ନାହିଁ । ବରଂ ପୁରୁଷ ପରି ନିଜକୁ ଭାବି ସେଇ ଅନୁସାରେ ଘର କରିବାର କଥା । ଅନୁଷ୍ଠାନ ପଦପଦବୀରେ ନିଜକୁ ସାମିଲ କରି ଯେଉଁଭଳି ଭାବେ ତା'ର କାର୍ଯ୍ୟ ସଂପାଦନ କରୁଛି ତାହା ଦେଖିଲେ ଯେତିକି ଦୁଃଖ ଲାଗେ ସେତିକି ଖୁସି ମଧ ଲାଗେ । କାରଣ ଆମେ ପାଠପଢ଼ି ଯେତେ ଭଲ ମର୍ଯ୍ୟାଦା ଭଳି ପଦ ପଦବୀରେ ଥିଲେ ମଧ ଆମେ କଅଣ କେବେ ନାରୀ ବୋଲି ବିବେଚନା କରିବା ନାହିଁ କି ? ସମସ୍ତଙ୍କ ଆତ୍ମାକୁ ଚିହ୍ନିବା ଭଳି ଖାଦ୍ୟ ରାନ୍ଧି ଏବଂ ପରଶି ମାତୃତ୍ୱର ପରିପ୍ରକାଶ କରିପାରିଲେ ତାହାହିଁ ନାରୀ ତୁଲ୍ୟ ସଂଜ୍ଞା ନିଭାଇଥାଏ ।ବର୍ତମାନ କ୍ରୋଧ, ହିଂସା, ପ୍ରତାରଣା ଏପରି କଦର୍ଯ୍ୟ ଚିନ୍ତାଧାରା ଯେଉଁଭଳି ଭାବେ ଉଦ୍ରେକ ହେଉଛି ତାହାରି ମାଧମରେ ଘର ଶ୍ମଶାନରେ ପରିଣତ ହୋଇଯାଉଛି । ବର୍ତମାନ ପ୍ରତି ଘରେ ଘରେ ସେଇ ନାରୀ ମାନଙ୍କର ହତ୍ୟାଚାରର ନମୁନା ଦେଖିବାକୁ ମିଳୁଛି ସେଠି ଶାଶୁ ହେଉ କିମ୍ବା ନଣନ୍ଦ, ଯାଆ ଏବଂ ପରେ କିଛି ଭଲ ବୋହୂଙ୍କୁ ଛାଡ଼ି ଦେଲେ ଯେଉଁଭଳି ଭାବେ ବୋହୂ ମାନଙ୍କର କାଣ୍ଡକାରଖାନା ଦେଖିବାକୁ ମିଳୁଛି ତାହା ମନରେ ବହୁତ ଆଘାତ ଆସୁଛି । ନଜ ସ୍ୱାର୍ଥ ଛଡା ସେମାନେ ଅନ୍ୟ କାହାକୁ ଚିହ୍ନୁ ନାହାଁନ୍ତି । ପରିବାରକୁ ସଠିକ୍ ରୂପେ ପରିଚାଳିତ କରିବେ କଅଣ ମୋ ସ୍ୱାମୀ, ମୋ ଛୁଆ ଏଇ ଆମ ସଂସାର କହି ଶାଶୁ-ଶ୍ୱଶୁର, ଭାଇ-ଭଉଣୀଙ୍କ ଠାରୁ ସ୍ୱାମୀଙ୍କୁ ଅଲଗା କରିବାରେ ଏକଦମ ମାହିର ହୋଇ ଯାଇଛନ୍ତି । କିନ୍ତୁ ଏହା କଅଣ ନାରୀ ପାଇଁ ଉଚିତ କର୍ମ କି ? ଭଗବାନ କିପପରି ସଦ୍‌ବୁଦ୍ଧି ଦେଇ ନାରୀ ମାନଙ୍କୁ ସଠିକ୍ ମାର୍ଗ ଦେଖାଇ ଠିକ୍ ରାସ୍ତାକୁ ଆଣିବେ ତେବେ ଯାଇ ପରିବାର, ସମାଜ ସବୁ କିଛି ସୁସ୍ଥ ରହିପାରିବ ।





# ବାଲିଆପାଳ ବାଘାଯତୀନ ସ୍ମୃତି ସେବା ପରିଷଦ ପକ୍ଷରୁ ମାତୃ ପିତୃ ପୂଜନ ଉତ୍ସବ ପାଳିତ

ବାଲିଆପାଳ : (ନିପ୍ର) ବାଲିଆପାଳ ବାଘାଯତୀନ ସ୍ମୃତି ସେବା ପରିଷଦ ପକ୍ଷରୁ ଶନିବାର ସନ୍ଧ୍ୟାରେ ପୁରୁଣା ବସଷ୍ଟାଣ୍ଡ ଠାରେ ମାତୃ ପିତୃ ପୂଜନ ଉତ୍ସବ ପାଳିତ ହୋଇଯାଇଛି । ପରିଷଦର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସେନା ଅଧିକାରୀ ମନୋଜ କୁମାର ସି ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ବାଲିଆପାଳ ପୂର୍ବତନ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଳା, ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ ସଭାପତି ଅନୁଜ କୁମାର ମହାପାତ୍ର, ବରିଷ୍ଠ ଅଧ୍ୟାପକ ସୁସାହିତ୍ୟିକ ଡ଼ଃ ସୁକାନ୍ତ ଗିରି, ବରିଷ୍ଠ ସାମ୍ବାଦିକ ତଥା




ସମାଜସେବୀ ଅଜୟ କୁମାର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାତୃ ଓ ପିତୃ ପୂଜନର ଐତିହ୍ୟ ସମ୍ପର୍କରେ କହିଥିଲେ । ବୃଦ୍ଧାଶ୍ରମ ନୁହେଁ ଘରେ ପ୍ରତ୍ୟେକ ଲୋକ ମା ' ବାପା ଙ୍କୁ ରଖି ସେବା ଶୁଶ୍ରୁଷା କରିବା ଉଚିତ ବୋଲି ଅତିଥିମାନେ ମଧ କହିଥିଲେ । ମାତା ପିତାଙ୍କୁ ଯେଉଁ ପୁଅ ଝିଅ ମାନେ ଅଣ ଦେଖା କରନ୍ତି ସେମାନେ ଜୀବନରେ କେବେ ଉନ୍ନତି କରିପାରନ୍ତି ନାହିଁ, ସେମାନଙ୍କର ସବୁପୁଣ୍ୟ ନଷ୍ଟ ହୋଇ ଯାଏ ବୋଲି ଅତିଥିମାନେ ଏହି ଅବସରରେ କହିଥିଲେ । ପରିଷଦର ଆବାହକ କ୍ଷିତୀଶ କୁମାର ଜେନା ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ । ୫୦ ରୁ ଅଧିକ ବୃଦ୍ଧ ବୃଦ୍ଧା ମାତା ପିତାଙ୍କୁ ପରିଷଦ ପକ୍ଷରୁ ଫୁଲ ଚନ୍ଦନ,ଧୂପ ଦୀପ ଓ ଉପାୟନ ଦେଇ ପୂଜନ ତଥା ଭକ୍ତି ଅର୍ଘ୍ୟ ପ୍ରଦାନ କରା ଯାଇଥିଲା । ଜିତେନ୍ଦ୍ର କୁମାର ପାତ୍ର, ହରେନ୍ଦ୍ର ପରିଡା, ସଞ୍ଜୟ ଦାସ, ଅଜୟ ଦାସ, କାର୍ତ୍ତିକ ଜେନା, ମନୋରଞ୍ଜନ ବେହେରା, ହେମନ୍ତ ବାରିକ, ପଲଟୁ ବାରିକ, କାହ୍ନୁ ଚରଣ ପାତ୍ର, ଝାମ୍ପୁଡି ସାହୁ, ବୁଲୁ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବାଲିଆପାଳ ବ୍ଲକର ପ୍ରଥମ ଥର ପାଇଁ ଏପରି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ଦେଖିବାକୁ ମିଳିଥିଲା ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ୯୦ତମ ଶିବ ଜୟନ୍ତୀ ପାଳିତ

ବାଲିଆପାଳ : (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଡାଶ ଗ୍ରାମ ପଂଚାୟତ ଅନ୍ତର୍ଗତ ଜଗାଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ମହା ଶିବରାତ୍ରି ଅବସରରେ ରବିବାର ୯୦ ତମ ଶିବ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ କେନ୍ଦ୍ର ପରିସରରୁ ଏକ ସୁସଜ୍ଜିତ ଶିବ ବାବାଙ୍କ ରଥ ଶୁଭାଯାତ୍ରାରେ ବାହାରି କାଳିପଦା ବଜାର,ନାଭଡା,ଜଗାଇ,ମାଣିକ ସିମୁଳିଆ ଆଦି ଗ୍ରାମ ପରିକ୍ରମା କରିଥିଲା । ପରେ ପରେ ଆଧ୍ୟାତ୍ମିକ ସତସଙ୍ଗ ସହିତ ବାବାଙ୍କ ୯୦ତମ ଜନ୍ମ ଦିନ କେକ କଟାଯାଇଥିଲା,ଏଥି ସହିତ ଏହି ଅବସରରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆଧ୍ୟାତ୍ମିକ ଶିବ




ଝଣ୍ଡା ଉତୋଳନ କରାଯାଇଥିଲା । ସେହି ଝଣ୍ଡା ତଳେ ସମସ୍ତେ ସତ ଚିନ୍ତା,ସତ କର୍ମ ଓ ସତ ମାର୍ଗ ଅବଲମ୍ବନ କରିବାର ଶପଥ ନେଇଥିଲେ ।ବିଶ୍ୱବିଦ୍ୟାଳୟର ମୁଖ୍ୟ ସଂଚାଳିକା ବ୍ରହ୍ମା କୁମାରୀ ରମା ଭଉଣୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ସାମାଜିକ କର୍ମୀ ଅଜୟ କୁମାର ସାହୁ,ବଡାଶ ସରପଂଚ ଜଗନ୍ନାଥ ବିଶ୍ୱାଳ,ଅବସର ପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଭୁବନ ମୋହନ ପିଳା,ସାମ୍ବାଦିକା ରମିତା ବିଶ୍ୱାଳ ଏବଂ ବିକେ ଡାକ୍ତର ପୁରୁଷୋତମ ସିଂହ, ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବ ଝଣ୍ଡା ଉତୋଳନ କରିବା ସହିତ ଆଜିର ଦିବସ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଜଗାଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ରର ମୁଖ୍ୟ ପରିଚାଳକ ବ୍ରହ୍ମାକୁମାର ଶଚୀଦାନନ୍ଦ ଚଣ୍ଡ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେବଳ ଏକ ଅନୁଷ୍ଠାନ ନୁହେଁ ଏହା ପ୍ରତିଟି ମାନବ ମଧ୍ୟରେ ଆଧ୍ୟାତ୍ମିକ ମାର୍ଗକୁ ରୂପାନ୍ତରିତ କରି ମଣିଷ ଭିତରେ ଲୁକାୟିତ ଭାବରେ ରହିଥିବା ଦିବ୍ୟଜ୍ୟୋତିକୁ ଉଦୟିବିତ କରି ସତକର୍ମ ସତଚିନ୍ତା ଓ ସତ ଭାବନାକୁ ଜାଗ୍ରତ କରିଥାଏ ବୋଲି କହିଥିଲେ ।କାର୍ଯ୍ୟକ୍ରମରେ ବ୍ରହ୍ମା କୁମାରୀ ଆରାଧନା ଭଉଣୀ, ବ୍ରହ୍ମାକୁମାର ଶ୍ରୀହରି ଭାଇ,ବ୍ରହ୍ମା କୁମାର ଦୀପକ ଭାଇ,ବ୍ରହ୍ମା କୁମାର ବାବାଜୀ ଭାଇ ପ୍ରମୁଖ ଯୋଗଦେଇ ଶିବ ଜୟନ୍ତୀର ମହତ୍ୱ ବିଷୟରେ ବର୍ଣ୍ଣନା କରିବା ସହିତ ଶିବରାତ୍ରୀରେ ପ୍ରତିବର୍ଷ ପରମାତ୍ମାଙ୍କର ସର୍ବ ଆତ୍ମାଙ୍କ ପ୍ରତି ଈଶ୍ୱରୀୟ ସନ୍ଦେଶ ତ୍ରିମୂର୍ତ୍ତି ଶିବ ଜୟନ୍ତୀ (ଶିବରାତ୍ରି)ର ଆଧ୍ୟାତ୍ମିକ ରହସ୍ୟକୁ ଲୋକଙ୍କ ପାଖକୁ ପହଂଚାଇବା ପାଇଁ ଏହିକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ବୋଲି କହିଥିଲେ ।

# ବରିଷ୍ଠ ରେଡ଼ିଓ ପ୍ରଚାରକଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର : ସ୍ଥାନୀୟ ଏକାମ୍ର ହାଟଠାରେ ଅନୁଷ୍ଠିତ ରେଡ଼ିଓ ମେଳାରେ ଦୀର୍ଘ ୫୬ବର୍ଷ ଧରି ରେଡିଓର ପ୍ରଚାର ଓ ପ୍ରସାର ସହିତ ବିଭିନ୍ନ ରେଡ଼ିଓ ସଂଗ୍ରହାଳୟର ବୋଲଗଡ଼ରେ ସ୍ଥାପନା କରିଥିବା ବରିଷ୍ଠ ରେଡ଼ିଓ ପ୍ରେମୀ ୮୭ବର୍ଷ ବୟସ୍କ ଅକ୍ଷୟ ପଟ୍ଟନାୟକଙ୍କୁ ସାମାଜିକ ଅନୁଷ୍ଠାନ ନାରାୟଣ ସେବା ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯାଇଛି । ଆଜିର ଯୁବପୀଢ଼ୀ ରେଡିଓ ପ୍ରତି କିପରି ଅଧିକରୁ ଅଧିକ ଆଗ୍ରହୀ ହେବେ ସେ ଦିଗରେ ସର୍ବଦା ଚେଷ୍ଟା କରିଆସୁଛନ୍ତି । ସରକାରଙ୍କ ଠାରୁ କୌଣସି ପ୍ରୋତ୍ସାହନ ନପାଇ ନିଜ ଉଦ୍ୟମରେ ରେଡ଼ିଓର ପ୍ରାସଂଗିତା ସମ୍ପର୍କରେ ସମସ୍ତଙ୍କୁ ବୁଝାଇବାର ନିଆରା ପ୍ରୟାସ କରିଆସୁଛନ୍ତି । ସାଂପ୍ରତିକ ସମୟରେ ରେଡିଓର ଚାହିଦା ସାମାନ୍ୟ କମିଥିବାବେଳେ ନିଜର ଦୃଢ଼ ନିଷ୍ଠା, ଇଚ୍ଛାଶକ୍ତି ତଥା ପରିଶ୍ରମ ଦ୍ୱାରା ରେଡ଼ିଓର ଉପକାରିତା ଲୋକାଭିମୁଖୀ ବିଭିନ୍ନ କାର୍ଯ୍ୟକ୍ରମ ପ୍ରମୁଖକୁ ସାଧାରଣ ଜନତାଙ୍କ ପାଖରେ ପହଂଚାଇବାର ଅଦମ୍ୟ ସାହସ ନିରବଚ୍ଛିନ୍ନ ଭାବେ କରିଆସୁଥିବା ସାରସ୍ୱତ ପ୍ରତିଭାଧାରୀ ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଯୁବ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନର ସଂପାଦିକା ସମିତା ମହାରଣା, ପ୍ରତିଷ୍ଠାତା ସମାଜସେବୀ ଶିତାଂଶୁ ଶେଖର ମହାରଣା, ସମାଜସେବୀ ପ୍ରଜ୍ଞା ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ନୂତନ କାର୍ଯ୍ୟସୂଚୀ

ବାରିପଦା : ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଦ୍ୱାରା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ ହେବାକୁ ଯାଉଛି । ଏଥିରେ ଫେବୃଆରୀ ୧୮ ତାରିଖରେ ବାରିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ, କୁସୁମୀ ବ୍ଲକରେ ନିମନ୍ତେ ଫେବୃଆରୀ ୨୪ ତାରିଖ ବାଦାମପାହାଡ ୟୁ.ଜି.ଏମ.ଇ. ବିଦ୍ୟାଳୟ ପରିସରରେ ଓ ଫେବୃଆରୀ ୨୬ ତାରିଖ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ । ତେଣୁ ହିତାଧିକାରୀ ମାନେ ଉକ୍ତ ଶିବିରର ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି । ପ୍ରକାଶ ଥାଉକି,ଭୀମ ଭୋଇ ସାମର୍ଥ୍ୟ ଶିବିର ହେଉଛି ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଶକ୍ତିକରଣ ଶିବିର ବା କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ଭିନ୍ନକ୍ଷମ ଥିବା ବ୍ୟକ୍ତିମାନଙ୍କୁ ସେବା ପ୍ରଦାନ କରିବା । ଏହି ଶିବିର ଗୁଡ଼ିକରେ ପ୍ରମାଣପତ୍ର ପାଇଁ ଭିନ୍ନକ୍ଷମ ମାନଙ୍କ ମୂଲ୍ୟାଙ୍କନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବସ୍ ପାସ୍ ଭଳି ସୁବିଧା ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥାଏ । ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ଦସ୍ତାବିଜ (ଡକ୍ୟୁମେଂଟ) ଏବଂ ସୂଚନା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବ ।

# ମିଶନରୋଡ ସେଂଟ ଜାଭିୟର୍ସ ସ୍କୁଲର କ୍ଲାସ ଆରମ୍ଭ

## ❋ଉଦ୍ଘାଟନ କଲେ ଅଭିନେତା କୁନା ତ୍ରିପାଠୀ ଓ ଶୁଭାଶିଷ ଶର୍ମା



କଟକ: (ନି.ପ୍ର)ମିଶନ ରୋଡସ୍ଥିତ ସେଂଟ ଜାଭିୟର୍ସ ସ୍କୁଲ ଜାନୁଆରୀ ମାସରେ ନାମ ଲେଖା କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଆଜି ଶୁଭ ଅବସରରେ କ୍ଲାସ ଆରମ୍ଭ ହୋଇଛି । ଏହାର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ସିନେ ଅଭିନେତା କୁନା ତ୍ରିପଠୀ ଓ ଶୁଭାଶିଷ ଶର୍ମା ଉଦ୍ଘାଟନ କରି ନୂଆ ଆଡିମିସନ୍ ହୋଇଥିବା ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ସ୍ୱାଗତ ସମାରୋହରେ ସେଂଟ ଜାଭିୟର୍ସ ସ୍କୁଲର ଚେୟାରମ୍ୟାନ ପ୍ରଭୁ ଚରଣ ମହାନ୍ତି, ସମ୍ୟକ୍ ମହାନ୍ତି, ଖ୍ରୀଷ୍ଟ କଲେଜର ଗଭର୍ଣ୍ଣଂ ବଡି ଅଧକ୍ଷ ଅନୁପମ ପାତ୍ର, ଖ୍ରୀଷ୍ଟିଆନ ଏଜୁକେଶନ ବୋର୍ଡ ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ସି ସି ବି ର ଉପସଭାପତି ଚନ୍ଦନ ଦାସ, ଖ୍ରୀଷ୍ଟ କଲଜିଏଟ ସ୍କୁଲର ସଭାପତି ରଶ୍ମି ରଞ୍ଜନ ସାହୁ, ସି ସି ବି ଗଭର୍ଣ୍ଣଂ ବଡି ସମ୍ପାଦକ ସୁବାସ ସାହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଭିଭାବକ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଖଡିଆଳରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

ନୂଆପଡ଼ା : ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଖଡିଆଳ ପଂଚାୟତ ସମିତି ସଭାଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୬୭ଟି ଅଭିଯୋଗ ମଧ୍ୟରୁ ୫୧ଟି ବ୍ୟକ୍ତିଗତ ଓ ୧୬ଟି ସାମୁହିକ ଅଭିଯୋଗ ଆସିଥିଲା । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ଜିଲ୍ଲାପାଳଙ୍କ ସହିତ ଖଡ଼ିଆଳ ଡିଏଫଓ ଅଜିଜ ଖାନ, ଖଡ଼ିଆଳ କେନ୍ଦୁଲିଫ ଡିଏଫଓ ଏ ମାଧବୀ ଲତା, ସିଡିଏମଓ ଡ଼. ଧନେଶ୍ୱର ସେଠୀ, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ଓ ତନୟା ଶବର ପ୍ରମୁଖ ମଂଚାସିନ ଥିଲେ । ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ଖଡିଆଳ ଏନଏସି, ଇ ଓ ସ୍ୱାଧୀନ ମହାରଣା, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର, ସୌରଭ କୁମାର ବିଶି, ଲଲାଟେନ୍ଦୁ ଦଣ୍ଡସେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ କ୍ଷ ଶିବିରରେ ଅସହାୟ ଇନ୍ଦ୍ରାଦି ନାଏକ, କୁବେରପତି ବାଗ, ଉର୍ମିଳା ଜଗତ ଏବଂ ନନ୍ଦ ସୁନାନିଙ୍କୁ ପାଂଚ ହଜାର ଟଙ୍କା ଲେଖାଏଁ ରେଡକ୍ରସ୍ ପାଣ୍ଠିରୁ ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇଥିଲା । ଶିବିର ଉପଲକ୍ଷେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଖଡିଆଳ ବ୍ଲକ୍ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ । ଏହି ଅବସରରେ ଚନାବେଡା ପଂଚାୟତରେ ପରିବର୍ଦ୍ଧିତ ଜନ ଶୁଣାଣୀ ଶିବିର ଓ ପ୍ରାଣୀ ପାଇଁ ଦିନଟିଏ ଉପଲକ୍ଷେ ଗୃହପାଳିତ ପଶୁ ପକ୍ଷୀ ମାନଙ୍କ ପାଇଁ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା ।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡା : ଖଡିଆଳ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ପରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଚନାବେଡା ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜିଲ୍ଲାପାଳଙ୍କ ସହିତ ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧୀ ଭୋଇ, ସିଡିଏମଓ ଡା. ଧନେଶ୍ୱର ସେଠୀ, ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡବା, ସ୍ଥାନୀୟ ସରପଂଚ ମଥାମଣି ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ । ଏହି ପଂଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମାରୋହରେ ଜିଲ୍ଲାପାଳ ଶିଶୁ କନ୍ୟାକୁ ଆଶିର୍ବାଦ ସହିତ ଉପହାର ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ସାତ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ । ଏହାପରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂର କରିବା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲାକ୍ଷ ସଭାରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଜନ ସାଧାରଣଙ୍କୁ ନିଜ ନିଜ ବିଭାଗର ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ କ୍ଷ ପ୍ରବାସୀ ଶ୍ରମିକ ପ୍ରଥାର ଅପକାରୀତା ଓ ଏହାକୁ କିଭଳି ଭାବେ ନିରାକରଣ କରାଯାଇ ପାରିବ ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଇ ଥିଲେ । ଏହା ସହିତ ନୂଆପଡ଼ା ଥରେମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲା ଘୋଷିତ ହୋଇଥିବାରୁ ଏସବୁର ବ୍ୟବହାର ନ କରିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା କ୍ଷ ଏହା ସହିତ ବିବାହ ତଥା ପର୍ବ ପର୍ବାଣୀରେ ପ୍ଲାଷ୍ଟିକ ଖଲି, ଦନା, ଗ୍ଲାସ୍ ଇତ୍ୟାଦିର ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଜିଲ୍ଲାର ୧୪୧ ତମ ବର୍ତନ ବ୍ୟାଙ୍କ୍ ର ଉଦ୍ଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାର ପ୍ରଥମ 'ସ୍ୱଚ୍ଛତା ମିତ୍ର' ପୁରସ୍କାର ୟାର୍ ର ସଭାପତି ମହେନ୍ଦ୍ର ଯୋଶୀଙ୍କୁ ପ୍ରଦାନ କରିଥିଲେ କ୍ଷ ଜିଲ୍ଲାପାଳ ସମସ୍ତଙ୍କୁ ସଂବୋଧନ କରି କହିଲେ, ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସୁବିଧା ସୁଯୋଗ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତେ ପଣ କରନ୍ତୁ କ୍ଷ ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକ ମାନଙ୍କୁ ଖାଦ୍ୟ, ଉତମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି କ୍ଷ ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇ ଥିଲେ । ସଭାରେ ଦୁଇଜଣ ଶ୍ରେଷ୍ଠ ଶ୍ରୋତା, ମନରେଗା ଯୋଜନା ରେ ଅଧିକ ଦିନ କାମ କରିଥିବା ଶ୍ରମିକ ମାନଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଶିଳ୍ପ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ ଏବଂ ଶ୍ରମ ବିଭାଗ ଦ୍ୱାରା ହିତାଧୀକାରୀ ମାନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଇଥିଲା । ଚନାବେଡା ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମାନେ ପରିବେଶ ସୁରକ୍ଷା ତଥା ପ୍ରବାସୀ ଶ୍ରମିକ ସଚେତନତା ପାଇଁ ସୁନ୍ଦର ନୃତ୍ୟଗୀତ ପରିବେଷଣ କରିଥିଲେ କ୍ଷ ଶେଷରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଜଳ ଯୋଗାଇ ଦେଇଥିଲେ କ୍ଷ ଏହି ଶିବିରକୁ ଖଡିଆଳ ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର୍ ନମିତା ପାଢ଼ୀ, ଖଡିଆଳ ସିଡିପିଓ ଲତା ଦିଗାଲ, ସ୍ଥାନୀୟ ସରପଂଚ, ପଂଚାୟତିରାଜ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ ।

# ବନ୍ଦ ଥିବା ଅଙ୍ଗନବାଡ଼ି ଖୋଲିଲା ପଢ଼ିବାକୁ ଆସିଲେ କୁନି କୁନି ପିଲା

ପଟ୍ଟାମୁଣ୍ଡାଇ : ଖୋଲିଲା ବହୁ ଚର୍ଚ୍ଚିତ ରାଜନଗର ଘଡିଆମାଳ ନୂଆଗାଁର ବନ୍ଦ ଥିବା ଅଙ୍ଗନବାଡି କେନ୍ଦ୍ର । ପଢିବାକୁ ଆସିଲେ କୁନି କୁନି ପିଲା । ଅଭିଭାବକ ମାନଙ୍କ ସହଯୋଗରେ ପୁଣି ଆରମ୍ଭ ହେଲା ପାଠପଢା । ପିଲା ଖାଇଲେ ରନ୍ଧା ଖାଦ୍ୟ । ଗାଁ ରେ ଦେଖାଦେଲା ଖୁସିର ଲହରି । ରାଜନଗର ବିଧାୟକ ଧ୍ରୁବ ସାହୁ ସ୍ୱୀକାର କରିଥିଲେ ରାଜନଗର ଅଙ୍ଗନବାଡି ସମସ୍ୟା ଜାତିପ୍ରଥା ପାଇଁ ନୁହେଁ । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଘଡିଆମାଳ ନୂଆଗାଁ ଅଙ୍ଗନବାଡି କେନ୍ଦ୍ର ଆଜିକୁ ୮୬ ଦିନ ହେବା ବନ୍ଦ ରହିଥିଲା । ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାଜନଗର ଜାତିଆଣ ଘଟଣା ସଂସଦରେ ବି ଚର୍ଚ୍ଚା ହେଲା । ଅନ୍ୟପଟେ ଅଭିଭାବକ ଜାତିପ୍ରଥାକୁ ଅସ୍ୱୀକାର କରିବା ସହ ଅଙ୍ଗନବାଡି ଘର ନ ଥିବାରୁ ବିପଦପୂର୍ଣ୍ଣ କୁମ୍ଭୀରିଆ ସ୍ଥାନରେ ପାଠ ପଢ଼ା ଯାଉଥିବାରୁ ସେମାନେ ଛୁଆଙ୍କୁ ଛାଡୁ ନାହାନ୍ତି ବୋଲି କହିଥିଲେ । ଦୀର୍ଘ ସମୟ ଧରି ଜିଲ୍ଲା ପ୍ରଶାସନ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା, ମହିଳା କମିଶନର ସଦସ୍ୟା, ବିଜେପିର ଏକ ଟିମ୍ ପହଂଚି ଗ୍ରାମବାସୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ କ୍ଷ ଗ୍ରାମର ଥିବା ବିଭିନ୍ନ ସମସ୍ୟା, ଯେମିତିକି ଅଙ୍ଗନବାଡି ଘର, ବାର୍ଦ୍ଧକ୍ୟ ଭତା, ରାସ୍ତା ଘାଟ ମରାମତି ଆଦି ବିଷୟରେ ଆଲୋଚନା କରିବା ସହ ଜାତିପ୍ରଥା କଥାକୁ ଅସ୍ୱୀକାର କରିଥିଲେ । ପ୍ରଶାସନ ସହମତି ଦେବା ପରେ ଆଜି ଗ୍ରାମବାସୀ ଛୁଆଙ୍କୁ ଅଙ୍ଗନବାଡି ଛାଡିଛନ୍ତି । କେନ୍ଦ୍ରାପଡ଼ା ସାଂସଦ ଓ ବିଜେପିର ଏକ ଟିମ୍ ପହଂଚି ଘଟଣାର ସମୀକ୍ଷା କରିବା ସହିତ ଆସନ୍ତାକାଲି ଠାରୁ ସ୍ୱାଭାବିକ ଭାବେ ଅଙ୍ଗନବାଡି ଚାଲିବ ବୋଲି ପ୍ରତିଶୃତି ଦେଇଥିଲେ ।

# ଡେମ୍ଫୁରିଆ ଠାରେ ଶ୍ରଦ୍ଧା ବୃଦ୍ଧା ଆଶ୍ରମର ଭୂମିପୂଜା

ଲଙ୍ଗଲେଶ୍ୱର :( ନିପ୍ର) ସମାଜରେ ଅବହେଳିତ ଓ ଅସହାୟ ଲୋକଙ୍କୁ ଥଇଥାନ ପାଇଁ ଦିର୍ଘଦିନ ହେଲା ବସୁନ୍ଧରା ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ବାଲିଆପାଳ ବ୍ଲକ ଛଡ଼ା ଠାରେ ଶ୍ରଦ୍ଧା ବୃଦ୍ଧା ଆଶ୍ରମ ପ୍ରତିଷ୍ଠା କରି ଲୋକଙ୍କୁ ଉତମ ସେବା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏହି ଆଶ୍ରମରେ ୨୭ ଜଣ ବୃଦ୍ଧ ଓ ବୃଦ୍ଧା ରହିଛନ୍ତି ଏଠାରେ ଆବଶ୍ୟକତା ଅନୁସାରେ ଜାଗା ଅଭାବ ଯୋଗୁଁ ମହାଶିବରାତ୍ରି ପାଳନ ଅବସରରେ ବାଲିଆପାଳ ବ୍ଲକ ଡେମ୍ଫୁରିଆ ଠାରେ ଶ୍ରଦ୍ଧା ବୃଦ୍ଧା



ଆଶ୍ରମ ର ନୂତନ ଗୃହ ନିର୍ମାଣ ପାଇଁ ରବିବାର ପୂର୍ବାହ୍ନରେ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି । ବସ୍ତା ଏସଡିପିଓ/ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମାନସ ଦେଓ ଙ୍କ କରକମଳରେ ଭିତିପ୍ରସ୍ତର ସ୍ଥାପନ ହେଇଛି । କଇନଗରୀ ସରପଂଚ ରାଧାବଲ୍ଲଭ ମଣ୍ଡଳ, ପୂର୍ବତନ ସରପଂଚ ରାଜେନ୍ଦ୍ର ଧଳ, ସମାଜସେବୀ ବିମଳ କୁମାର ଦେ, ଶିକ୍ଷାବିତ ରଞ୍ଜନ କୁମାର ବେହେରା, ଗ୍ରାମର ମୁଖିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ହେବ ସୁବର୍ଣ୍ଣପୁରର ଲଙ୍କାପୋଡ଼ି ମହୋତ୍ସବ

ସୁବର୍ଣ୍ଣପୁର : କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ ଇନଟାକ ର ସୋନପୁର ଶାଖା ତରଫରୁ ସ୍ଥାନୀୟ ସର୍କିଟ ହାଉସରେ ଏକ ସ୍ୱତନ୍ତ୍ର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଇନଟାକ ସୋନପୁର ଶାଖାର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଇନଟାକ ସେଂଟ୍ରାଲ କାଉନସିଲ ସଦସ୍ୟ ଅନୀଲ ଧୀରଙ୍କ ସ ?ହ ବିଶିଷ୍ଟ ଐତିହାସିକ ଡଃ. ଲଲାଟେନ୍ଦୁ ଦାଶ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଥିଲେ । ଏହି ବୈଠକରେ ଇନଟାକର ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋଚନା ହୋଇଥିଲା । ଅନୀଲ ଧୀର ସୁବର୍ଣ୍ଣପୁରର ପ୍ରସିଦ୍ଧ ଓ ଅନନ୍ୟ ଲଙ୍କାପୋଡ଼ି ଉତ୍ସବକୁ ଚଳିତ ବର୍ଷ ଭୁବନେଶ୍ୱରରେ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ଉପସ୍ଥିତ ସମସ୍ତ ସଦସ୍ୟ ସ୍ୱାଗତ କରିଥିଲେ ଏବଂ ଏହାକୁ ଭବ୍ୟ ଆୟୋଜନ ସହ ରାଜଧାନୀରେ କରିବାକୁ ସମସ୍ତେ ଆଗ୍ରହ ପ୍ରକାଶ କରିଥିଲେ । ଏହା ସହ ସୁବର୍ଣ୍ଣପୁର ଶାଖା ପାଇଁ ନୂତନ ସଦସ୍ୟ ଗ୍ରହଣ କରିବାକୁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇ ଥିଲା ।

# ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋମବାର ବୀରମହାରାଜପୁର ପଂଚାୟତ ସମିତି ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡଃ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ନାରାୟଣ ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୭୭ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୬୦ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା । ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର, ରାଜୀବ କୁମାର ହାଁସଦାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ବୀରମହାରାଜପୁର, ଡଃ. ସୁରେନ୍ଦ୍ର କୁମାର ମେହେର ତଥା ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ଅତିରିକ୍ତ ତହସିଲଦାର, ବୀରମହାରାଜପୁର ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ ।

# ଆଶ୍ରୟ ଅନୁଷ୍ଠାନର ସଭ୍ୟମାନଙ୍କ ଦ୍ୱାରା ମନ୍ଦିର ସଫେଇ




ନୟାଗଡ(ନିପ୍ର): ଓଡ଼ଗାଁ ବ୍ଲକ ଶରଣକୁଳ ଠାରେ ବିଜେ ଶ୍ରୀ ଶ୍ରୀ ଲଡୁକେଶ ମହେଶଙ୍କ ପୀଠରେ ପାଳିତ ହୋଇଯାଇଛି ମହାଶିବରାତ୍ରି ବା ଜାଗର ଯାତ୍ରା । ପ୍ରାୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ସମସ୍ତେ ନିଜ ନିଜର ମନସ୍କାମନା ପୂରଣ ପାଇଁ ଉପବାସ ରହି ମନ୍ଦିରରେ ଦୀପ ଜାଳି ଥାନ୍ତି । ପବିତ୍ର ମହାଦୀପ ଉଠିଲା ପରେ ସମସ୍ତ ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରି ବ୍ରତ ସମାପନ କରିଥାନ୍ତି ।ପରେ ପରେ ସମସ୍ତେ ପୋଡ଼ା ଦୀପ, ଅଳିଆ ଆବର୍ଜନା, ପ୍ଲାଷ୍ଟିକ ବୋତଲ, ପଲିଥିନ, ନଡ଼ିଆ କତା, କଦଳୀ ଚୋପା, ଆଦି ପକାଇ ଅପରିଷ୍କାର କରି ଚାଲିଯାଇଥାଆନ୍ତି । ଶିବରାତ୍ରି ପରଦିନ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସଫେଇ କାର୍ଯ୍ୟ କରିଥାନ୍ତି । ସେଥିମଧ୍ୟରୁ ଶରଣକୁଳ ନିକଟବର୍ତ୍ତୀ ବାଉଁଶିଆ ରଘୁନାଥପୁର ଶାସନ ସ୍ଥିତ 'ଆଶ୍ରୟ' ର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା କୁଢ଼ କୁଢ଼ ଅଳିଆ ଆବର୍ଜନା ସବୁ ସଫା କରାଯାଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୋର ୪ ଟା ଠାରୁ ସକାଳ ୯ଟା ମଧ୍ୟରେ ସିଂହଦ୍ୱାର ଠାରୁ ଆରମ୍ଭ କରି ମନ୍ଦିର ଭିତର ବେଢ଼ା, ବାହାର ବେଢ଼ା ସହିତ ସମଗ୍ର ଶରଣକୁଳ ଅଂଚଳକୁ ମିଳିମିଶି ସଫା କରିଥିଲେ । ଆଶ୍ରୟ ର ପ୍ରତିଷ୍ଠାତା ତଥା ସମାଜସେବୀ ଲୋକନାଥ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସେବା କାର୍ଯ୍ୟକ୍ରମ ପ୍ରତିବର୍ଷ ହୋଇଆସୁଥିଲା ବେଳେ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ, ଯୁବକ ସଂଘ, ମହିଳା ଗୋଷ୍ଠୀ, ବିଭିନ୍ନ କ୍ଲବ୍, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଗ୍ରାମ୍ୟ କମିଟିରୁ ପ୍ରାୟ ୧୯୭ ଜଣ ସ୍ୱେଚ୍ଛାସେବୀ ଏହି ବିଶାଳ ସଫେଇ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିବା ଜଣାପଡିଛି ।

# ୫ କିଲୋ ଗଞ୍ଜେଇ ସହ ଏକ ବୁଲେଟ ଜବତ

କଟକ(ନିପ୍ର): କଟକ ଜିଲ୍ଲାର ଅବକାରୀ ବିଭାଗର ମୋବାଇଲ ୟୁନିଟ ଦ୍ୱାରା ଜଗତପୁରଥାନା ଅଂଚଳର ଇପିକଲ ଛକ ନିକଟସ୍ଥ ଖାଇରା ପୋଲଠାରେ ଅଭିଯୁକ୍ତକୁ ଗିରଫ କରାଯାଇ ଜିଲ୍ଲା ଜଜ୍ କୋର୍ଟକୁ ଫର୍ ୱାର୍ଡ କରାଯାଇଛି । ଅଭିଯୁକ୍ତ ଏକ ରୟାଲ ଏନଫିଲ୍ଡ କ୍ଲାସିକ ୩୫୦ ବୁଲେଟ ଗାଡ଼ି ନମ୍ବର ଓଡ଼ି ୦୫ ସିଡି ୮୬୦୩ ରେ ନେଇ ଯାଉଥିବା ପାଂଚ କିଲୋଗ୍ରାମ ଗଞ୍ଜେଇ ଯାହାର ମୂଲ୍ୟ ୨,୫୦, ୦୦୦ଟଙ୍କା, ଅବକାରୀ ବିଭାଗର ଆଇ ଆଇ ସି ଭକ୍ତ ବତ୍ସଳ ବର୍ମାଙ୍କ ନେତୃତ୍ୱରେ ଅଣ୍ଡର ସେକ୍ସନ ୨୦( ବି) ଆଇ ଆଇ (ବି ) ଏନ ଡି ପି ଏସ୍ ଆକ୍ଟ ୧୯୮୫ ଅନୁଯାୟୀ ତାଙ୍କ ମୋବାଇଲ ୟୁନିଟ ଲକ୍ଷ୍ମଣ ନାୟକ ବୟସ ୪୭, ପିତା କୃଷ୍ଣ ଚନ୍ଦ୍ର ନାୟକ ମନୋହରପୁର, ସାଲେପୁର, କଟକର ଜନଏକ ବ୍ୟକ୍ତିକୁ ଧରିବାରେ ସଫଳ ହୋଇଛି । ସୁପରିଣ୍ଟେଂଟେଣ୍ଡେଂଟ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶରେ ଆଇ ଆଇ ସି ଶ୍ରୀଯୁକ୍ତ ବର୍ମା ଏବଂ କନଷ୍ଟେବଲ ଅଜୟ କୁମାର ଜେନା, ଦେବବ୍ରତ ଓଝା, ପୂର୍ଣ୍ଣେଶ୍ୱର ମାଝି, ଶଙ୍କର ସିଂହ, ମୋନାଲିସା କର ମିଶି ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲେ ।

# ଜବରଦଖଲ ଉଚ୍ଛେଦ ପରେ ସୁରକ୍ଷା ଅନିଶ୍ଚିତତା

ଉଦଳା(ନିପ୍ର): କପ୍ତିପଦା ଉପଖଣ୍ଡର ସର୍ବପୁରାତନ ଉଚ୍ଚ ବିଦ୍ୟାଳୟର ମାନ୍ୟତା ପାଇଥିବା ଉଦଳା ଉଚ୍ଚ ବିଦ୍ୟାଳୟ ୭୬ତମ ବର୍ଷ ରେ ପହଂଚି ଥିବା ବେଳେ ଚଳିତ ଜବର ଦଖଲ ଉଛେଦ ପ୍ରକ୍ରିୟା ରେ ଏବେ ସୁରକ୍ଷା ପ୍ରସଙ୍ଗ ଅସହାୟ ଓ ମୁକୁଳା ଅବସ୍ଥାରେ ପହଂଚିଛି । ଆସନ୍ତା ୧୯ ତାରିଖରେ ମ୍ୟାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ବିଦ୍ୟାଳୟ ପୂର୍ବବତ ନୋଡ଼ାଲ ସେଂଟର ର ଦାୟିତ୍ୱ ମଧ୍ୟ ରହିଛି । ତେବେ ଉଦଳା ହାଇସ୍କୁଲ ର ପରିସର ୧୦ଏକର ରୁ ଅଧିକ ପରିମିତ ହୋଇ ଥିବା ବେଳେ ସମସ୍ତ ଶ୍ରେଣୀ ରେ ଶିକ୍ଷାଦାନ ପରିସର ମାତ୍ର ଏକ ଏକର ରୁ ସାମାନ୍ୟ ଅଧିକ ଅଟେ । ତେବେ ଉକ୍ତ ପରିସର ଆବଦ୍ଧ ଯୁକ୍ତ ଦୀର୍ଘ ବର୍ଷ ରୁ ହୋଇଆସିଛି । ତେବେ ପରିସର ପ୍ରାଚୀର କୁ ଲଗାଇ ପ୍ରାୟ ୪୦ବର୍ଷ ରୁ ଅଧିକ ସମୟ ଧରି ବିଭିନ୍ନ ଦୋକାନ ଗଢ଼ି ଉଠିଥିଲା । ହେଲେ ଶେଷରେ ରାସ୍ତା ସମ୍ପ୍ରସାରଣ ପାଇଁ ଏବେ ଉକ୍ତ ଦୋକାନ କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଛି ପ୍ରଶାସନ । ଯାହାଫଳରେ ଉଚ୍ଛେଦରେ ବିଦ୍ୟାଳୟ ପ୍ରାଚେରୀ ପ୍ରଭାବିତ ହେବା ସହ ଦୀର୍ଘ ଦିନ ଧରି ପରିତ୍ୟକ୍ତ ପ୍ରାଚୀର ମଧ୍ୟ ଭାଙ୍ଗି ଯାଇଛି । ଏପରିକି ଏହା ପୂର୍ତ୍ତ ବିଭାଗ ର ପ୍ରସ୍ତାବିତ ଅଂଚଳ ମଧ୍ୟରେ ଥିବା ପ୍ରଶାସନ ସ୍ପଷ୍ଟ କରିଛି । ଏବେ କିନ୍ତୁ ବିଦ୍ୟାଳୟ ପରିସର ୪୦ବର୍ଷ ତଳର ବିଦ୍ୟାଳୟ ପରିସର ଭ୍ରମ ସୃଷ୍ଟି କରୁଛି । ଅପରପକ୍ଷରେ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଉଦଳା ହାଇସ୍କୁଲ ନୋଡାଲ ସେଂଟର ହୋଇଛି । ତେଣୁ ସୁରକ୍ଷା ପ୍ରସଙ୍ଗ ନେଇ ଆଶଙ୍କିତ ହେବା ସ୍ୱାଭାବିକ ପ୍ରକ୍ରିୟା । ପରୀକ୍ଷା ଆୟୋଜନ ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି । ତେବେ ଏସମ୍ପର୍କ ରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ଙ୍କୁ ପଚାରିବାରେ ସେ ନୋଡାଲ ସେଂଟର କାରଣ ରୁ ସୁରକ୍ଷା ପ୍ରସଙ୍ଗ ନେଇ ବୋର୍ଡ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ଠାରୁ ଜିଲ୍ଲାପାଳ ଙ୍କୁ ଅବଗତ କରିଯାଇଛି ବୋଲି କହିଛନ୍ତି ।

# 'ଦାନା' ଅନୁଦାନ ହରି ଲୁଟ; ୨ ଲକ୍ଷ ଟଙ୍କାରେ କେବଳ ରଙ୍ଗ ମରା, ଲାଇଟ-ଝରକା ଏବେ ବି ଭଙ୍ଗା




ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ମୁସ୍ତଫାପୁର ପଂଚାୟତରେ 'ଦାନା' ବାତ୍ୟା କ୍ଷୟକ୍ଷତି ମରାମତି ଅନୁଦାନର ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି । ବାତ୍ୟାରେ କ୍ଷତିଗ୍ରସ୍ତ ପଂଚାୟତ ଅଫିସ ମରାମତି ପାଇଁ ଆସିଥିବା ୨ ଲକ୍ଷ ଟଙ୍କାରୁ ମୋଟା ଅଙ୍କର ଅର୍ଥ ହଡ଼ପ କରାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି । ମରାମତି ନାଁରେ ପୁରୁଣା କୋଠା କୁ କେବଳ ରଙ୍ଗ ଦେଇ ଅର୍ଥ ହରିଲୁଟ କରାଯାଇଥିବା ସ୍ଥାନୀୟ ଅଂଚଳରେ ଅସନ୍ତୋଷ ସୃଷ୍ଟି କରିଛି । ପ୍ରକାଶ ଥାଉକି ୨୦୧୭ ମସିହାରେ ଦୋବଲ ପଂଚାୟତରୁ ଅଲଗା ହୋଇ ମୁସ୍ତଫାପୁର ପଂଚାୟତ ଗଠିତ ହୋଇଥିଲା । ସେହି ସମୟରୁ ପୁରୁଣା ପଂଚାୟତ ଅଫିସ ରେ ମୁସ୍ତଫାପୁର ପଂଚାୟତ ଅଫିସ ଭାବେ ବ୍ୟବହାର ହେଉଛି । ୨୦୨୪ 'ଦାନା' ବାତ୍ୟାରେ ଏହି ଅଫିସ ଟି କ୍ଷତିଗ୍ରସ୍ତ ହୋଇଥିବାରୁ ଏହାର ମରାମତି ପାଇଁ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ପଂଚାୟତ ଅଫିସର ଦୁଇଟି ବଖରା ଏବଂ ବାରଣ୍ଡାକୁ ମିଶାଇ ମୋଟ ୩୦ ଫୁଟ୍ ଲମ୍ବ ଓ ୨୦ ଫୁଟ୍ ଚଉଡ଼ାର ଏହି ଛୋଟ କୋଠାଟି କୁ କେବଳ ରଙ୍ଗ ଦିଆଯାଇଛି ଏବଂ ଏକ ଟିୟଲ ମଧ୍ୟ ଖୋଳା ଯାଇଛି । ସ୍ଥାନୀୟ ଲୋକଙ୍କ କହିବା କଥା, ଏତିକି କାମ ପାଇଁ ସର୍ବାଧିକ ୫୦ ରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହେବ । ମାତ୍ର ବାକି ଅର୍ଥକୁ ନେଇ କୌଣସି ସନ୍ତୋଷଜନକ ଉତର ମିଳୁନାହିଁ । ବଡ଼ କଥା ହେଉଛି, ଅଫିସ ମୁଖ୍ୟ ଦ୍ୱାରର ଉପରେ ଲାଗିଥିବା ଭଙ୍ଗା ଲାଇଟ୍ ଏବଂ ଝରକାର କାଚ କବାଟ ଏବେ ବି ସେମିତି ଭଙ୍ଗା ଅବସ୍ଥାରେ ରହିଛି । ପଂଚାୟତ ର କାର୍ଯ୍ୟନିର୍ବାହୀ ବିଭୁ ଦତ ପାତ୍ର ଙ୍କ ସୂଚନା ମୁତାବକ, ଅଫିସରେ ନୂଆ ଲାଇଟ୍ ଲଗାଇବା, ଝରକା କାଚ ମରାମତି କରିବା ଏବଂ ଗୋଟିଏ ପାଣିଟାଙ୍କି ବସାଇବା ପାଇଁ କହିଥିଲେ ମାତ୍ର କେହି ମୋ କଥା ଶୁଣି ନଥିଲେ ଏ ବିଷୟ ରେ ବିଭାଗୀୟ ଯନ୍ତ୍ରୀଙ୍କୁ ଲି ନ କରିବା ପାଇଁ କହିଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।ଏହି ସାଂଘାତିକ ଅନିୟମିତତା ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ସହ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି । ଏପଟେ ବିଡ଼ିଓ ବନ ବିହାରି ଦିନ୍ଦା କହିଛନ୍ତି ଯେ ଏପରି ଅଭିଯୋଗ ମୋର ହସ୍ତଗତ ହୋଇନାହିଁ । ତେବେ ଘଟଣା ତଦନ୍ତ କରାଯିବ ବୋଲି କହି ଥିଲେ ।

# ଶୈଳବାଳାରେ ସ୍ନାତକୋତର ଗୃହ ବିଜ୍ଞାନ ବିଭାଗ ଓ ୟୁନିସେଫ ପକ୍ଷରୁ ଜାତୀୟ ସେମିନାର



କଟକ(ନିପ୍ର): ସ୍ନାତକୋତର ଗୃହବିଜ୍ଞାନ ବିଭାଗ ଓ ୟୁନିସେଫ୍ ଓଡିଶାଙ୍କ ମିଳିତ ସହଯୋଗରେ, "ଜୀବନ ଶୈଳୀ ଜନିତ ରୋଗ ଓ ପୋଷଣ ଚ୍ୟାଲେଞ୍ଜ ଓ ପଦକ୍ଷେପ" ଶୀର୍ଷକରେ ଏକ ଜାତୀୟ ସେମିନାରମଧୁସୂଦନ ଅଡିଟୋରିଅମ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରବୀଣ ଶିକ୍ଷାବିତ୍, ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କଲେଜର ଅଧକ୍ଷ ଜୀବନ ବଲ୍ଲଭ ଜେନା ଅତିଥିମାନଙ୍କୁ ସ୍ୱାଗତ କରି ସଭାକୁ ଆରମ୍ଭ କରିଥିଲେ । ମୁଖ୍ୟ ଅତିଥି କାଳୀପ୍ରସନ୍ନ ମହାପାତ୍ର, ଆଇ.ଏ.ଏସ୍, ନିର୍ଦ୍ଦେଶକ, ଉଚ୍ଚ ଶିକ୍ଷା ବିଭାଗ, ଓଡିଶା ସରକାର ଜୀବନଶୈଳୀ ଜନିତ ରୋଗର ବୃଦ୍ଧି ପ୍ରତି ଚିନ୍ତା ପ୍ରକାଶ କରି ଏପରି ପୋଷଣମୂଳକ ସେମିନାରର ଆବଶ୍ୟକତା ଉଲ୍ଲେଖ କରିଥିଲେ । ବିଭାଗୀୟ ମୁଖ୍ୟା ଡ଼ା. ଅଜନ୍ତା ନାୟକ ଅତିଥି ପରିଚୟ ପ୍ରଦାନକରିଥିଲେ । ସଂକ୍ଷିପ୍ତ ସାର ପୁସ୍ତିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ପରେ ପୂର୍ଣ୍ଣ ଅଧିବେଶନ ଆରମ୍ଭ ହୋଇଥିଲା । ୟୁନିସେଫ୍ ଓଡିଶାର ମୁଖ୍ୟ ପ୍ରଶାନ୍ତ ଦାଶ କୁପୋଷଣର ପ୍ରଭାବ ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇ ୟୁନିସେଫ୍ ର ଅବିରତ ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ । ଶିଶୁ ଭବନ, କଟକର ଶିଶୁ ଚିକିତ୍ସା ବିଭାଗର ପ୍ରଫେସର ଡ଼ା. ସୁନୀଲ ଅଗ୍ରୱାଲ ଶିଶୁମାନଙ୍କୁ ରୋଗରୁ ସୁରକ୍ଷା ପାଇଁ ପୋଷଣୀୟ ଖାଦ୍ୟର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ୟୁନିସେଫ୍ ଭାରତର ପୋଷଣ ବିଶେଷଜ୍ଞ ଡ଼ା. ରିଚାର୍ଡ ଏସ୍. ପାଣ୍ଡେ ବିଶ୍ୱବ୍ୟାପୀ ୟୁନିସେଫ୍ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକ ପାତ ହୋଇଥିଲେ । ୟୁନିସେଫ୍ ଓଡିଶାର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ଏହି ସେମିନାର ଭବିଷ୍ୟତ ପିଢ଼ୀ ପାଇଁ ପଥପ୍ରଦର୍ଶକ ହେବ । ଜୀବ ବିଜ୍ଞାନ ପ୍ରତିଷ୍ଠାନ, ଭୁବନେଶ୍ୱର ର ପ୍ରଫେସର ସଞ୍ଜୀବ କେ. ସାହୁ ଭିତିପ୍ରବନ୍ଧ ଉପସ୍ଥାପନ କରିଥିଲେ । ଏହାଛଡ଼ା ଆଂଚଳିକ ଭେଷଜ ଗବେଷ କେନ୍ଦ୍ର. ଭୁବନେଶ୍ୱର କ୍ସବ ବୈଜ୍ଞାନିକ ଡଃଶୁଭେନ୍ଦୁ କେ. ଆଚାର୍ଯ୍ୟ ଓ ୟୁନିସେଫ ଓଡିଶାର ପୋଷଣ ବିଶେଷଜ୍ଞ ଡ଼ା. ସଞ୍ଜୟ କୁମାର ସାହୁ ମଧ୍ୟ ଉଦବୋଧନ ରଖିଥିଲେ । ଡ଼ା. ନିର୍ମଳା ରାୟ, ପଦ୍ମଜା ଜଗତି, ସୁପର୍ଣ୍ଣା ମଣ୍ଡଳ, ଡ଼ା. ରୋଜା ଘୋଷ, ଫାତିମା ବୁଶ୍ରା, ରୁବିନା ତଞ୍ଜିନ ଓ ଅନ୍ୟମାନେ ସେମିନାରକୁ ସଫଳ କରିବାରେ ସହଯୋଗ କରିଥିଲେ । ସାଫିଆ ଆବିଦ ଓ ସବାହତ ଆଫ୍ରୋ ଜ ମଂଚ ପରିଚାଳନା କରିଥିଲେ । ସଭାର ଶେଷରେ ଧନ୍ୟବାଦ ଜ୍ଞାପନ ସହ ଅନୁଷ୍ଠାନ ସମାପ୍ତ ହୋଇଥିଲା । ଏହି ସେମିନାରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ ଯୋଗ ଦେଇଥିଲେ ।

## ଏଏନଆଇକୁ ସ୍ୱତନ୍ତ୍ର ... ୧ମ ପୃଷ୍ଠାର ଅବଶିଷ୍ଟାଂଶ

ବିଭାଜନକୁ ଗଭୀର କରିବା ବିଷୟରେ ଚିନ୍ତିତ, ଠିକ୍ ସେହି ସମୟରେ ଭାରତ ବିଭାଜନକୁ ଦୂର କରିବା ପାଇଁ ଏହାକୁ ବ୍ୟବହାର କରୁଛି । ଆମେ ପ୍ରତ୍ୟେକ ଗ୍ରାମ, ଜିଲ୍ଲା ଏବଂ ପ୍ରତ୍ୟେକ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଆର୍ଥିକ ସୁଯୋଗ ପ୍ରଦାନ କରିବା ପାଇଁ ଏହାକୁ ଏକ ଦକ୍ଷ ଉପକରଣ ରୂପେ ଉପଯୋଗ କରୁଛୁ । ଏଏନଆଇ : ପ୍ୟାରିସରେ ଏଆଇ ଆକ୍ସନ୍ ଶିଖର ସମ୍ମିଳନୀ ୨୦୨୫ରେ ଆପଣଙ୍କ ଅଭିଭାଷଣରେ, ଆପଣ ଏଆଇର ପକ୍ଷପାତିତା ଏବଂ ସୀମାବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହି ତୁଳନାରେ ବର୍ତ୍ତମାନ ପରିସ୍ଥିତି ବଦଳିଛି କି ? ଭାରତ କିପରି ଏହି ସମସ୍ୟାର ସମାଧାନ କରିବ ବୋଲି ଆପଣ କିପରି ଚିନ୍ତା କରୁଛନ୍ତି ? ପ୍ରଧାନମନ୍ତ୍ରୀ: ଏଆଇରେ ପକ୍ଷପାତିତା ଏବଂ ସୀମାବଦ୍ଧତା ସମ୍ପର୍କରେ ଚିନ୍ତା ଗଭୀର ଭାବରେ ପ୍ରାସଙ୍ଗିକ ରହିଛି । ଏଆଇ ଗ୍ରହଣୀୟତା ତ୍ୱରାନ୍ୱିତ ହେବା ସହିତ, ବିପଦ ମଧ୍ୟ ବୃଦ୍ଧି ପାଇଥାଏ । ଏଆଇ ସିଷ୍ଟମଗୁଡ଼ିକ ଅଜାଣତରେ ଲିଙ୍ଗ, ଭାଷା ଏବଂ ସାମାଜିକ-ଆର୍ଥିକ ପୃଷ୍ଠଭୂମି ସହିତ ଜଡିତ ପକ୍ଷପାତିତାକୁ ସ୍ଥାୟୀ କରିପାରେ । ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ବିଭିନ୍ନ ଅଂଶୀଦାରମାନଙ୍କୁ ଏକାଠି କରୁଛି ଏବଂ ଏଆଇର ପକ୍ଷପାତିତା ଏବଂ ସୀମାବଦ୍ଧତା ଭଳି ବିଷୟଗୁଡ଼ିକ ଉପରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରୁଛି । ଏହା ଏପରି ଏକ ସମସ୍ୟା ଯାହା ପାଇଁ ବିଶ୍ୱ ସହଯୋଗ ଆବଶ୍ୟକ । ବିଶେଷ କରି ଭାରତ ପାଇଁ, ଆମେ ଅଭିନବ ଆହ୍ୱାନ ଏବଂ ସୁଯୋଗର ସମ୍ମୁଖୀନ ହେଉଛୁ । ଆମର ବିବିଧତା - ଭାଷାଗତ, ସାଂସ୍କୃତିକ, ଆଂଚଳିକ - ଅର୍ଥ ହେଉଛି ଏଆଇ ପକ୍ଷପାତିତା ଏପରି ଉପାୟରେ ପ୍ରକାଶିତ ହୋଇପାରେ ଯାହା ପାଶ୍ଚାତ୍ୟ ପ୍ରସଙ୍ଗରେ ସ୍ପଷ୍ଟ ନ ହୋଇପାରେ । ମୁଖ୍ୟତଃ ଇଂରାଜୀ ତଥ୍ୟ କିମ୍ବା ସହରାଂଚଳ ପ୍ରସଙ୍ଗରେ ପ୍ରଶିକ୍ଷିତ ଏକ ଏଆଇ ସିଷ୍ଟମ ଗ୍ରାମୀଣ ଉପଭୋକ୍ତା କିମ୍ବା ଆଂଚଳିକ ଭାଷା କହୁଥିବା ଲୋକଙ୍କ ପାଇଁ ଖରାପ ପ୍ରଦର୍ଶନ କରିପାରେ । ସକାରାତ୍ମକ ବିକାଶ ହେଉଛି ଯେ ଭାରତ ଏହାକୁ ଅଧିକ ବ୍ୟବସ୍ଥିତ ଭାବରେ ସମାଧାନ କରିବା ଆରମ୍ଭ କରିଛି । ଆମେ ଭାରତର ବହୁଳତାକୁ ପ୍ରତିନିଧିତ୍ୱ କରୁଥିବା ବିବିଧ ଡାଟାସେଟ୍ ସୃଷ୍ଟି କରିବା ଉପରେ ବର୍ଦ୍ଧିତ ଧ୍ୟାନ ଦେଉଛୁ । ଆଂଚଳିକ ଭାଷାରେ ଏଆଇ ବିକାଶ ଉପରେ ଅଧିକ ଗୁରୁତ୍ୱାରୋପ କରୁଛୁ । ଭାରତୀୟ ଶିକ୍ଷାନୁଷ୍ଠାନ ଏବଂ ଟେକ୍ କମ୍ପାନୀଗୁଡ଼ିକରେ ନିରପେକ୍ଷତା ଏବଂ ପକ୍ଷପାତିତା ଉପରେ ବଢୁଥିବା ଗବେଷଣା ଦେଖୁଛୁ । ଏଏନଆଇ: ଆଧାର ଏବଂ ୟୁପିଆଇ ଭଳି କମ ମୂଲ୍ୟର ଡିଜିଟାଲ୍ ସାର୍ବଜନୀନ ଭିତିଭୂମି (ଡିପିଆଇ) ନିର୍ମାଣରେ ଭାରତର ସଫଳତା ଅଭୂତପୂର୍ବ । ଡିପିଆଇ ଏବଂ ଏଆଇର ସମନ୍ୱୟ ସାର୍ବଜନୀନ ସେବା ପ୍ରଦାନରେ ଉଲ୍ଲେଖନୀୟ ଉନ୍ନତି ଆଣିପାରେ । ଏଥିରେ ଭାରତ କ'ଣ ଶିଖୁଛି, ଯାହା ଗ୍ଲୋବାଲ୍ ସାଉଥକୁ ସାହାଯ୍ୟ କରିପାରିବ ? ପ୍ରଧାନମନ୍ତ୍ରୀ: ଭାରତର ଡିଜିଟାଲ୍ ସାର୍ବଜନୀନ ଭିତିଭୂମି ଯାତ୍ରା ଗ୍ଲୋବାଲ୍ ସାଉଥ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟବହାରିକ ଶିକ୍ଷା ପ୍ରଦାନ କରେ । ଡିପିଆଇ ଏବଂ ଏଆଇର ସମନ୍ୱୟ ହେଉଛି ସମାବେଶୀ ବିକାଶର ପରବର୍ତ୍ତୀ ସୀମା । ଆଧାର, ୟୁପିଆଇ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ସାର୍ବଜନୀନ ସାମଗ୍ରୀ ସହିତ ଆମର ସଫଳତା ଆକସ୍ମିକ ନଥିଲା । ଏହା କିଛି ପ୍ରତିକୃତିଯୋଗ୍ୟ ନୀତିରୁ ଉତ୍ପନ୍ନ ହୋଇଛି । ପ୍ରଥମତଃ, ଆମେ ଏକ ସାର୍ବଜନୀନ ହିତ ଭାବେ ଡିଜିଟାଲ୍ ଭିତିଭୂମି ନିର୍ମାଣ କରିଥିଲୁ, ଏକ ମାଲିକାନା ପ୍ଲାଟଫର୍ମ ଭାବେ ନୁହେଁ । ଏହି ଖୋଲା ଏବଂ ଆନ୍ତଃ-ପରିଚାଳନା ଆଧାରିତ ଢାଂଚା ଏକ ସାଧାରଣ ଆଧାର ସ୍ତର ଉପରେ ନବସୃଜନକୁ ପ୍ରସ୍ଫୁଟିତ କରିବାକୁ ଅନୁମତି ଦେଇଥିଲା । ଦ୍ୱିତୀୟତଃ, ଆମେ ଏହାକୁ ଆରମ୍ଭରୁ ବ୍ୟାପକତା ଏବଂ ଅନ୍ତର୍ଭୁକ୍ତିକରଣ ପାଇଁ ଡିଜାଇନ୍ କରିଥିଲୁ । ଆମର ବ୍ୟବସ୍ଥା ସାମାଜିକ-ଆର୍ଥିକ ସ୍ଥିତି, ସାକ୍ଷରତା ସ୍ତର, ଅଂଚଳ କିମ୍ବା ଭାଷା ନିର୍ବିଶେଷରେ ୧୪୦ କୋଟି ଲୋକଙ୍କ ପାଇଁ କାମ କରେ । ଯେତେବେଳେ ଏଆଇ ଏହି ଭିତିଭୂମିରେ ବିସ୍ତାରିତ ହୁଏ, ଶାସନ ବହୁତ ଅଧିକ ପ୍ରତିକ୍ରିୟାଶୀଳ ଏବଂ ଦକ୍ଷ ହୋଇପାରିଥାଏ । ଏଆଇ କଲ୍ୟାଣ ଲକ୍ଷ୍ୟ ହାସଲକୁ ଉନ୍ନତ କରିପାରିବ, ଠକେଇ ଚିହ୍ନଟ ବ୍ୟବସ୍ଥାକୁ ମଜବୁତ କରିପାରିବ, ଭିତିଭୂମିର ଆକଳିତ ରକ୍ଷଣାବେକ୍ଷଣକୁ ସକ୍ଷମ କରିପାରିବ, ସହରାଂଚଳ ଯୋଜନାକୁ ସମର୍ଥନ କରିପାରିବ ଏବଂ ସାର୍ବଜନୀନ ପ୍ରଣାଳୀରେ ସ୍ୱଚ୍ଛତା ବୃଦ୍ଧି କରିପାରିବ । ଅନୁରୂପ ଭାବେ, ଆମେ ସମାଜରେ ଦୃଢ଼ ଡିଜିଟାଲ୍ ଭିତିଭୂମି, ଦୃଢ଼ ଡାଟା ଗୋପନୀୟତା ସୁରକ୍ଷା, ଚିନ୍ତାଶୀଳ ନିୟାମକ ଢାଂଚା ଏବଂ ଏଆଇ ସାକ୍ଷରତାର ଗୁରୁତ୍ୱକୁ ବୁଝୁଛୁ । ଏକ ମାନବ-କୈନ୍ଦ୍ରିକ ଡିଜିଟାଲ୍ ସାର୍ବଜନୀନ ଭିତିଭୂମି ନିର୍ମାଣର ଅଭିଜ୍ଞତା ସହିତ, ଏଆଇର ଲାଭ ଶେଷ ମାଇଲ ପର୍ଯ୍ୟନ୍ତ ପହଂଚାଇବାକୁ ନିଶ୍ଚିତ କରିବା ପାଇଁ ଭାରତ ସର୍ବୋତ୍ତମ ସ୍ଥାନରେ ଅଛି । ଗ୍ରାମାଂଚଳ ଏବଂ ସହରାଂଚଳ ଭାରତର ଚାଷୀ, ଛୋଟ ସହରର ଛାତ୍ରଛାତ୍ରୀ, ଏମଏସଏମଇ, ମହିଳା ଉଦ୍ୟୋଗୀ, ଅସଂଗଠିତକ ଶ୍ରମିକ ଏବଂ ଯୁବବର୍ଗଙ୍କ ପାଖରେ ଏଆଇକୁ ଭାରତ ପହଂଚାଇପାରିବ । ଏହାକୁ ଏକ ସଂକୀର୍ଣ୍ଣ ସହରାଂଚଳ ଆଭିଜାତ୍ୟ ବର୍ଗଙ୍କ ମଧ୍ୟରେ ସୀମିତ ରଖିବ ନାହିଁ । ପ୍ରଯୁକ୍ତିବିଦ୍ୟା ଭୌଗଳିକ ସ୍ଥିତ, ଲିଙ୍ଗ କିମ୍ବା ଆୟ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ସେବା କରିବା ଉଚିତ । କେବଳ ନିଜସ୍ୱ ସ୍ୱାର୍ଥ ପାଇଁ ଏଆଇ ଗ୍ରହଣୀୟ ନୁହେଁ । ଏଆଇ ପ୍ରକୃତରେ ନାଗରିକମାନଙ୍କୁ ସଶକ୍ତ କରିବା ଉଚିତ୍ । ଏହା ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ଏବଂ ଗ୍ଲୋବାଲ୍ ସାଉଥ୍ ପାଇଁ ଏକ ବ୍ୟାପକ ମଡେଲ ପ୍ରସ୍ତୁତ କରିବା ଆବଶ୍ୟକ । ଏଏନଆଇ: ଭାରତ ଇଞ୍ଜିନିୟରିଂ ପ୍ରତିଭାର ଏକ ମହାଶକ୍ତି । ଆମେ ବିଶ୍ୱକୁ ବହୁସଂଖ୍ୟକ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ କର୍ମଚାରୀ ଯୋଗାଇ ଦେଉଛୁ । ଏଆଇ ଯୁଗରେ ଆମେ ଏହାକୁ କିପରି ଆହୁରି ଗଭୀର କରିପାରିବା ? ପ୍ରଧାନମନ୍ତ୍ରୀ: କେବଳ ଏକ ଗ୍ରାହକ ଭାବରେ ନୁହେଁ, ବରଂ ଏକ ସ୍ରଷ୍ଟା ଭାବରେ ଏକ ଏଆଇ ମହାଶକ୍ତି ହେବା ପାଇଁ ଭାରତରେ ପ୍ରତିଭା ଏବଂ ଉଦ୍ୟୋଗ ଶକ୍ତି ଅଛି । ଆମର ଷ୍ଟାର୍ଟଅପ୍, ଗବେଷଣା ପ୍ରତିଷ୍ଠାନ ଏବଂ ଟେକ୍ ଇକୋସିଷ୍ଟମ୍ ଏଆଇ ସମାଧାନ ନିର୍ମାଣ କରିପାରିବେ ଯାହା ଉତ୍ପାଦନକୁ ବୃଦ୍ଧି କରିପାରିବ, ଶାସନକୁ ଉନ୍ନତ କରିବା ସହ ନୂତନ ନିଯୁକ୍ତି ସୃଷ୍ଟି କରିପାରିବ । ମୁଁ ନିଶ୍ଚିତ ଯେ ଆମର ଯୁବପିଢ଼ି ଭାରତୀୟ ବାସ୍ତବତା ପାଇଁ ଏଆଇ ସମାଧାନ ନିର୍ମାଣ କରିପାରିବେ, ଯାହା ଚାଷୀ, ଏମଏସଏମଇ, ମହିଳା ଉଦ୍ୟୋଗୀ ଏବଂ ତୃଣମୂଳ ସ୍ତରର ଉଦ୍ଭାବକଙ୍କ ପାଇଁ ଡିଜାଇନ୍ କରାଯାଇଛି । ଆମେ ଆମର ପ୍ରତିଭାବାନ ଯୁବପିଢ଼ିଙ୍କ ଦ୍ୱାରା ନବସୃଜନ ଏବଂ ଅନ୍ତର୍ଭୁକ୍ତିକରଣ ପାଇଁ ଏଆଇକୁ ଏକ ପ୍ରୋତ୍ସାହନକାରୀ ରୂପେ କରିବା ପାଇଁ ପ୍ରତ୍ୟେକ ପ୍ରୟାସକୁ ମଜବୁତ କରିବା ପାଇଁ ପ୍ରତିବଦ୍ଧ । କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଏହି ଦୃଷ୍ଟିକୋଣକୁ ସୁଦୃଢ଼ କରେ । ଏହା ଡାଟା ସେ[ର ଏବଂ କ୍ଲାଉଡ୍ ଭିତିଭୂମି ପାଇଁ ସମର୍ଥନକୁ ବିସ୍ତାର କରେ, ଘରୋଇ କମ୍ପ୍ୟୁଟ୍ କ୍ଷମତାକୁ ମଜବୁତ କରେ । ଇଣ୍ଡିଆ ଏଆଇ ଫ୍ରେମୱାର୍କ ଅଧୀନରେ, ଷ୍ଟାର୍ଟଅପ୍ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଚ-କର୍ମକ୍ଷମ ଏଆଇ କମ୍ପ୍ୟୁଟ୍ ସମ୍ବଳଗୁଡ଼ିକର ଉପଲବ୍ଧତା ସହିତ ସମର୍ଥନ କରାଯାଉଛି । ସେମିକଣ୍ଡକ୍ଟର ଉତ୍ପାଦନ, ଇଲେକ୍ଟ୍ରୋନିକ୍ସ ପିଏଲଆଇ, ଏଆଇ ଉତ୍କର୍ଷ କେନ୍ଦ୍ର ଏବଂ ଡିଜିଟାଲ୍ ଦକ୍ଷତା ପାଇଁ ନିରନ୍ତର ପ୍ରୟାସ ହାର୍ଡୱେର୍ ଏବଂ ମାନବ ପୁଞ୍ଜି ଭିତିଭୂମି ଉଭୟକୁ ମଜବୁତ କରୁଛି । ସଂକ୍ଷେପରେ, ଆମେ କେବଳ ପ୍ରତିଭାକୁ ପ୍ରୋତ୍ସାହିତ କରୁନାହୁଁ, ବରଂ ଭାରତକୁ ଏଆଇ ବିପ୍ଳବରେ ଅଂଶଗ୍ରହଣ କରିବାରୁ ଏହାକୁ ଗଠନ କରିବା ପାଇଁ ଆବଶ୍ୟକ ଭିତିଭୂମି, ନୀତିଗତ ଇକୋସିଷ୍ଟମ ଏବଂ ଦକ୍ଷତା ଆଧାର ନିର୍ମାଣ କରୁଛୁ । ଏଏନଆଇ: ଭାରତରେ ଏକ ସକ୍ରିୟ ଆଇଟି କ୍ଷେତ୍ର ରହିଛି ଯାହା ଆମର ସେବା ରପ୍ତାନିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି । ଏଆଇ ଆମ ଆଇଟି କ୍ଷେତ୍ରକୁ ପ୍ରଭାବିତ କରିବାକୁ ଆପଣ କିପରି ଦେଖୁଛନ୍ତି ? ପ୍ରଧାନମନ୍ତ୍ରୀ: ଭାରତର ଆଇଟି କ୍ଷେତ୍ର ଆମ ସେବା ରପ୍ତାନିର ମେରୁଦଣ୍ଡ ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳକ ହୋଇଛି । ଏଆଇ ଏହି କ୍ଷେତ୍ର ପାଇଁ ବିପୁଳ ସୁଯୋଗ ଏବଂ ଆହ୍ୱାନ ଉଭୟ ଉପସ୍ଥାପନ କରିଥାଏ । ଏଆଇ ବଜାର ଆକଳନ ଦର୍ଶାଉଛି ଯେ ଏଆଇ-ସକ୍ଷମ ଆଉଟସୋର୍ସିଂ ଏବଂ ଡୋମେନ୍ ଆଧାରିତ ଅଟୋମେସନର ନୂତନ ତରଙ୍ଗ ଦ୍ୱାରା ଭାରତର ଆଇଟି କ୍ଷେତ୍ର ୨୦୩୦ ସୁଦ୍ଧା ୪୦୦ ବିଲିୟନ ଡଲାରରେ ପହଂଚିପାରେ । ମୌଳିକ ପରିବର୍ତ୍ତନ ହେଉଛି ଯେ ଆଇଟି କ୍ଷେତ୍ରକୁ ଏଆଇ ବଦଳାଇ ନାହିଁ । ବରଂ ଏହାକୁ ରୂପାନ୍ତରିତ କରୁଛି । ସାଧାରଣ ଉଦ୍ଦେଶ୍ୟ ଭିତିକ ଏଆଇ ଉପକରଣଗୁଡ଼ିକ ବ୍ୟାପକ ହୋଇଥିବାବେଳେ, ଏ[ରପ୍ରାଇଜ୍-ଗ୍ରେଡ୍ ଏଆଇ ଗ୍ରହଣୀୟତା ଏବେ ବି ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକରେ କେନ୍ଦ୍ରିତ ରହିଛି । ବର୍ତ୍ତମାନର ଆଇଟି ଫାର୍ମଗୁଡ଼ିକ ଜଟିଳ ବ୍ୟବସାୟିକ ସମସ୍ୟା ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଏକ ଶକ୍ତିଶାଳୀ ଭାରତୀୟ ଏଆଇ ଇକୋସିଷ୍ଟମକୁ ସକ୍ଷମ କରିବା ପାଇଁ, ସରକାର ଇଣ୍ଡିଆଏଆଇ ମିଶନ ଉପରେ କେନ୍ଦ୍ରିତ ଏକ ବ୍ୟାପକ ରଣନୀତି ଆପଣାଇଛନ୍ତି । ଆମେ ଆମର ପ୍ରାରମ୍ଭିକ ଜିପିୟୁ ଲକ୍ଷ୍ୟ ଅତିକ୍ରମ କରିସାରିଛୁ ଏବଂ ଆମେ ଷ୍ଟାର୍ଟଅପ୍ ଓ ଉଦ୍ୟୋଗଗୁଡ଼ିକ ପାଇଁ ବିଶ୍ୱସ୍ତରୀୟ ଏଆଇ ଭିତିଭୂମିକୁ ସୁଲଭ ପ୍ରବେଶ ପ୍ରଦାନ କରିବା ପାଇଁ ଅଧିକ କରିବାକୁ ପ୍ରତିବଦ୍ଧ । ଆମେ ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା ଏବଂ ଦୀର୍ଘସ୍ଥାୟୀ ସହରଗୁଡ଼ିକରେ ଚାରୋଟି ଉତ୍କର୍ଷ କେନ୍ଦ୍ର ଏବଂ ଦକ୍ଷତା ପାଇଁ ପାଂଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିଛୁ ଯାହା ଦ୍ୱାରା ଆମର କର୍ମଶକ୍ତିକୁ ଶିଳ୍ପ-ପ୍ରାସଙ୍ଗିକ ଏଆଇ ବିଶେଷଜ୍ଞତା ସହିତ ସଜ୍ଜିତ କରାଯାଇପାରିବ । ଆମେ ଚାହୁଁଛୁ ଯେ ଆମର ଆଇଟି କ୍ଷେତ୍ର କେବଳ ସେବା ପ୍ରଦାନରେ ନୁହେଁ ବରଂ ଭାରତ ଏବଂ ବିଶ୍ୱ ପାଇଁ କାମ କରୁଥିବା ଏଆଇ ଉତ୍ପାଦ, ପ୍ଲାଟଫର୍ମ ଏବଂ ସମାଧାନ ନିର୍ମାଣରେ ନେତୃତ୍ୱ ନେଉ । ଏଏନଆଇ: ଆମେ ଏଆଇର ଅପବ୍ୟବହାର ହେବାର ଅନେକ ଉଦାହରଣ ଦେଖିଛୁ । ଏଆଇ ପ୍ରଯୁକ୍ତିର ସମ୍ଭାବ୍ୟ କ୍ଷତିରୁ ଆମେ ଭାରତୀୟମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରିପାରିବା ? ପ୍ରଧାନମନ୍ତ୍ରୀ: ପ୍ରଯୁକ୍ତିବିଦ୍ୟା ଏକ ଶକ୍ତିଶାଳୀ ଉପକରଣ, କିନ୍ତୁ ଏହା କେବଳ ମାନବ ଉଦ୍ଦେଶ୍ୟ ପାଇଁ ଏକ ପ୍ରୋତ୍ସାହନକାରୀ । ଏଆଇକୁ ଏକ ଲାଭଦାୟକ ଶକ୍ତିରେ ପରିଣତ କରିବା ଆମ ଉପରେ ନିର୍ଭର କରେ । ଯଦିଓ ଏଆଇ ମାନବ କ୍ଷମତାକୁ ବୃଦ୍ଧି କରିପାରେ, ନିଷ୍ପତି ନେବାର ଚୂଡ଼ାନ୍ତ ଦାୟିତ୍ୱ ସର୍ବଦା ମଣିଷଙ୍କ ପାଖରେ ରହିବା ଉଚିତ । ସାରା ବିଶ୍ୱରେ, ସମାଜଗୁଡ଼ିକ ଏଆଇ କିପରି ବ୍ୟବହାର ଏବଂ ଶାସିତ ହେବା ଉଚିତ ତାହା ଉପରେ ବିତର୍କ କରୁଛନ୍ତି । ଭାରତ ଏହି ଆଲୋଚନାକୁ ରୂପ ଦେବାରେ ସାହାଯ୍ୟ କରୁଛି । ଏହା ଦେଖାଇ ଯେ ଦୃଢ଼ ସୁରକ୍ଷା ବ୍ୟବସ୍ଥା ନିରନ୍ତର ନବସୃଜନ ସହିତ ସହାବସ୍ଥାନ କରିପାରିବ । ଏଥିପାଇଁ, ଆମକୁ କିଛି ମୌଳିକ ନୀତି ଉପରେ ନିର୍ମିତ ଏଆଇ ଉପରେ ଏକ ବିଶ୍ୱସ୍ତରୀୟ ଚୁକ୍ତି ଆବଶ୍ୟକ । ଏଥିରେ ପ୍ରଭାବଶାଳୀ ମାନବ ତଦାରଖ, ଡିଜାଇନ୍ ମାଧ୍ୟମରେ ସୁରକ୍ଷା, ସ୍ୱଚ୍ଛତା ଓ ଡିପ୍ ଫେକ୍, ଅପରାଧ ଓ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଏଆଇ ବ୍ୟବହାର ଉପରେ କଠୋର କଟକଣା ଅନ୍ତର୍ଭୁକ୍ତ ହେବା ଉଚିତ । ଭାରତ ଏଆଇ ନିୟମରେ ଏକ ଅଧିକ ଢାଂଚାଗତ ଶାସନ ପଦ୍ଧତି ଆଡକୁ ଅଗ୍ରସର ହେଉଛି । ଜାନୁଆରୀ ୨୦୨୫ରେ ଇଣ୍ଡିଆଏଆଇ ସୁରକ୍ଷା ପ୍ରତିଷ୍ଠାନର ଶୁଭାରମ୍ଭ ସହିତ, ଦେଶ ଏଆଇ ସିଷ୍ଟମର ନୈତିକ, ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ନିୟୋଜନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ବ୍ୟବସ୍ଥା ସୃଷ୍ଟି କରିଥିଲା । ଏଆଇ ଅଧିକ ଉନ୍ନତ ହେବା ସହିତ, ଆମର ଦାୟିତ୍ୱବୋଧକୁ ଆହୁରି ଦୃଢ଼ ହେବାକୁ ପଡିବ । ଭାରତର ଆଭିମୁଖ୍ୟକୁ ସ୍ୱତନ୍ତ୍ର କରୁଥିବା ବିଷୟ ହେଉଛି ସ୍ଥାନୀୟ ବିପଦ ଏବଂ ସାମାଜିକ ବାସ୍ତବତା ଉପରେ ଧ୍ୟାନ । ପରିବର୍ତ୍ତିତ ବିପଦ ମୂଲ୍ୟାଙ୍କନ ଢାଂଚା ଜାତୀୟ ସୁରକ୍ଷା ଚିନ୍ତା ଏବଂ ଦୁର୍ବଳ ଗୋଷ୍ଠୀର କ୍ଷତିକୁ ବିଚାର କରେ, ଯେଉଁଥିରେ ମହିଳାମାନଙ୍କୁ ଟାର୍ଗେଟ କରୁଥିବା ଡିପଫେକ୍, ଶିଶୁ ସୁରକ୍ଷା ବିପଦ ଏବଂ ବୟସ୍କମାନଙ୍କୁ ପ୍ରଭାବିତ କରୁଥିବା ବିପଦ ଅନ୍ତର୍ଭୁକ୍ତ । ଡିପଫେକ୍ ଭିଡିଓରେ ବୃଦ୍ଧି ଯୋଗୁଁ ଏହି ସୁରକ୍ଷା ବ୍ୟବସ୍ଥାର ଜରୁରି ଆବଶ୍ୟକତା ସମସ୍ତଙ୍କ ପାଇଁ ସ୍ପଷ୍ଟ ହେବାରେ ଲାଗିଛି । ପ୍ରତିକ୍ରିୟାରେ, ଭାରତ ଏଆଇ-ଉତ୍ପନ୍ନ ବିଷୟବସ୍ତୁର ୱାଟରମାର୍କିଂ ଏବଂ କ୍ଷତିକାରକ ସିନ୍ଥେଟିକ୍ ମିଡିଆ ଅପସାରଣ ଆବଶ୍ୟକ କରୁଥିବା ନିୟମଗୁଡ଼ିକୁ ସୂଚିତ କରିଛି । ବିଷୟବସ୍ତୁ ସୁରକ୍ଷା ସହିତ, ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ଡିଜିଟାଲ୍ ଇକୋସିଷ୍ଟମରେ ତଥ୍ୟ ସୁରକ୍ଷା ଏବଂ ବ୍ୟବହାରକାରୀ ଅଧିକାରକୁ ସୁଦୃଢ଼ କରିଛି । ଭାରତର ପ୍ରତିବଦ୍ଧତା ମଧ୍ୟ ବିଶ୍ୱବ୍ୟାପୀ ବିସ୍ତାରିତ । ଯେପରି ସୀମାପାର ସୁରକ୍ଷା ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ବିମାନ ଚଳାଚଳ ଏବଂ ପରିବହନରେ ବିଶ୍ୱସ୍ତରୀୟ ମାନଦଣ୍ଡ ଅଛି, ସେହିପରି ବିଶ୍ୱକୁ ଏଆଇରେ ସାଧାରଣ ନୀତି ଏବଂ ମାନଦଣ୍ଡ ପ୍ରତି କାର୍ଯ୍ୟ କରିବାକୁ ପଡିବ । ୨୦୨୩ ଜିପିଏଆଇ ଘୋଷଣାରେ ଏହାର ଭୂମିକା, ପ୍ୟାରିସ୍ ଏଆଇ ଆଲୋଚନା କିମ୍ବା ବର୍ତ୍ତମାନର ଶିଖର ସମ୍ମିଳନୀରେ, ଭାରତ ନିରାପଦ ଏବଂ ସମାବେଶୀ ଏଆଇ (ଏଆଇ ଫର୍ ଅଲ୍) ପାଇଁ ସୁରକ୍ଷା ବ୍ୟବସ୍ଥା ନିର୍ମାଣ କରିବା ସହିତ ନବୋନ୍ମେଷ ଆଗକୁ ବଢ଼ାଇବାର ଏକ ସନ୍ତୁଳିତ ପଥକୁ ନିରନ୍ତର ସମର୍ଥନ କରିଛି । ଏନଏଆଇ: ଏଆଇ ସେମାନଙ୍କର ଚାକିରି ଛଡ଼େଇ ନେବ ବୋଲି ଯୁବବର୍ଗଙ୍କ ମଧ୍ୟରେ ଭୟ ରହିଛି । ଯଦି ଏପରି ହୁଏ, ତେବେ ଭାରତର ଜନସଂଖ୍ୟାଗତ ଲାଭାଂଶକୁ ବ୍ୟବହାର କରିବା କଷ୍ଟକର ହୋଇଯିବ । ଭାରତ ସରକାର ଏହି ଚ୍ୟାଲେଞ୍ଜକୁ କିପରି ମୁକାବିଲା କରୁଛନ୍ତି ? ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ: ଚାକିରି ବଜାରରେ ଏଆଇ ପରିଚାଳିତ ବାଧା ବିଷୟରେ ଆମ ଯୁବପିଢ଼ିଙ୍କ ଚିନ୍ତା ମୁଁ ବୁଝିପାରୁଛି । ଭୟର ସର୍ବୋତ୍ତମ ପ୍ରତିଷେଧକ ହେଉଛି ପ୍ରସ୍ତୁତି । ସେଥିପାଇଁ ଆମେ ଏଆଇ ଚାଳିତ ଭବିଷ୍ୟତ ପାଇଁ ଆମ ଲୋକଙ୍କୁ ଦକ୍ଷତା ଏବଂ ଅତିରିକ୍ତ ଦକ୍ଷତା ପ୍ରଦାନରେ ନିବେଶ କରୁଛୁ । ସରକାର ବିଶ୍ୱର ସବୁଠାରୁ ମହତ୍ୱାକାଂକ୍ଷୀ ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକ ମଧ୍ୟରୁ ଅନ୍ୟତମ ଆରମ୍ଭ କରିଛନ୍ତି । ଆମେ ଏହାକୁ ଭବିଷ୍ୟତର ସମସ୍ୟା ଭାବରେ ଦେଖୁନାହୁଁ ବରଂ ଆମେ ଏହାକୁ ଏକ ବର୍ତ୍ତମାନର ଜରୁରିକାଳୀନ ଆବଶ୍ୟକତା ଭାବରେ ଦେଖୁଛୁ । ମୁଁ ଏଆଇକୁ ଏକ ଶକ୍ତି ବୃଦ୍ଧିକାରୀ ଭାବରେ ଦେଖିଥାଏ ଯାହା ଆମକୁ ଆମେ ଯାହା ସମ୍ଭବ ଭାବିଥିଲୁ ତାହାର ସୀମାକୁ ଆଗକୁ ବଢାଇବାରେ ସାହାଯ୍ୟ କରିବ । ଏହା ଡାକ୍ତର, ଶିକ୍ଷକ ଏବଂ ଓକିଲମାନଙ୍କୁ ଲୋକଙ୍କ ଏକ ବୃହତ ଗୋଷ୍ଠୀ ପର୍ଯ୍ୟନ୍ତ ପହଂଚିବାକୁ ଏବଂ ସେମାନଙ୍କୁ ସହାୟତା କରିବାକୁ ସାହାଯ୍ୟ କରିବ । ପ୍ରଯୁକ୍ତିବିଦ୍ୟା ଯୋଗୁଁ କାମ ଅଦୃଶ୍ୟ ହୋଇଯାଏ ନାହିଁ ବୋଲି ଇତିହାସ ପ୍ରମାଣ ଦେଇଛି । ଏହାର ପ୍ରକୃତି ପରିବର୍ତ୍ତନ ହୁଏ ଏବଂ ନୂତନ ପ୍ରକାରର ଚାକିରି ସୃଷ୍ଟି ହୁଏ । ଯଦିଓ କିଛି ଚାକିରି ପୁନଃପରିଭାଷିତ ହୋଇପାରେ, ଡିଜିଟାଲ୍ ପରିବର୍ତ୍ତନ ଭାରତର ଅର୍ଥବ୍ୟବସ୍ଥାରେ ନୂତନ ପ୍ରଯୁକ୍ତିବିଦ୍ୟା ଚାକିରି ମଧ୍ୟ ଯୋଡିବ । ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା ବିପ୍ଳବ ଚାକିରିଗୁଡ଼ିକୁ ହଟାଇଦେବ ବୋଲି ଶହ ଶହ ବର୍ଷ ଧରି ଏପରି ଆଶଙ୍କା ରହିଆସିଛି । ତଥାପି ଇତିହାସ ଆମକୁ ଶିଖାଇଛି ଯେ ଯେତେବେଳେ ବି ଉଦ୍ଭାବନ ହୁଏ, ନୂତନ ସୁଯୋଗ ଆବିର୍ଭାବ ହୁଏ । ଏଆଇ ଯୁଗରେ ମଧ୍ୟ ଏପରି ହେବ । ଭାରତ ଏହି ପରିବର୍ତ୍ତନ ସହିତ ଖାପ ଖୁଆଇବା ପାଇଁ ପୂର୍ବରୁ ଭଲ ଭାବରେ ସଜ୍ଜିତ । ଷ୍ଟାନଫୋର୍ଡ ଗ୍ଲୋବାଲ୍ ଏଆଇ ଭାଇବ୍ରାନ୍ସି ଇଣ୍ଡେକ୍ସ ୨୦୨୫ରେ, ଭାରତ ଏଆଇ ଗବେଷଣା ଓ ବିକାଶ, ପ୍ରତିଭା ଓ ଅର୍ଥବ୍ୟବସ୍ଥାରେ ଦୃଢ଼ ଅଭିବୃଦ୍ଧିକୁ ପ୍ରତିଫଳିତ କରି ତୃତୀୟ ସ୍ଥାନରେ ରହିଛି । ନବୋନ୍ମେଷ ସହିତ ଅନ୍ତର୍ଭୁକ୍ତିକରଣକୁ ମିଶ୍ରଣ କରି, ଆମେ ନିଶ୍ଚିତ ଯେ ଏଆଇ ଭାରତର କର୍ମଶକ୍ତିକୁ ମଜବୁତ କରିବ । ସଠିକ୍ ଦକ୍ଷତା ଓ ପ୍ରସ୍ତୁତି ସହିତ, ଆମର ଯୁବପିଢ଼ି ଭବିଷ୍ୟତ କାର୍ଯ୍ୟର ନେତୃତ୍ୱ ନେବେ । ଏଏନଆଇ: ଆପଣଙ୍କ ନେତୃତ୍ୱରେ, ଭାରତ ଫୋରଜି-ଫାଇଭଜି, ଡ୍ରୋନ ଜ୍ଞାନକୌଶଳ ଭଳି ସ୍ୱଦେଶୀ ପ୍ରଯୁକ୍ତି ବିକାଶ କରିଛି । ଆତ୍ମନିର୍ଭର ଭାରତ ପାଇଁ ଆପଣଙ୍କର ଦୃଷ୍ଟିକୋଣ କ'ଣ ? ପ୍ରଧାନମନ୍ତ୍ରୀ: ଆତ୍ମନିର୍ଭର ଭାରତ ଆଡ଼କୁ ଆମର ଯାତ୍ରା ଏକ ମୌଳିକ ନୀତି ଉପରେ ନିର୍ମିତ ହୋଇଛି, ତାହା ହେଲା ଭାରତ କେବଳ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବ ନାହିଁ ବରଂ ଏହାକୁ ସୃଷ୍ଟି କରିବ । ଆତ୍ମନିର୍ଭର ଭାରତରେ ଏଆଇ ପାଇଁ ମୋର ଦୃଷ୍ଟିକୋଣ ତିନୋଟି ସ୍ତମ୍ଭ ଉପରେ ନିର୍ଭର କରେ: ସାର୍ବଭୌମତ୍ୱ, ଅନ୍ତର୍ଭୁକ୍ତିକରଣ ଏବଂ ନବସୃଜନ । ମୋର ଦୃଷ୍ଟିକୋଣ ହେଉଛି ଭାରତ କେବଳ ଏଆଇ ବ୍ୟବହାରରେ ନୁହେଁ ବରଂ ସୃଷ୍ଟିରେ ବିଶ୍ୱସ୍ତରରେ ଶ୍ରେଷ୍ଠ ତିନୋଟି ଏଆଇ ମହାଶକ୍ତି ମଧ୍ୟରେ ରହିବା ଉଚିତ ।



# ଜଳେଶ୍ୱରରେ ଅବକାରୀ ବିଭାଗର ଚଢ଼ାଉ : ୧୧୪ ଲିଟର ଦେଶୀମଦ ସହିତ ୬ଜଣ କୋର୍ଟଚାଲାଣ

ଜଳେଶ୍ୱର (ନି.ପ୍ର) : ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ପଶ୍ଚିମବଂଗରୁ ଆସୁଥିବା ଦେଶୀମଦ ପିଇ ଲୋକମାନେ ରୋଗଗ୍ରସ୍ତ ହେଉଥିବାର ଅଭିଯୋଗ ହୋଇ ଆସୁଥିଲା । ରାଇବଣିଆ ଅଂଚଳରେ ରହୁଥିବା ଆଦିବାସୀ ଲୋକମାନେ ମଧ୍ୟ ମହୁଲି ମଦ ପ୍ରସ୍ତୁତ କରି ବ୍ଲକର ବିଭିନ୍ନ ସ୍ଥାନରେ ବିକ୍ରି କରିଆସୁଥିଲେ । ଆଜି ଜଳେଶ୍ୱର ରେଞ୍ଜ ଇନିସ୍‌ପେକ୍ଟର ଦେବେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ଏଏସ୍ଆଇ ତପସ୍ୱିନୀ ବହିଦା, ଅନିଲ ପରିଡା, ବାସୁଦେବ କାମିଲା ପ୍ରମୁଖ ଚଢାଉ କରି ସରସୀଦା, ରାଜପୁର, ଧାନସିମୁଳିଆ, ଆମ୍ବପୁଞ୍ଜା, ଦେଉଳା, ମ୍ୟୁନିସିପାଲଟିର ନୂଆବଜାର ପ୍ରଭୃତି ୬ଟି ସ୍ଥାନରୁ ୧୧୪ ଲିଟର ଦେଶୀମଦ ଜବତ୍ କରିବା ସହିତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

# ଖଇରା କଂଗ୍ରେସ ପକ୍ଷରୁ ନୂତନ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା

ଖଇରା,(ନି.ପ୍ର.)ଜାତୀୟ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଜିଲା ତଥା ବିଭିନ୍ନି ବ୍ଲକ କମିଟି ପୁନର୍ଗଠନ ପ୍ରକ୍ରିୟାରେ ଖଇରା ବ୍ଲକ ପାଇଁ ସଭାପତି ଭାବେ ମହତୀପୁର ପ□ାୟତର ପୂର୍ବତନ ସରପ□ ବସନ୍ତ କୁମାର ପାତ୍ର ଙ୍କୁ ମନୋନୀତ କରାଯାଇଥିବା ବେଳେ ସଞ୍ଜୟ କୁମାର ଦଳେଇଙ୍କୁ ଜିଲା ଉପସଭାପତି ଭାବେ ମନୋନୀତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଖଇରା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ବ୍ଲକ ସଭାପତି ଶରତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ



ଏମପି ଅନନ୍ତ ପ୍ରସାଦ ସେଠୀ,କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଯୋଗ ଦେଇ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ପ□ାୟତ ଏବଂ ବ୍ଲକ ଦଖଲ ଲାଗି କର୍ମୀ ମାନେ ଏବେ ଠାରୁ କାର୍ଯ୍ୟ କରିବାକୁ ନେତୃବୃନ୍ଦ ପରାମର୍ଶ ଦେଇଥିଲେ । ନିର୍ବାଚନ ମଣ୍ଡଳୀ ର ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା,ବରିଷ୍ଠ ନେତା ବଳରାମ ଲେଙ୍କା,ମନୋରଞ୍ଜନ ପରମାଣିକ,ପ୍ରଶାନ୍ତ ପାତ୍ର,ପ୍ରଶାନ୍ତ ଦାସ,ଶୁନ୍ୟବାସୀ ଜେନା,ତାପସ କୁମାର ରାୟ,ପ୍ରଫୁଲ୍ଲ ବଳବନ୍ତରାୟ,ମଧୁସୁଦନ ଜେନା,ବସନ୍ତ ବେଜ ପ୍ରମୁଖ ଉପସ୍ଥିତ ଥିଲେ । କଂଗ୍ରେସକୁ ସୁଦୃଢ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ବକ୍ତବ୍ୟରେ ନବ ନିଯୁକ୍ତ ସଭାପତି ଶ୍ରୀପାତ୍ର ପ୍ରକାଶ କରିଥିଲେ ।

# କୋଲାବିରାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,(ନି.ପ୍ର.): ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ କୋଲାବିରା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଉପଜିଲ୍ଲାପାଳ ଶ୍ରୀ ସବ୍ୟସାଚୀ ପଣ୍ଡା ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଆପତି ଓ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଏହି ଶିବିରରେ ମୋଟ ୪୨ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୩ ଟି ସାମୂହିକ ବା ଗୋଷ୍ଠୀଗତ ସମସ୍ୟା ଥିଲା ଏବଂ ୨୯ ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ଜଣେ ଅସହାୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ତତ୍କାଳ ପ୍ରଦାନ କରାଯାଇଥିଲା । ଏହି ଅଭିଯୋଗ



ଶୁଣାଣି ଶିବିରରେ ବିଭିନ୍ନ ପଂଚାୟତର ଜ୍ୱଳନ୍ତ ସମସ୍ୟା ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସମାସିଂହା ପଂଚାୟତରୁ ସମବାୟ ସମିତିରେ ଧାନ କିଣା ବନ୍ଦ ହେବା ଏବଂ ନିଜସ୍ୱ ଗୃହଜମି ଅନ୍ୟ ଲୋକଙ୍କ ନାମରେ ଦଖଲନୋଟ ଚଢ଼ିବା ସମ୍ବନ୍ଧରେ ଅଭିଯୋଗ ଆସିଥିବା ବେଳେ ରଘୁନାଥପାଲି ଅଂଚଳରୁ ଜମିର ରୟତି ପରିବର୍ତ୍ତନ, ଧାନ ବିକ୍ରୟ କାର୍ଡ ଜାଲିଆତି ଏବଂ ଟୋକନ ଥାଇ ମଧ୍ୟ ଧାନ ବିକ୍ରୟରେ ହେଉଥିବା ଅସୁବିଧା ନେଇ ଦାବି ହୋଇଥିଲା । ସେହିପରି ଚନ୍ଦନିମାଲ ଅଂଚଳରେ ଲକ୍ଷ୍ମୀ ବସ୍ ଚଳାଚଳ କରିବା ଏବଂ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟର ମରାମତି କାର୍ଯ୍ୟରେ ହେଉଥିବା ଅନିୟମିତତା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିସହିତ ସୋଡାମାଲ ଅଂଚଳରେ ସରକାରୀ ଜମିକୁ ନିଜସ୍ୱ ନାମରେ ରେକର୍ଡଭୁକ୍ତ କରିବା, ତରେଇକେଲା ଛକରେ ଏକ ମାର୍କେଟ କଂପ୍ଲେକ୍ସ ନିର୍ମାଣ, ପୋଖରାସାହ୍ଲେରେ ପୋଖରୀର ପଙ୍କ ଉଦ୍ଧାର ସହ ଜଳ ନିଷ୍କାସନ ଓ ଗାଧୁଆ ପାହାଚ ନିର୍ମାଣ ପରି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଅନ୍ୟପକ୍ଷରେ ଧୂବେନବୁଡ ଅଂଚଳରେ ଜମି ଜବରଦଖଲ ଏବଂ ପଣ୍ଡକିମାଲରେ ବର୍ଦ୍ଧିତ ବିଦ୍ୟୁତ ବିଲ୍ କୋହଲ କରିବା ପାଇଁ ଲୋକେ ନିବେଦନ କରିଥିଲେ । ଜିଲ୍ଲାପାଳ ଏହି ସମସ୍ତ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଝାରସୁଗୁଡ଼ା(ନି.ପ୍ର.) ମଙ୍ଗଳବାର ଦିନ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ନାୟକ ଙ୍କ ନିର୍ଦ୍ଦେଶ କ୍ରମେ କିର୍ମୀରା ପଂଚାୟତ ସମିତିର ସମ୍ମିଳନୀ କକ୍ଷ ଠାରେ ବିକଳ୍ପ ବିବାଦ ସମାଧାନ ର ବିଭିନ୍ନ ଉପାୟ ଯଥା ଲୋକ ଅଦାଲତ, ମଧ୍ୟସ୍ଥତା, ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ (ଚଖଇ) ଗୁଡ଼ିକର ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା ତଥା ଏହା ଦ୍ୱାରା ବିଚାରକୁ ନିଆଯାଉଥିବା ବିବାଦର ପ୍ରକୃତି ଏବଂ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ ର ଅଧ୍ୟାୟ-୦୬ଇ ଅନୁଯାୟୀ ଯୋଜନାର ଲାଭ ଏବଂ ନାଲସା (ଜାଗୃତି) ଯୋଜନା ୨୦୨୫ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଝାରସୁଗୁଡ଼ା ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ ସେବା



ପ୍ରାଧିକରଣ ର ସଚିବ ଶ୍ରୀମତୀ ଆଲୋକମୟୀ ପ୍ରଧାନ, ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ଶ୍ରୀମତୀ ସାଜଦା ବେଗମ, କିର୍ମିରା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖିଲେଶ୍ୱରି କାଲୋ ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ଉପରୋକ୍ତ ବିଷୟ ବସ୍ତୁ ମାନଙ୍କ ଉପରେ ଆଲୋଚନା କରିବା ସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ପୀଡ଼ିତା କ୍ଷତି ପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟ ରେ ବିଚାରାଧୀନ ମାମଲା ଗୁଡ଼ିକର ସମାଧାନ, ନାଲ୍ସା ର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ଇତ୍ୟାଦି ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏହା ସଙ୍ଗେ ସଙ୍ଗେ ବର୍ତ୍ତମାନ ଚାଲୁଥିବା ମଧ୍ୟସ୍ଥତା ଅଭିଯାନ ଓ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ହେବାକୁ ଥିବା ଜାତୀୟ ଲୋକ ଅଦାଲତ ରେ କେଉଁ ପ୍ରକାର ମାମଲା ଗୁଡିକ ର ସମାଧାନ ଅପୋଷ ବୁଝାମଣା ମାଧ୍ୟମରେ ହେଇ ପାରିବ ତାହା ବିଷୟରେ ପ୍ରାଧିକରଣ ସଚିବ ଉପସ୍ଥିତ ଜନ ସାଧାରଣ ମାନଙ୍କୁ ଅବଗତ କରିଥିଲେ ଏବଂ ଏହାର ଲାଭ ଉଠେଇବା ପାଇଁ ପ୍ରବର୍ତାଇଥିଲେ । ସ୍ଥାନୀୟ ଅଂଚଳର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମହିଳା ଓ ଜନ ସାଧାରଣ ତଥା ଆଇନ୍ ସେବା ପ୍ରାଧିକରଣ ର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ । ସବିଶେଷ ସୂଚନା ପାଇଁ ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ କିମ୍ବା ସମ୍ମୁଖ କାର୍ଯ୍ୟାଳୟର ନମ୍ବର ୦୬୬୪୫-୨୭୩୪୭୦ ରେ ଯୋଗାଯୋଗ କରିପାରିବେ ବୋଲି ପ୍ରାଧିକରଣ ସଚିବ ସୂଚନା ପ୍ରଦାନ କରିଥିଲେ ।

# ଗଞ୍ଜେଇ ଜବତ,ଜଣେ ଗିରଫ

ଖଇରା,(ନି.ପ୍ର.)୨ବାଲେଶ୍ୱର ଜିଲା ଅଧୀନ ଖଇରା ଅବକାରୀ ଥାନା ର ଭାରପ୍ରାପ୍ତ ଅଧୀକାରୀ ପ୍ରହଲ୍ଲାଦ ସାମଲ ନେତୃତ୍ୱରେ ଏକ ଟିମ ମଙ୍ଗଳବାର ଖଇରା ଥାନା ଅଧୀନ ବଣପାରିଆ ଗ୍ରାମରେ ଚଢାଉ କରାଯାଇ ୨.୫କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି ॥ ଏଥିରେ ସଂପୃକ୍ତ ଖଇରା ଥାନା ଅନ୍ତର୍ଗତ କୁପାରୀ ଗ୍ରାମର ଦୁଷ୍ମନ୍ତ ନାୟକଙ୍କୁ ଗିରଫ କରାଯାଇ  କୋର୍ଟ ଚାଲାଣ କରାଯାଇଛି ।ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି କୁହାଯାଉଛି ।ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ନିରିକ୍ଷକ କେଶବ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଏହି ଚଢାଉରେ ନିଳଗିରି ଓଆଇସି ମନୋଜ କୁମାର ସାହୁ,ସୋର ଓଆଇସି ପ୍ରଜ୍ଞାପ୍ରିୟା ନାୟକ,ସହ ଉପନିରିକ୍ଷିକା  ଦୀପିକା ପରିଡା,ମାନସ କୁମାର ମିଶ୍ର,ବସନ୍ତ ବାରିକ,କନେଷ୍ଟବଳ ଦେବାଶିଷ ମଲ୍ଲିକ,ତପନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ  ।

# ବିଜେଡି ମହିଳା ବରିଷ୍ଠ ଉପସଭାପତି ସୁନିତୀ ସିଂଙ୍କୁ ସାକ୍ଷାତ କଲେ ପୂର୍ବତନ ବିଧାୟକ ସୁକାନ୍ତ

ନୀଳଗିରି(ନି.ପ୍ର.) ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଗତ ୧୫ତାରିଖ ବିଜୁଜନତା ଦଳର ନୂତନ ମହିଳାଟିମ୍ ର କଳେବର କରିଥିବା ବେଳେ ଏହି ଟିମରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ସଜନାଗଡ ପଂଚାୟତ ତେଣ୍ଡା ଗ୍ରାମର ଆଦିବାସୀ ନାରୀନେତ୍ରୀ ସୁନିତୀ ସିଂଙ୍କୁ ଦଳତରଫରୁ ବଡ଼ ଭୂମିକା ମିଳିଛି । ଶ୍ରୀମତୀ ସିଂଙ୍କ କାର୍ଯ୍ୟଦକ୍ଷତା ଏବଂ ଦଳପ୍ରତି ଆନୁଗତ୍ୟ ପାଇଁ ବିଜୁ ଜନତାଦଳ ମହିଳା ବ୍ରିଗେଡର ବରିଷ୍ଠ ଉପସଭାପତି ପଦବୀ ମିଳିଛି । ତାଙ୍କ ନିଯୁକ୍ତି ପରେ ବାଲେଶ୍ୱର ସମେତ ନୀଳଗିରି ନିର୍ବାଚନମଣ୍ଡଳୀରେ କର୍ମୀ ଏବଂ ନେତାଙ୍କ ମହଲରେ ଉତ୍ସାହ ଦେଖାଦେଇଛି । ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସହିତ ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ସମାଜସେବୀ ମଦନମୋହନ ମାଝୀ, ବିଜେଡ଼ି ଯୁବନେତା ଉଦୟଜ୍ୟୋତି ମହାନ୍ତି, ଉପେନ୍ଦ୍ର ନାୟକଙ୍କ ସମେତ ବହୁ ବିଜେଡ଼ି କାର୍ଯ୍ୟକର୍ତ୍ତା ଶ୍ରୀମତୀ ସିଂଙ୍କ ବାସଭବନରେ ପହଂଚି ସୌଜନ୍ୟମୂଳକ ସାକ୍ଷାତକରିବା ସହ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ । ଆଗାମୀ ଦିନରେ ତାଙ୍କର ମାର୍ଗଦର୍ଶନରେ ଦଳ ମଜଭୁତ ହେବାସହିତ ମହିଳାମାନଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ପ୍ରତିନିଧିତ୍ୱ ଉପରେ ଅଧିକ ଗୁରୁତ୍ୱଦେବାକୁ ଏହି ପ୍ରତିନିଧିମାନେ ଜଣାଇଥିଲେ । ଏହି ଅବସରରେ ଦଳ ଏବଂ ସୁପ୍ରିମୋ ତାଙ୍କୁ ଏହି ଗୁରୁଦାୟିତ୍ୱ ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସଦାଶିବଙ୍କ ଆରାଧନାରୁ ସମାଜ କଲ୍ୟାଣ ହୁଏ

ଭଦ୍ରକ(ନି.ପ୍ର.):  ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତି ଭଦ୍ରକ ପକ୍ଷରୁ ଜାଗର ଉପଲକ୍ଷେ ଭଦ୍ରକର ପ୍ରଧାନ ଶୈବପୀଠ ବାବା ଆଖଣ୍ଡଳମଣୀଙ୍କ ଧାମରେ ସ୍ଥାନୀୟ ଷ୍ଟ୍ରଷ୍ଟ ପକ୍ଷରୁ ଏକ ଅସ୍ଥାୟୀ ମଣ୍ଡପରେ ସଦାଶିବଙ୍କ ତଥ୍ୟ, ତ□ ଓ ଗୁଣ ଗାରିମା ଉପରେ ଏକ ଆଧାତ୍ମିକ ମ□ ପ୍ରଚ୍ଚର ସମିତିର ମୁଖ୍ୟ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଚ୍ଚର ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ସହ ଆବାହକ ବାବୁଲାଲ ଦାସ ଓ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ପ୍ରବଚକ ପଣ୍ଡିତ ଲଳିତ ମୋହନ ମିଶ୍ର, ତପସ୍ୱିନୀ ପାଢ଼ୀ ଯୋଗଦାନ କରି ଶୈବ ସଂସ୍କୃତିରେ ପୂଜ୍ୟ ପୂଜାର ବ୍ୟତିକ୍ରମ ହେଲେ ସମାଜରେ ଦୁର୍ଭିକ୍ଷ, ମରଣ ଓ ଭୟ ଜାତହୁଏ ବୋଲି ବକ୍ତବ୍ୟରେ ବକ୍ତାଗଣ ପ୍ରତିପାଦିତ କରିଥିଲେ । ସମିତି ପକ୍ଷରୁ ଦିବ୍ୟ ଚେତନା ଅଭିଜାନରେ ୩ଟି ସଂକୀ□ନ ମଣ୍ଡଳୀ ବେଢ଼ା ପରିକ୍ରମା କରିଥିଲେ । ଏହି ସଂକୀ□ନ ସେବାରେ ମୁଖ୍ୟ ତ□ାବଧାରଙ୍କ ସୁରେନ୍ଦ୍ର ପ୍ରସାଦ ନାୟକ, ଦୁର୍ଗାଚରଣ ନାୟକ, ପୁଷ୍ପଲତା ପଣ୍ଡା, ଝୁନାରାଣୀ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏଥିପାଇଁ ସ୍ଥାନୀୟ ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟିର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

# ଅଧିକାରମିତ୍ରଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

ନୂଆପଡା, (ହି.ସ.)- ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ତାଲୁକ ଆଇନ ସେବା କମିଟି ଖଡ଼ିଆଳ, ସିନାପାଲି ଓ ବୋଡ଼େନ ଅନ୍ତର୍ଗତ ନବନିଯୁକ୍ତ ଅଧିକାର ମିତ୍ର ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଖଡ଼ିଆଳ ବନଖଣ୍ଡ କାର୍ଯ୍ୟାଳୟ ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଓ ଦୌରାଜଜ ତଥା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା, ସଚିବ ନବନୀତା ଦାଶ, ଖଡ଼ିଆଳର ବରିଷ୍ଠ ଦେୱାନୀ ଜଜ୍ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଇଶା ପତି, ଖଡିଆଳ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସମିକ୍ଷା ସା, ଖଡ଼ିଆଳ ଓକିଲ ସଂଘ ସଭାପତି ପ୍ରତାପ କୁମାର ଜଗତ, ପ୍ରାଧିକରଣର ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ପ୍ରକାଶ ସେନାପତି, ଉପମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅନୁପ ଶର୍ମା, ବନ ବିଭାଗର ଏ.ସି.ଏଫ ମହମ୍ମଦ ସାଲେହା, ଶ୍ରମ ବିଭାଗର ସହକାରୀ ଶ୍ରମ ଅଧିକାରୀ ନିଖିଲ ଅଗ୍ରୱାଲ୍, ଖଡ଼ିଆଳ ତାଲୁକ ଆଇନ ସେବା ସମିତିର ପ୍ୟାନେଲ୍ ଓକିଲ ତଥା ପ୍ରଶିକ୍ଷକ ଦ୍ୱିତିକୃଷ୍ଣ ବେହେରା, ଆଲୋକ ତିୱାରୀ ଓ ରବୀନ୍ଦ୍ର କୁମ୍ବାର ପ୍ରମୁଖ ଯୋଗ ଦେଇଥିଲେ ।

**AFFIDAVIT**

By virtue of an Affidavit Sworn before the Executive magistrate Betnoti, Mayurbhanj on dated 17.02.26 I Nilalata Tudu, W/o: Gurbha Tudu resident of At/Po: Kapoi, Ps: Rasgobindpur, Dist: Mayurbhanj, Pin-757018, Odisha, declare that I have changed my name from Nilalata Majhi to Nilalata Tudu. Henceforth, I shall be known as Nilalata Tudu for all purpose.

**Sd/-**
**Nilalata Tudu**

# ବରିଷ୍ଠ ନାଗରିକଙ୍କ ପାଇଁ ଏକ ସପ୍ତାହ ପାଳନ ଅବସରରେ ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ ଆୟୋଜିତ

ବ୍ରହ୍ମପୁର(ନି.ପ୍ର.): ସମାଜକୁ ବରିଷ୍ଠ ନାଗରିକମାନଙ୍କର ଅବଦାନକୁ ସ୍ୱୀକାର କରି ସେମାନଙ୍କ ପ୍ରତି ସମାଜର ଆନୁଗତ୍ୟ ପ୍ରକାଶ କରିବା ଉଦ୍ଦେଶ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସପ୍ତାହ ଗଞ୍ଜାମ ଜିଲ୍ଲା ପ୍ରଶାସନ ପାଳନ କରୁଛି କ୍ଷ ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ବ୍ରହ୍ମପୁର ମହାନଗର ନିଗମ ର ନୂତନ ସମ୍ମିଳନୀ କକ୍ଷରେ 'ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ 'ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ,ଡେପୁଟି ମେୟର ଶ୍ରୀ ବିବେକ ରେଡ୍ଡୀ, ଡେପୁଟି କମିଶନର ଶ୍ରୀ ଆଶୀର୍ବାଦ ପରିଡ଼ା , ଆସିଷ୍ଟାଂଟ କମିଶନର ଶ୍ରୀ



ରୋନିତ କୁମାର, ପ୍ରାକ୍ତନ ଡେପୁଟି କମିଶନର ଶ୍ରୀ ଆଦିତ୍ୟ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ସମସ୍ତ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା ବୁଝିବା ସହ ସ୍ନେହ ଓ ସମ୍ମାନ କରିବା ବୋଲି କହିଥିଲେ କ୍ଷ ଏହି ଆଲୋଚନା ଚକ୍ର ର ବିଷୟ ରହିଥିଲା 'ବରିଷ୍ଠ ନାଗରିକ ଆମ ବରିଷ୍ଠ ସମ୍ବଳ ' କ୍ଷ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକମାନେ ଏହି ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ କ୍ଷ ବିଚାରକ ଭାବେ ଡ଼ ସଂଗୀତା ବାବୁ,ଶ୍ରୀମତୀ ନମିତା ମହାପାତ୍ର ଓ ବିରୁପକ୍ଷ ଦାସ ଉପସ୍ଥିତ ଥିଲେ କ୍ଷ ପ୍ରଥମ ସ୍ଥାନ ସୁଶାନ୍ତ କୁମାର ପଟ୍ଟନାୟକ, ଦ୍ୱିତୀୟ ଏମ୍ ରାଜୀବ ଓ ମିହିର କାନ୍ତ ମହାପାତ୍ର ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ରୋନିତ କୁମାର ସେଠୀ ଓ ଦିନବନ୍ଧୁ ଶ୍ରିପଲଭ  । ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ ପରିଚାଳନା କରିଥିବାବେଳେ ବ୍ରହ୍ମପୁର ମହାନଗର ନିଗମ ସାମାଜିକ ସୁରକ୍ଷା ବିଭାଗର ର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ :ସାହିତ୍ୟିକ ପ୍ରତିଯୋଗିତାରେ ସ୍ୱସ୍ତି ସୁନ୍ଦରଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ବ୍ରହ୍ମପୁର(ନି.ପ୍ର.)ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଅଛି କ୍ଷ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଉଦଘାଟନ କରିଥିଲେ, ସମ୍ମାନିତ ଅତିଥି ଭାବେ ସ୍ନାତକତୋର ପରିଷଦ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ଶ୍ରୀ ସଚ୍ଚିଦାନନ୍ଦ ନାୟକ ଯୋଗଦେଇଥିଲେ କ୍ଷ କାର୍ଯ୍ୟକ୍ରମ ସଂଯୋଜକ ତଥା ଛାତ୍ର କଲ୍ୟାଣ ଅଧିକାରୀ ପ୍ରଫେସର ଗଣେଶ ସେଠିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ୨୦୨୫-୨୬ ଶିକ୍ଷା ବର୍ଷର ବୃତି ପୁରସ୍କାର ସହିତ ସାହିତ୍ୟ, ସାଂସ୍କୃତିକ ଓ କ୍ରୀଡା ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା କ୍ଷ ଅଯୋଜିତ ସାହିତ୍ୟିକ ପ୍ରତିଯୋଗିତାରେ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ଛାତ୍ର




ସ୍ୱସ୍ତି ସୁନ୍ଦର ସିଅ ଆନ୍ତଃ ମହାବିଦ୍ୟାଳୟ ସାହିତ୍ୟିକ ପ୍ରତିଯୋଗିତା ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା ଓ ରଚନା, ଅନଙ୍ଗ ମଞ୍ଜରୀ ସ୍ମାରକୀ ରଚନା, କୁଳପତି ଟ୍ରଫି ସହିତ ଆନ୍ତଃ ବିଭାଗୀୟ ଇରାଜୀ ଏବଂ ଓଡ଼ିଆ ବକ୍ତୃତା, ଏକ ମିନଟ ବକ୍ତୃତା ଆଦିରେ ଉତ୍କର୍ଷତା ସହ ସଫଳ ହେବା ସହ ଆନ୍ତଃ ମହାବିଦ୍ୟାଳୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟ ପୁରସ୍କାର ୨୦୨୬ ବିଜୟୀ ହୋଇଛନ୍ତି କ୍ଷ ପ୍ରକାଶ ଥାଉକି ସ୍ୱସ୍ତି ସୁନ୍ଦର ଜଣେ ସାଂସ୍କୃତିକ ମଂଚ ଉପସ୍ଥାପକ, ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଭାବେ ଜଣାଶୁଣା କ୍ଷ କାର୍ଯ୍ୟକ୍ରମ ଶେଷରେ ଡ଼ଃ ଶଙ୍କର୍ଷଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇଡ଼ିଆଲ ପବ୍ଲିକ ସ୍କୁଲର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡ଼ା :ଜଇପୁରାସ୍ଥିତ ଆଇଡ଼ିଆଲ ପବ୍ଲିକ ସ୍କୁଲର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ କହିଲେ ଶିକ୍ଷାର୍ଥୀ ମାନେ ଉ□ମ ଚରିତ୍ରକୁ ପ୍ରାଧାନ୍ୟ ଦେଲେ ଜୀବନର ଲକ୍ଷ୍ୟ ସ୍ଥଳରେ ପହ□ ପାରିବେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ଶିକ୍ଷାର୍ଥୀଗଣ କିପରି ଭବିଷ୍ୟତରେ ଉନ୍ନତି କରିବେ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟର ସଭାପତି ସରୋଜରାଜ ସିଂହ ଶିକ୍ଷାର୍ଥୀ ମାନଙ୍କର ମୂଳଦୁଆ ଗଠନ ଉପରେ ଆଲୋକପାତ କରିଥିଲା ବେଳେ ସମ୍ପାଦକ ଅଧିକାରୀ ପ୍ରଭାତ ଦାସ ଶିକ୍ଷାର୍ଥୀଙ୍କ ଭବିଷ୍ୟତ କିପରି ଉଜ୍ଜ୍ୱଳମୟ ହେବ ତାହା ଉପରେ ମତ ରଖିଥିଲେ । ଶିକ୍ଷକ କୈଳାସ ଚନ୍ଦ୍ର କର ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ ।



ଏହି ଅବସରରେ ବିଭିନ୍ନ ବିଭାଗରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷକ କିଶୋର କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏଥିରେ ବିଦ୍ୟାଳୟର ଉପାଧ୍ୟକ୍ଷ ବଦ୍ରିନାରାୟଣ ସିଂହ, ଶିକ୍ଷକ ଶୁଭେନ୍ଦୁ କୁମାର କର, ରଞ୍ଜନ କୁମାର ପତି, ସୁଶାନ୍ତ କୁମାର ପତି, ସ୍ମିତାରାଣୀ ଲେଙ୍କା, ବିଜୟ କେତନ ସାହୁ, ସାହିସ୍ତା ପରୱିନ୍, ନର୍ଗିସ ଫିର୍ଦ୍ଦୋଷ, ସସ୍ମିତା ଖଟୁଆ, ମିତା ମହାନ୍ତି, ମାରୁଫ ଅଲ୍ଲୀ, ସଂଘମିତ୍ରା ରାଉତରାୟ, ସସ୍ମିତା ରାଜ, ଅନସୂୟା ପରିଡ଼ା, ଅଖିଳ ପରିଡ଼ା, ସବିହା ଖାତୁନ୍, ତର୍ସ୍କିନ ଅଖତର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

**AFFIDAVIT**

By virtue of an Affidavit Sworn before the Notary Balasore, dated 17.02.2026. I Mousam Kumar Singh aged 42 Years, S/o: Purna Chandra Singh, At: Kalidashpur, Po: Haripur, P.s: Sadar, Dist: Balasore, declare that the below schedule 2 Nos of Regd.Sale Deeds have been mis placed and i am in need of getting those in duplicate copy from the concerned offices.
Schedule of R.S.D.
1) R.S.D. No-1107, date: 14.02.2007 of Mouza: Jujestipur, Balasore.
2) R.S.D. No-1673, date: 10.03.2006 of Mouza: Jujestipur, Balasore.
This affidavit is sworn to submit in the Concerned offices as and where so it is required.

**Sd/-**
**Mousam Kumar Singh**

# ଦେଶରେ ଏଆଇରେ ଦୁଇବର୍ଷରେ ଆସିବ ୨୦୦ ଅରବ ଡଲାର ନିବେଶ : ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ : କେନ୍ଦ୍ରୀୟ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ 'ଇଣ୍ଡିଆ ଏଆଇ ଇମ୍ପ୍ୟାକ୍ଟ ସମିଟ୍'ରେ କହିଛନ୍ତି ଯେ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଭାରତରେ କୃତ୍ରିମ ବୁଦ୍ଧିମତା (ଏଆଇ) କ୍ଷେତ୍ରର ପାଂଚଟି କ୍ଷେତ୍ର (ଏଆଇ ଷ୍ଟାକ୍) ମଧ୍ୟରେ ୨୦୦ ଅରବ ଆମେରିକୀୟ ଡଲାରରୁ ଅଧିକ ନିବେଶ ଆସିବାର ଆଶା ରହିଛି । ରିସ୍କ୍ କ୍ୟାପିଟାଲ୍ କମ୍ପାନୀମାନେ ଗଭୀର ପ୍ରଯୁକ୍ତି ଷ୍ଟାର୍ଟଅପ୍, ବଡ଼ ସମାଧାନ ଓ ଆପ୍ଲିକେସନ୍, ଅତ୍ୟାଧୁନିକ ମଡେଲ୍‌ରେ ଗବେଷଣା, ଏବଂ ଆଧାରଭୂମି ଓ ଉର୍ଜା କ୍ଷେତ୍ରରେ ନିବେଶ କରୁଛନ୍ତି । ଏହି ଅବସରରେ କେନ୍ଦ୍ରୀୟ ବାଣିଜ୍ୟ ଓ ଶିଳ୍ପ ରାଜ୍ୟମନ୍ତ୍ରୀ ଜିତିନ ପ୍ରସାଦ ମଧ୍ୟ ଉପସ୍ଥିତ ଥିଲେ । ବୈଷ୍ଣବ ଏଠାରେ ଭାରତ ମଣ୍ଡପମରେ ଏକ ଅଧିବେଶନରେ କହିଥିଲେ ଯେ ଭାରତର ଏକ ବଡ଼ ଶକ୍ତି ହେଲା



ଦେଶର ୫୧ ଶତାଂଶ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ସ୍ୱଚ୍ଛ ଉର୍ଜା ସ୍ରୋତରୁ ଆସୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶିତା ଓ ସ୍ୱଚ୍ଛ ଉର୍ଜା ପ୍ରତି ପ୍ରତିବଦ୍ଧତା ଦ୍ୱାରା ଏହା ସମ୍ଭବ ହୋଇଛି । ଏଆଇ ପାଇଁ ଉର୍ଜା କ୍ଷେତ୍ରରେ ନିବେଶ ଭାରତକୁ ବିଶ୍ୱ ସ୍ତରରେ ପ୍ରତିସ୍ପର୍ଦ୍ଧୀ କରିବାରେ ବଡ଼ ଲାଭ ଦେବ । ସେ ଏଆଇର ସମ୍ଭାବ୍ୟ ବିପଦ ସମ୍ବନ୍ଧରେ କହିଥିଲେ ଯେ ବିଶ୍ୱ ନେତାମାନଙ୍କ ମଧ୍ୟରେ ଏହି ମତ ଗଠିତ ହେଉଛି ଯେ ଏଆଇକୁ ଭଲ କାମ ପାଇଁ ବ୍ୟବହାର କରାଯିବା ଉଚିତ ଏବଂ ଏହାର କ୍ଷତିକାରକ ପ୍ରଭାବକୁ ରୋକିବା ଆବଶ୍ୟକ । ଏଥିପାଇଁ କେବଳ ଆଇନ୍ ପ୍ରଣୟନ ପର୍ଯ୍ୟାପ୍ତ ନୁହେଁ, ବରଂ ପ୍ରଯୁକ୍ତିକ ଓ ଆଇନଗତ ଦୃଷ୍ଟିକୋଣ ଆପଣାଇବା ଆବଶ୍ୟକ ।

# ୨୨ ହାର୍ଡ଼କୋର ମାଓବାଦୀଙ୍କ ଆତ୍ମସମର୍ପଣ : ପୁନର୍ବାସ ନୀତିରେ ଅନୁପ୍ରାଣିତ ହୋଇ ଅସ୍ତ୍ର ତ୍ୟାଗ କଲେ



ମାଲକାନଗିରି : ୨୨ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ । ମାଲକାନଗିରି ଛତିଶଗଡ ସିମାନ୍ତ ସୁକୁମା ଜିଲ୍ଲାରେ ଆଜି ୨୨ ଜଣ ହାଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରେ ୧୦ ଜଣ ମହିଳା ମାଓବାଦୀ ରହିଥିବା ସୂଚନା ମିଳିଛି । ଛତିଶଗଡ ସରକାରଙ୍କ ପୁନର୍ବାସ ନୀତିରେ ଅନୁପ୍ରାଣିତ ହୋଇ ଏମାନେ ନିଜର ଅସ୍ତ୍ରଶସ୍ତ୍ର ସହ ସୁକୁମା ପଶଲିସ ପାଖରେ ଆତ୍ମସମର୍ପଣ କରିଥିବା କହିଛନ୍ତି । ତେବେ ଆତ୍ମସମର୍ପଣ ପରେ ସମସ୍ତଙ୍କୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ଥଇଥାନ କରାଯିବା ବୋଲି ସୁକୁମା ଏସପି ସୂଚନା ଦେଇଛନ୍ତି ।



# ବାସ୍ତବ ଦୁନିଆର ଆହ୍ୱାନକୁ ସମ୍ମୁଖୀନ ହୋଇପାରିବ ଭାରତର ଏଆଇ ମିଶନ: କେନ୍ଦ୍ର ସୂଚନା ପ୍ରଯୁକ୍ତି ସଚିବ

ନୂଆଦିଲ୍ଲୀ: କୃତ୍ରିମ ବୁଦ୍ଧିମତା ବା ଏଆଇକୁ ନେଇ ଭାରତର ଆଭିମୁଖ୍ୟ ଭବିଷ୍ୟତର ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ । ଏହାର ଏଆଇ ମିଶନ ଏହିଭଳି ଭାବେ ପ୍ରସ୍ତୁତ କରାଯାଇଛି ଯାହା ବାସ୍ତବ ଦୁନିଆର ଆବଶ୍ୟକତାକୁ ପୂରଣ କରିପାରିବ । ଆଲଗୋରିଦିମରୁ ଆରମ୍ଭ କରି ଫଳାଫଳ ଯାଏ ଏହି ମିଶନ ଭାରତର ସବୁସ୍ତରର ନାଗରିକଙ୍କୁ ସୁଫଳ ଦେବା ଲାଗି ପ୍ରସ୍ତୁତ ବୋଲି କହିଛନ୍ତି କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟ ସଚିବ ଏସ୍ କ୍ରିଷ୍ଣନ୍ । ଆଜି ଭାରତ ଏଆଇ ସମ୍ମିଳନୀ ୨୦୨୬ର ଦ୍ୱିତୀୟ ଦିନରେ ଜନ କୈନ୍ଦ୍ରିକ କୃତ୍ରିମ ବୁଦ୍ଧିମତା ଏବଂ ସାର୍ବଭୌମ ବୈଷୟିକ ଦକ୍ଷତାର ଦ୍ୱୈତ ଆବଶ୍ୟକତା ସମ୍ପର୍କରେ ମତାମତ ରଖିବାକୁ ଯାଇ ସେ ଏହା କହିଛନ୍ତି । ଏହି ଅଧିବେଶନରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ବ୍ୟବସ୍ଥା ଯେପରି ସାଧାରଣ ସେବା ପ୍ରଦାନ ଏବଂ ନାଗରିକଙ୍କ କଲ୍ୟାଣରେ ଉନ୍ନତି ଆଣିପାରିବ, ସେଥିପ୍ରତି ଧ୍ୟାନ ଦିଆଯାଇଥିଲା । କମ୍ପ୍ୟୁଟ୍, ମଡେଲ୍ ଏବଂ ଡାଟା କିଭଳି ଶେଷରେ ପ୍ରୟୋଗାତ୍ମକ ଆପ୍ଲିକେସନରେ ପରିଣତ ହେବ, ଯାହା ଉତ୍ପାଦକତା ବୃଦ୍ଧି କରିବ, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବ ଏବଂ ନାଗରିକମାନଙ୍କୁ ପ୍ରତ୍ୟକ୍ଷ ସୁବିଧା ପ୍ରଦାନ କରିବ, ସେନେଇ ଏହି ଆଲୋଚନା ପର୍ଯ୍ୟବସିତ ଥିଲା । ଏହି ଅବସରରେ ବିଭାଗୀୟ




ସଚିବ ଶ୍ରୀ କୃଷ୍ଣନ କହିଛନ୍ତି ଯେ, ଭାରତ ଏଆଇ ମିଶନ ବିଭିନ୍ନ ଆବଶ୍ୟକତା ଏବଂ ବାସ୍ତବ ଦୁନିଆର ଆହ୍ୱାନଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ହେଉଛି ଏଆଇ ବ୍ୟବହାର କରି ଆମେ ସୃଷ୍ଟି କରିପାରୁଥିବା ପ୍ରଭାବଶାଳୀ ପ୍ରୟୋଗଗୁଡ଼ିକୁ ଖୋଜିବା ପାଇଁ ଏକ ମାଧ୍ୟମ । ସେ କହିଛନ୍ତି ଯେ, "ଆମେ କେବଳ ଗୋଟିଏ କାରଣ ପାଇଁ କମ୍ପ୍ୟୁଟ୍, ମଡେଲ୍ ଏବଂ ଡାଟା ପ୍ରଦାନ କରୁଛୁ, ତାହା ହେଉଛି ବାସ୍ତବ ପ୍ରଭାବ ପକାଉଥିବା ଆପ୍ଲିକେସନ୍ ଗଠନ କରିବା । ଏଣୁ ଏଆଇ ବାବଦରେ ହେଉଥିବା ଚର୍ଚ୍ଚା ସଫଳ ହେଉଛି କି ନା ତହା ଜାଣିବାକୁ ହେଲେ, ଏହା ପ୍ରକୃତରେ ବାସ୍ତବ ଦୁନିଆର ଆହ୍ୱାନକୁ ସମ୍ମୁଖୀନ ହୋଇ ପାରୁଛି କି ନା ତାହା ଜାଣିବା ଦରକାର । ଆପଣ ଯଦି ପ୍ରଦର୍ଶନୀ ବୁଲି ଦେଖିବେ ଜାଣିବେ ଯେ ଅନେକ ଷ୍ଟାର୍ଟଅପ ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା ଏବଂ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ସେଇଠୁ ହିଁ ପ୍ରଭାବ ଆସିବ । ସରକାରଙ୍କ ପାଖରେ କେବେ ବି ପର୍ଯ୍ୟାପ୍ତ ଶିକ୍ଷକ, ଡାକ୍ତର କିମ୍ବା ବିଚାରପତି ରହିବେ ନାହିଁ, କିନ୍ତୁ ଯଦି ଏଆଇ ଉତ୍ପାଦକତା ବଢ଼ାଇପାରେ, ତେବେ ସେବା ଗୁଣବତାରେ ବ୍ୟାପକ ସଂସ୍କାର ଆସିପାରିବ । ଚ୍ୟାଲେଞ୍ଜ ହେଉଛି କଣ କାମ କରୁଛି ତାହା ବାଛିବା, ଦାୟିତ୍ୱର ସହ ଏହାର ପରିସର ବଢ଼ାଇବା, ଗୋପନୀୟତା ରକ୍ଷା କରିବା ଏବଂ ସାର୍ବଜନୀନ ଅର୍ଥ ଯେପରି ମାପଯୋଗ୍ୟ ଫଳାଫଳ ସୃଷ୍ଟି କରେ ତାହା ନିଶ୍ଚିତ କରିବା ।" ଏକ୍ସପୋରେ ଥିବା ୬୦୦ ରୁ ଅଧିକ ଷ୍ଟାର୍ଟଅପ୍ ଏବଂ କମ୍ପାନୀଗୁଡ଼ିକୁ ପରିଦର୍ଶନ କରିବାକୁ ଏବଂ ଏଆଇ ବ୍ୟବହୃତ ହେଉଥିବା କ୍ଷେତ୍ରଗୁଡ଼ିକୁ ଦେଖିବା ପାଇଁ ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏହି ଅବସରରେ ଅନୁରୋଧ କରିଥିଲେ । ଏହି ଅଧିବେଶନରେ ଜେ-ପାଲର ବୈଶ୍ୱିକ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଇକବାଲ ସିଂ ଧାଲିୱାଲ ଏବଂ ଚିକାଗୋ ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ମାଇକେଲ୍ କ୍ରେମରଙ୍କ ସମେତ ଅନ୍ୟାନ୍ୟ ନୀତି ନିର୍ଦ୍ଧାରକ ଏବଂ କ୍ଷେତ୍ର ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଶ୍ରୀ ଧାଲିୱାଲ କଠୋର ମୂଲ୍ୟାଙ୍କନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, "ଯଦି ଆପଣ ବିକାଶମୂଳକ କାର୍ଯ୍ୟରେ ଯଥେଷ୍ଟ ସମୟ ବିତାଇଛନ୍ତି, ତେବେ ଆପଣ ଅନେକ 'ସିଲଭର ବୁଲେଟ୍' (ତତ୍କାଳ ସମାଧାନ) ଆସିବା ଏବଂ ଯିବାର ଦେଖିଥିବେ । ଗୋଟିଏ ପ୍ରଯୁକ୍ତି ବିଦ୍ୟା ତତ୍ୱଗତ ଭାବେ କିମ୍ବା ଲ୍ୟାବ୍ ସେଟିଂରେ ଅତ୍ୟନ୍ତ ଆଶାଜନକ ହେଲେ ବି କ୍ଷେତ୍ରସ୍ତରର ବାସ୍ତବତା ସହ ସାମ୍ନା ହେବା ମାତ୍ରେ ଏହା ବିଫଳ ହୋଇପାରେ । ସେଥିପାଇଁ ପ୍ରମାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମକୁ କେବଳ ଏଆଇ କାମ କରୁଛି କି ନାହିଁ ପଚାରିବା ଉଚିତ୍ ନୁହେଁ, ବରଂ ଏହା କାହା ପାଇଁ କାମ କରୁଛି, କେଉଁ ପରିପ୍ରେକ୍ଷୀରେ ଏବଂ କି ଫଳାଫଳ ସହିତ କାମ କରୁଛି, ତାହା ପଚାରିବା ଆବଶ୍ୟକ । କଠୋର ମୂଲ୍ୟାଙ୍କନ ଓ ଅନୁଶୀଳନ ବିନା, ଆମେ ଉତ୍ସାହକୁ ପ୍ରଭାବ ବୋଲି ଭାବି ଭୁଲ କରିବାର ଆଶଙ୍କା ରହିଛି । ଏଆଇର ଅପାର ସମ୍ଭାବନା ଅଛି, କିନ୍ତୁ କେବଳ ଯଦି ଏହାକୁ କ୍ଷେତ୍ରସ୍ତରରେ ପରୀକ୍ଷା କରାଯାଏ ଏବଂ ଲୋକଙ୍କୁ ତଥା ଫଳାଫଳକୁ କେନ୍ଦ୍ରରେ ରଖି ଦାୟିତ୍ୱର ସହ ଏହାର ସମ୍ପ୍ରସାରଣ କରାଯାଏ ।" ଚିକାଗୋ ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ମାଇକେଲ୍ କ୍ରେମର୍ କହିଛନ୍ତି, "ଆମେ ଟ୍ରାଫିକ ନିୟମ ପାଳନ, ସ୍ୱୟଂଚାଳିତ ଡ୍ରାଇଭର ଲାଇସେନ୍ସ ପରୀକ୍ଷା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି କ୍ଷେତ୍ରରେ ପ୍ରଭାବର ପ୍ରାରମ୍ଭିକ ପ୍ରମାଣ ଦେଖୁଛୁ । ଏଥିରେ ବ୍ୟକ୍ତିଗତ ଆଡାପ୍ଟିଭ୍ ଲର୍ଣ୍ଣିଂ ଅନ୍ତର୍ଭୁକ୍ତ ଯାହା ସପ୍ତାହକୁ ମାତ୍ର ଏକ ଘଂଟା ବ୍ୟବହାରରେ ଛାତ୍ରଛାତ୍ରୀଙ୍କ ଶିଖିବା ଗତିକୁ ଦ୍ୱିଗୁଣିତ କରିଛି ।

# ଦେଶରେ ଘୃଣ୍ୟ ଭାଷଣର ପ୍ରସଙ୍ଗ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଗମ୍ଭୀର : ସୁପ୍ରିମ କୋର୍ଟ

ନୂଆଦିଲ୍ଲୀ : ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବା ଲୋକଙ୍କ ଦ୍ୱାରା ଘୃଣ୍ୟ ଭାଷଣ ବୟାନ ବିରୋଧରେ ଦାୟର ଆବେଦନକୁ ସୁପ୍ରିମକୋର୍ଟ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୁଦ୍ଧରେ ନିର୍ଦ୍ଦେଶିତ ଭାବରେ ବର୍ଣ୍ଣନା କରିଛନ୍ତି । ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କୁ ରାଜନୀତିରୁ ଆଗକୁ ଯାଇ ଆବେଦନ ଦାଖଲ କରିବାକୁ କହିଛନ୍ତି । କୋର୍ଟ କହିଛନ୍ତି ଯେ ଘୃଣା ଚିନ୍ତାଧାରାରୁ ଆରମ୍ଭ ହୁଏ ଏବଂ ଆମକୁ ସମ୍ବିଧାନ ବିରୋଧୀ ଚିନ୍ତାଧାରା ଦୂର କରିବାକୁ ପଡିବ । ଲକ୍ଷ୍ନୌର ସାମାଜିକ କର୍ମୀ ରୂପରେଖା ବର୍ମାଙ୍କ ସମେତ ୧୨ ଜଣଙ୍କ ଦ୍ୱାରା ଦାୟର ଆବେଦନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ଉତରାଖଣ୍ଡ ଏବଂ ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ ଅଜିତ ଡୋଭାଲଙ୍କ ଦ୍ୱାରା ଦିଆଯାଇଥିବା ବୟାନକୁ ଉଦ୍ଧୃତ କରାଯାଇଛି । କୋର୍ଟ କହିଛନ୍ତି ଯେ ଏହା କୌଣସି ଏକକ ରାଜନୈତିକ ଦଳ କିମ୍ବା ବ୍ୟକ୍ତିଙ୍କୁ ଟାର୍ଗେଟ କରି ଆବେଦନଗୁଡ଼ିକୁ ଗ୍ରହଣ କରିପାରିବ ନାହିଁ, କିନ୍ତୁ ଘୃଣ୍ୟ ଭାଷଣର ପ୍ରସଙ୍ଗ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଗମ୍ଭୀର । ଶୁଣାଣି ସମୟରେ, କୋର୍ଟ କହିଥିଲେ ଯେ ରାଜନୈତିକ ଦଳଗୁଡ଼ିକ ସେମାନଙ୍କର ନେତାମାନଙ୍କ ଉପରେ ଲଗାମ ଲଗାଇବା ଉଚିତ ଏବଂ ଗଣମାଧ୍ୟମ ଏପରି ଘୃଣ୍ୟ ଭାଷଣ ବାରମ୍ବାର ପ୍ରସାରଣ କରିବାରୁ ନିବୃତ ରହିବା ଉଚିତ । କୋର୍ଟ ପ୍ରଶ୍ନ କରିଥିଲେ ଯେ ଯଦିଓ କୋର୍ଟ ନିର୍ଦ୍ଦେଶାବଳୀ ଜାରି କରନ୍ତି, ତଥାପି ରାଜନୈତିକ ଦଳଗୁଡ଼ିକ କ'ଣ ପାଳନ କରିବେ । କୋର୍ଟ ପ୍ରଶ୍ନ କରିଥିଲେ ଯେ ରାଜନୈତିକ ଦଳଗୁଡ଼ିକ ନିଜେ



ସେମାନଙ୍କର ଆଭ୍ୟନ୍ତରୀଣ ସମ୍ବିଧାନରେ ଘୃଣ୍ୟ ଭାଷଣ ସମ୍ପର୍କରେ ନିୟମ କାହିଁକି ପ୍ରସ୍ତୁତ କରନ୍ତି ନାହିଁ । କୋର୍ଟ କହିଛନ୍ତି ଯେ ଭାରତ ଏକ ପରିପକ୍ୱ ଗଣତନ୍ତ୍ର ଏବଂ ଏଠାରେ ଯୁକ୍ତିଯୁକ୍ତ ନୀତି ଆଶା କରାଯାଏ । ସରକାରୀ କର୍ମଚାରୀ ଏବଂ ସରକାରୀ କର୍ମଚାରୀମାନେ ଅଖିଳ ଭାରତୀୟ ସେବା ନିୟମ ଦ୍ୱାରା ଆବଦ୍ଧ । ଜଷ୍ଟିସ୍ ନାଗରତ୍ନା କହିଛନ୍ତି ଯେ ଘୃଣା ଚିନ୍ତାଧାରାରୁ ଆରମ୍ଭ ହୁଏ, ଏବଂ ଆମକୁ ସମ୍ବିଧାନ ବିରୋଧୀ ଚିନ୍ତାଧାରା ଦୂର କରିବାକୁ ପଡିବ ।

# ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ

ନୂଆଦିଲ୍ଲୀ : ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ମହାମହିମ ସୁଶ୍ରୀ ଉର୍ସୁଲା ଭନ୍ ଡେର୍ ଲେଏନ୍, ଆଜି ୟୁରୋପୀୟ ନେତାମାନଙ୍କ ଭାରତ ଗସ୍ତ ସମୟରେ ଅନୁଷ୍ଠିତ ୧୬ତମ ଭାରତ-ଇୟୁ ଶିଖର ସମ୍ମିଳନୀରେ ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଭାରତ-ଇୟୁ ଏଫ୍‌ଟିଏ) ର ସମାପ୍ତି ଘୋଷଣା କରିଛନ୍ତି । ଏହି ଘୋଷଣା ଭାରତ-ଇୟୁ ଆର୍ଥିକ ସମ୍ପର୍କ ଏବଂ ପ୍ରମୁଖ ବିଶ୍ୱସ୍ତରୀୟ ଅଂଶୀଦାରଙ୍କ ସହିତ ବାଣିଜ୍ୟ ସମ୍ପର୍କର ଏକ ଐତିହାସିକ ମାଇଲଖୁଂଟ । ଏହି FTA ର ସମାପ୍ତି ଭାରତ ଏବଂ ୟୁରୋପୀୟ ସଂଘକୁ ମୁକ୍ତ ବଜାର, ପୂର୍ବାନୁମାନ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧ ବିଶ୍ୱସ୍ତ ଅଂଶୀଦାର ଭାବରେ ସ୍ଥାନିତ କରେ । ୨୦୨୨ ମସିହାରେ ପୁନଃ ଆଲୋଚନା ଆରମ୍ଭ ହେବା ପରଠାରୁ ତୀବ୍ର ଆଲୋଚନା ପରେ ଏହି ଏଫ୍‌ଟିଏ ଆସିଛି । ଆଜିର ଏଫ୍‌ଟିଏ ଘୋଷଣା ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ନିରନ୍ତର ଆଲୋଚନା ଏବଂ ସହଯୋଗର ପରିଣାମ, ଯାହା ଏକ ସନ୍ତୁଳିତ, ଆଧୁନିକ ଏବଂ ନିୟମ-ଆଧାରିତ ଅର୍ଥନୈତିକ ଏବଂ ବାଣିଜ୍ୟିକ ସହଭାଗୀତା ପ୍ରଦାନ କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତି ଏବଂ ସହଭାଗୀ ଦୃଷ୍ଟିକୋଣକୁ ପ୍ରଦର୍ଶନ କରେ । ୟୁରୋପୀୟ ସଂଘ ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର, ବର୍ଷ ବର୍ଷ ଧରି ସାମଗ୍ରୀ ଏବଂ ସେବା କ୍ଷେତ୍ରରେ ଦ୍ୱିପାକ୍ଷିକ ବାଣିଜ୍ୟ ନିରନ୍ତର ବୃଦ୍ଧି ପାଉଛି । ୨୦୨୪-୨୫ ମସିହାରେ, ୟୁରୋପୀୟ ସଂଘ ସହିତ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୧୧.୫ ଲକ୍ଷ କୋଟି ଟଙ୍କା (୧୩୬.୫୪ ବିଲିୟନ ଡଲାର) ଥିଲା, ଯାହାର ରପ୍ତାନି ୬.୪ ଲକ୍ଷ କୋଟି ଟଙ୍କା (୭୫.୮୫ ବିଲିୟନ ଡଲାର) ଏବଂ ଆମଦାନୀ ୫.୧ ଲକ୍ଷ କୋଟି ଟଙ୍କା (୬୦.୬୮ ବିଲିୟନ ଡଲାର) ଥିଲା । ୨୦୨୪ ମସିହାରେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସେବା ବାଣିଜ୍ୟ INR ୭.୨ ଲକ୍ଷ କୋଟି (୮୩.୧୦ ବିଲିୟନ ଡଲାର)ରେ ପହଂଚିଛି । ଭାରତ ଏବଂ ୟୁରୋପୀୟ ସଂଘ ହେଉଛି ଚତୁର୍ଥ ଏବଂ ଦ୍ୱିତୀୟ ବୃହତ ଅର୍ଥନୀତି, ଯାହା ବିଶ୍ୱ ଏଉଚର ୨୫% ଏବଂ ବିଶ୍ୱ ବାଣିଜ୍ୟର ଏକ ତୃତୀୟାଂଶ ଅଟେ । ଦୁଇଟି ବୃହତ ବିବିଧ ଏବଂ ପରିପୂରକ ଅର୍ଥନୀତିର ସମନ୍ୱୟ ଅଭୂତପୂର୍ବ ବାଣିଜ୍ୟ ଏବଂ ନିବେଶ ସୁଯୋଗ ସୃଷ୍ଟି କରିବ । କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଶ୍ରୀ ପୀୟୁଷ ଗୋୟଲ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ରଣନୈତିକ ଦୃଷ୍ଟିକୋଣ ଏବଂ ଦୃଢ଼ ନେତୃତ୍ୱକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି: "ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ସମାପ୍ତି ଭାରତର ଆର୍ଥିକ ସମ୍ପର୍କ ଏବଂ ବିଶ୍ୱ ଦୃଷ୍ଟିକୋଣରେ ଏକ ପରିଭାଷିତ ସଫଳତାକୁ ପ୍ରତିନିଧିତ୍ୱ କରେ । ଏହା ବିଶ୍ୱସନୀୟ, ପାରସ୍ପରିକ ଲାଭଦାୟକ ଏବଂ ସନ୍ତୁଳିତ ସହଭାଗୀତା ସୁରକ୍ଷିତ କରିବା ପାଇଁ ଭାରତର ଆଭିମୁଖ୍ୟକୁ ସମର୍ଥନ କରେ । ଏକ ପାରମ୍ପରିକ ବାଣିଜ୍ୟ ଚୁକ୍ତିନାମା ବ୍ୟତୀତ, ଏହା ରଣନୈତିକ ପରିମାଣ ସହିତ ଏକ ବ୍ୟାପକ ସହଭାଗୀତାକୁ ପ୍ରତିନିଧିତ୍ୱ କରେ ଏବଂ ସବୁଠାରୁ ଫଳପ୍ରଦ ରଞ୍ଜଇ ମଧ୍ୟରୁ ଗୋଟିଏ । ଭାରତ ରଟ କୁ ବାଣିଜ୍ୟ ମୂଲ୍ୟ ଦ୍ୱାରା ୯୯% ରୁ ଅଧିକ ଭାରତୀୟ ରପ୍ତାନି ପାଇଁ ଅଭୂତପୂର୍ବ ବଜାର ପ୍ରବେଶ ସୁରକ୍ଷିତ କରିଛି ଯାହା 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ମଧ୍ୟ ଶକ୍ତିଶାଳୀ କରିଥାଏ । ସାମଗ୍ରୀ ବ୍ୟତୀତ, ଏହା ଏକ ବ୍ୟାପକ ଗତିଶୀଳତା ଢାଂଚା ଦ୍ୱାରା ପରିପୂରକ ସେବାରେ ଉଚ୍ଚ-ମୂଲ୍ୟ ପ୍ରତିବଦ୍ଧତାକୁ ଅନଲକ୍ କରେ ଯାହା ଦକ୍ଷ ଭାରତୀୟ ବୃତିଗତଙ୍କ ନିର୍ବିଘ୍ନ ଗତିକୁ ସକ୍ଷମ କରିଥାଏ ।

# ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ୭୦ତମ ରେଳ ସପ୍ତାହ ପାଳିତ

କୋଲକାତା : ଦକ୍ଷିଣ ପୂର୍ବ ରେଳବାଇ ୧୭.୦୨.୨୦୨୬ ରେ SER ମୁଖ୍ୟାଳୟ, ଗାର୍ଡେନ ରିଚ୍ ଠାରେ ୭୦ତମ ରେଳ ସପ୍ତାହ - 'ବିଶିଷ୍ଟ ରେଳ ସେବା ପୁରସ୍କାର, ୨୦୨୫' ପାଳନ କରିଛି । ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ମିଶ୍ର ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୌମିତ୍ର ମଜୁମଦାର, ବରିଷ୍ଠ ଉପ ମହାପ୍ରବନ୍ଧକ ଶ୍ରୀ ସୁରିନ୍ଦର ପାଲ ଏବଂ ସମସ୍ତ ୪ ଟି ଡିଭିଜନର ସମସ୍ତ ପ୍ରମୁଖ ବିଭାଗର ମୁଖ୍ୟ ଏବଂ ବିଭାଗୀୟ ରେଳ ପରିଚାଳକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୋଟ ୮୧ ଜଣ ମନୋନୀତ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କୁ ୨୦୨୪-୨୫ ବର୍ଷ ମଧ୍ୟରେ ସେମାନଙ୍କର ଉତ୍କୃଷ୍ଟ ସେବା ଏବଂ କର୍ତବ୍ୟ ପ୍ରତି ନିଷ୍ଠା ପାଇଁ ସମ୍ମାନିତ କରାଯାଇଥିଲା । ଏହା ବ୍ୟତୀତ, ମୋଟ ୩୫ ଜଣ ରେଳ କର୍ମଚାରୀଙ୍କୁ ରେଳ ସେବା




ପୁରସ୍କାର-୨୦୨୪ ଏବଂ ୩୭ ଜଣ କର୍ମଚାରୀଙ୍କୁ ସେମାନଙ୍କର ଅବଦାନ ପାଇଁ ରେଳ ସେବା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି । ସର୍ବୋତମ ସର୍ବାଙ୍ଗୀନ ପ୍ରଦର୍ଶନ ପାଇଁ ଆଦ୍ରା ଡିଭିଜନକୁ ସାମଗ୍ରିକ ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଥିଲା । ଅନ୍ୟାନ୍ୟ ବର୍ଗରେ ଦକ୍ଷତା ସିଲ୍ଡ ବିଭିନ୍ନ ବିଭାଗ ଏବଂ କର୍ମଶାଳାକୁ ମଧ୍ୟ ପ୍ରଦାନ କରାଯାଇଥିଲା । ଡିଭିଜନ/ ୟୁନିଟଗୁଡ଼ିକୁ ମୋଟ ୩୩ ଟି ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଥିଲା । ଟାଟାନଗର ରେଳ ଷ୍ଟେସନକୁ ଶ୍ରେଷ୍ଠ ରକ୍ଷିତ ଷ୍ଟେସନ ଭାବରେ ବିବେଚିତ କରାଯାଇଛି । ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ମିଶ୍ର ସମାବେଶକୁ ସମ୍ବୋଧିତ କରି ମାଲ ପରିବହନ ଏବଂ ଯାତ୍ରୀ କ୍ଷେତ୍ରରେ ଏସଇ ରେଳବାଇର ସଫଳତା ବିଷୟରେ ଉଲ୍ଲେଖ କରିଥିଲେ । ସେ ବିଭିନ୍ନ ଚ୍ୟାଲେଞ୍ଜ ସତ୍ୱେ ସେମାନଙ୍କର ନିଷ୍ଠାପର ପ୍ରୟାସ ଏବଂ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ରେଳ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ । ଏପ୍ରିଲରୁ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ, ଏସଇଆର ୧୭୧ ନିୟୁତ ଟନ୍ ମାଲ ପରିବହନର ପ୍ରଶଂସନୀୟ ଲୋଡିଂ ହାସଲ କରିଥିଲା ଏବଂ ଏହି ସମୟ ପାଇଁ ମାଲ ପରିବହନ ରାଜସ୍ୱ ୧୫,୭୦୮ କୋଟି ଥିଲା । ଦକ୍ଷିଣ ପୂର୍ବ ରେଳବାଇ ଚଳିତ ଆର୍ଥିକ ବର୍ଷରେ ଜାନୁଆରୀ ୨୦୨୬ ସୁଦ୍ଧା ପ୍ରାୟ ୧୮.୬ କୋଟି ଯାତ୍ରୀ ପରିବହନ କରିଛି, ଯାହା ଦ୍ୱାରା ପ୍ରାରମ୍ଭିକ ଯାତ୍ରୀ ଭଡ଼ା ରାଜସ୍ୱ ୨,୪୭୪ କୋଟି ରୋଜଗାର କରିଛି । ସେ ଯାତ୍ରୀ ଏବଂ ମାଲ ଗ୍ରାହକଙ୍କ ସନ୍ତୁଷ୍ଟି ହାସଲ କରିବା ପାଇଁ ସମସ୍ତ ପ୍ରୟାସ କରିବାକୁ ରେଳ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ରାଜ୍ୟରେ ଆଉ ୨ ଦିନ କଲବଲ କରିବ ଘନ କୁହୁଡ଼ି

ଭୁବନେଶ୍ୱର : ରାଜ୍ୟର ବିଭିନ୍ନ ସ୍ଥାନ ସମେତ ଟ୍ୱିନସିଟିରେ ଘନ କୁହୁଡ଼ି । ସକାଳୁ ସକାଳୁ ଭୁବନେଶ୍ୱର ଓ କଟକରେ ଘନ କୁହୁଡିର ଆସ୍ତରଣ ଦେଖିବାକୁ ମିଳିଛି ।



ପ୍ରବଳ କୁହୁଡିରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା । ୫୦ ମିଟର ପର୍ଯ୍ୟନ୍ତ ଭିଜିବିଲିଟି ଶୂନ ରହିଛି । ରାସ୍ତାଘାଟ ଦିଶୁନଥିବାରୁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି । ଆସନ୍ତା ୩ ଦିନ ମଧ୍ୟରେ ପାରଦ ୨ରୁ ୩ ଡିଗ୍ରୀ ସେଲସିୟସ ବଢିବା ସମ୍ଭାବନା ରହିଛି । ଏହା ସତ୍ୱେ ମଧ ଥଣ୍ଡା କିଛି ମାତ୍ରାରେ ଜାରି ରହିବା ଆକଳନ କରାଯାଇଛି । ସେହିପରି ଘନ କୁହୁଡ଼ି ଯୋଗୁଁ ଲୁଚିଯାଇଛି ପୁରୀ ଶ୍ରୀମନ୍ଦିର । ଆଜି ପ୍ରବଳ କୁହୁଡ଼ି ହୋଇଥିବା ବେଳେ ଶ୍ରୀମନ୍ଦିର ଓ ନୀଳଚକ୍ର ଦୃଶ୍ୟମାନ ହେଉନି । କୁହୁଡିର ମାତ୍ରା ଏତେ ଅଧିକ ଯେ ଅତିନିକଟରୁ ବି ମନ୍ଦିର ଦେଖିବା କଷ୍ଟକର ହୋଇପଡିଛି । ବଡ଼ ଦାଣ୍ଡରେ ବି ପ୍ରବଳ କୁହୁଡ଼ି ଯୋଗୁଁ ଦୃଶ୍ୟମାନ ଦୂରତା କମିଛି । ଅନ୍ୟପଟେ ପଶ୍ଚିମ ଓଡ଼ିଶାରେ ରାତି ତାପମାତ୍ରା ୧୫ ଡିଗ୍ରୀ ସହ ଫୁଲବାଣୀ ଓ ରାଉରକେଲାରେ ୧୨ ଡିଗ୍ରୀ, ଝାରସୁଗୁଡ଼ାରେ ୧୩, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼ ଓ କେନ୍ଦୁଝରରେ ୧୪ ଡିଗ୍ରୀ ରହିପାରେ । କିନ୍ତୁ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ୧୮ ଡିଗ୍ରୀ ବା ଏହାଠାରୁ ଅଧିକ ରହିପାରେ । ରାଜ୍ୟକୁ ଏବେ କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ କୁହୁଡ଼ି ସ୍ଥିତି ଜାରି ରହିଛି ।

# ରଣଜୀ ଟ୍ରଫି ସେମି ଫାଇନାଲ : ମହମ୍ମଦ ସାମିଙ୍କୁ ୫ ୱିକେଟ୍

ନୂଆଦିଲ୍ଲୀ : ଚଳିତ ରଣଜୀଟ୍ରଫିରେ ସେମିରେ ବେଙ୍ଗଲରେ ମହମ୍ମଦ ସାମି ଝଡ଼ ଦେଖିବାକୁ ମିଳିଛି । ଜମ୍ମୁ କାଶ୍ମୀରର ବିପକ୍ଷରେ ସାମିଙ୍କୁ ୫ ସଫଳତା ମିଳିଛି । ଜମ୍ମୁ-କାଶ୍ମୀର ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭିକ ବିପର୍ଯ୍ୟୟରେ ସମ୍ମୁଖୀନ ହୋଇଛି । ପ୍ରଥମ ଦିନ ସାମି ଦୁଇ ଓପନରଙ୍କୁ ପାଭିଲିୟନ ପଠାଇଥିବା ବେଳେ ଦ୍ୱିତୀୟ ଦିନ ୩ ସଫଳତା ହାସଲ କରିଛନ୍ତି । ବେଙ୍ଗଲ ବନାମ ଜମ୍ମୁକାଶ୍ମୀର- ବେଙ୍ଗଲ ଅସମାପ୍ତ ପ୍ରଥମ ଇନିଂସ୍ ୫/୨୪୯ରୁ ବ୍ୟାଟିଂ ଆରମ୍ଭ କରି ୩୨୮ରନ୍‌ରେ ସୀମିତ ରହିଥିଲା । ସୁଦୀପ କୁମାର ଘରାମି ୧୪୬ ଓ ସୁମନ୍ତ ଗୁପ୍ତା ୩୯ ରନ୍ କରିଥିଲେ । ଜମ୍ମୁକାଶ୍ମୀର ପେସ୍ ବୋଲର ଆକିବ ନବି ୫ଟି ଓ ସୁନିଲ କୁମାର ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ଜମ୍ମୁ-କାଶ୍ମୀର ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭିକ ବିପର୍ଯ୍ୟୟରେ ସମ୍ମୁଖୀନ ହୋଇଥିଲା । ୧୩ରନ୍‌ମଧ୍ୟରେ ଦଳ ୩ଟି ୱିକେଟ୍ ହରାଇଥିଲା । ବେଙ୍ଗଲ ପେସ୍ ବୋଲର ମହମ୍ମଦ ସାମି ଦୁଇ ଓପନର ଶୁଭମ ଖଜୁରିଆ (୩) ଓ ୟାୱିର ହାସାନଙ୍କୁ (୨) ଆଉଟ୍ କରିଥିବାବେଳେ ମୁକେଶ କୁମାର ଅଭିଜ୍ଞ



ଶୁଭମ ପୁଣ୍ଡିରଙ୍କୁ (୮) ପାଭିଲିୟନ ପଠାଇଥିଲେ । ମଧ୍ୟଭାଗରେ ପାରସ ଡୋଗ୍ରା ଓ ଅବଦୁଲ ସମଦ ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ସ୍ଥିତି ସୁଧାରିଥିଲେ । ଦଳୀୟ ସ୍କୋର ୧୫୬ରେ ବ୍ୟକ୍ତିଗତ ୮୨ରନ୍ କରି ଆଉଟ୍ ହୋଇଥିଲେ ସମଦ । ପରେ ପରେ ଡୋଗ୍ରା ମଧ୍ୟ ୫୮ରନ୍ କରି ବିଦାୟ ନେଇଥିଲେ । କହ୍ନେୟା (୧୦) ଓ ଅବିଦ ମୁସ୍ତାକ (୨୬) ଷ୍ଟମ୍ପ ପର୍ଯ୍ୟନ୍ତ ଅପରାଜିତ ରହି ସ୍କୋର ୫/୧୯୮ରେ ପହଂଚାଇ ଥିଲେ । ବେଙ୍ଗଲର ମହମ୍ମଦ ସାମିଙ୍କ ୫ ସଫଳତା ପରେ ବର୍ତମାନ ଜମ୍ମୁକାଶ୍ମୀର ସ୍କୋର ୨୨୨ ରନ୍‌ରେ ପହଂଚିଛି । ୭ ୱିକେଟ ହରାଇ ସାରିଛି ଦଳ ।

# ଟି-୨୦ ବିଶ୍ୱକପ୍ : ସୁପର -୮ ରାଉଣ୍ଡରୁ ବାଦ୍ ପଡ଼ିଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ –ସିକନ୍ଦର ରଜାଙ୍କ ପରିଚାଳନାରେ ଜିମ୍ବାୱେ ଟିମ୍ ଟି-୨୦ ବିଶ୍ୱକପ୍ ୨୦୨୬ରେ ଐତିହାସିକ ଉପଲବ୍ଧି ହାସଲ କରିଛି । ଜିମ୍ବାୱେ ଟୁର୍ଣ୍ଣାମେଂଟରେ ପ୍ରଥମ ଥର ସୁପର-୮ ରାଉଣ୍ଡରେ ସ୍ଥାନ ପକ୍କା କରି ନେଇଛି । ଜିମ୍ବାୱେ ପଲ୍ଲେକେଲେରେ ଆୟରଲ୍ୟାଣ୍ଡ ମ୍ୟାଚ୍ ବାତିଲ ହେବା ପରେ ଆଗାମୀ ରାଉଣ୍ଡର ଟିକେଟ କାଟି ଥିଲା । ମଙ୍ଗଳବାର ଜିମ୍ବାୱେ ବନାମ ଆୟରଲ୍ୟାଣ୍ଡ ଗ୍ରୁପ୍-ବି ମ୍ୟାଚ୍‌ରେ ବର୍ଷା କାରଣରୁ ଟସ୍ ବି ହୋଇ ପାରି ନାହିଁ । ମ୍ୟାଚ୍ ବାତିଲ ହେବା କାରଣରୁ ଦୁଇ ଟିମ୍‌କୁ ୧-୧ ପଏଂଟ ବାଂଟିବାକୁ ପଡ଼ିଥିଲା । ଜିମ୍ବାୱେ ଗ୍ରୁପ୍ –ବିରୁ ଆଗାମୀ ପର୍ଯ୍ୟାୟକୁ ପହଂଚିବାରେ ଦ୍ୱିତୀୟ ଟିମ୍ ହୋଇ ପାରିଛି । ତାର ଆକାଉଂଟରେ ତିନୋଟି ମ୍ୟାଚ୍‌ରେ ପାଂଚ ପଏଂଟ ରହିଛି । ଗ୍ରୁପ୍-ବିରୁ ସହ-ପ୍ରାୟୋଜକ ଶ୍ରୀଲଙ୍କା ତିନୋଟି ମ୍ୟାଚ୍‌ରେ ୬ ପଏଂଟ ସହ ପ୍ରଥମେ ସୁପର-୮ରେ ପହଂଚି ସାରିଛି ।



ଆୟରଲ୍ୟାଣ୍ଡ (୪ ମ୍ୟାଚ୍‌ରେ ୩ ପଏଂଟ) ସହ ଅଷ୍ଟ୍ରେଲିଆ (ତିନି ମ୍ୟାଚ୍‌ରେ ୨ ପଏଂଟ )ର ମଧ ସୁପର-୮ ରାଉଣ୍ଡର ଆଶା ମଉଳି ଯାଇଛି । ଅଷ୍ଟ୍ରେଲିଆ ୧୭ ବର୍ଷ ପରେ ଟୁର୍ଣ୍ଣାମେଂଟର ଗ୍ରୁପ୍ ପର୍ଯ୍ୟାୟରୁ ବାହାର ହୋଇ ଯାଇଛି । ଅଷ୍ଟ୍ରେଲିଆର ଏହା ପୂର୍ବରୁ ୨୦୦୯ ଟି-୨୦ ବିଶ୍ୱକପ୍‌ରେ ଗ୍ରୁପ୍ ଷ୍ଟେଜ୍‌ରୁ ଆଉଟ୍ ହୋଇ ଯାଇଥିଲା । ୨୦୨୧ର ଟି-୨୦ ବିଶ୍ୱକପ୍ ବିଜେତା ଅଷ୍ଟ୍ରେଲିଆର ଆଗାମୀ ପର୍ଯ୍ୟାୟର ଆଶା ଆୟରଲ୍ୟାଣ୍ଡର ବିଜୟ ଉପରେ ତିଷ୍ଠି ରହିଥିଲା , କିନ୍ତୁ ଭାଗ୍ୟ ସାହାଯ୍ୟ କଲା ନାହିଁ । ଅଷ୍ଟ୍ରେଲିଆକୁ ନିଜର ଦୁଇଟି ମ୍ୟାଚ୍‌ରେ ପରାଜୟର ସାମ୍ନା କରିବାକୁ ପଡ଼ିଲା । ଶ୍ରୀଲଙ୍କା କଙ୍ଗାରୁ ଟିମ୍‌କୁ ଆଠ ୱିକେଟ୍‌ରେ ହରାଇ ଥିଲା ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**